# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୮/୨୦୨୪ (୧୪ ପୃଷ୍ଠା) Bhubaneswar, Monday, November 18/2024 Page 14 ₹ 7.00

୫୦ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 353 ମୂଲ୍ୟ₹୭/-


## ଭିକ୍ଟୋରିଆ କଜେର ମିସ୍ ୟୁନିଭର୍ସ



**ମେକ୍ସିକୋ ସିଟି,୧୭।୧୧**

ଡେନ୍‌ମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର ଚଳିତବର୍ଷ ମିସ୍ ୟୁନିଭର୍ସ ବିଜେତା ହୋଇଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଡେନ୍‌ମାର୍କର ଏହା ପ୍ରଥମ ବିଜୟ। ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲ୍‌ଟ୍ରାନ୍ ପ୍ରଥମ ରନର ଅପ୍ ହୋଇଥିବାବେଳେ ନାଇଜେରିଆର ଚିଡିମ୍ମା ଅଦେତ୍‌ଶିନା ଦ୍ୱିତୀୟ ରନର ଅପ୍ ଘୋଷିତ ହୋଇଛନ୍ତି। ତେବେ ଭାରତର ମିସ୍ ୟୁନିଭର୍ସ ବିଜୟ ଆଶା ମଉଳିଯାଇଛି। ଭାରତରୁ ପ୍ରତିନିଧିତ୍ୱ କରୁଥିବା ରିଆ ସିଙ୍ଘା ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ପ୍ରଥମ ୧୨ ଜଣଙ୍କ ମଧ୍ୟରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି। ୧୨ ଫାଇନାଲିଷ୍ଟଙ୍କ ମଧ୍ୟରୁ ୭ ଜଣ ଲାଟିନ୍ ଆମେରିକାରୁ ଥିଲେ। ମେକ୍ସିକୋରେ ଅନୁଷ୍ଠିତ ୭୩ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାର ଚୂଡ଼ାନ୍ତ ରାଉଣ୍ଡରେ ଶୀର୍ଷ ୫ ସ୍ଥାନରେ ମେକ୍ସିକୋ, ନାଇଜେରିଆ, ଥାଇଲାଣ୍ଡ, ଭେନେଜୁଏଲା ଏବଂ ଡେନ୍‌ମାର୍କ ରହିଥିଲେ।

# ଜଳବାୟୁ ପରିବର୍ତ୍ତନରୁ ବଢୁଛି ଡେଙ୍ଗୁ

**ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ବିଶ୍ୱସ୍ତରୀୟ ସମସ୍ୟା ଭାବେ ଉଭାହୋଇଛି। ଏଥିଯୋଗୁ ମାନବ ସମାଜ ଉପରେ ଅନେକ ପ୍ରତିକୂଳ ପ୍ରଭାବ ପଡୁଛି। ଏକ ନୂତନ ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏବେ ଜଳବାୟୁ ପରିବର୍ତ୍ତନ ୧୯% ଡେଙ୍ଗୁ ସଂକ୍ରମଣର କାରଣ ବୋଲି ଜଣାପଡ଼ିଛି। ଆଗାମୀ ଦିନରେ ଏହା ୪୦ରୁ ୫୦%କୁ ବୃଦ୍ଧି ପାଇବା ଆଶଙ୍କା ରହିଥିବା ଅଧ୍ୟୟନରେ ଦର୍ଶାଯାଇଛି। ତାପମାତ୍ରା ବୃଦ୍ଧି ଭୂତାଣୁ ବାହକ ମଶାଙ୍କୁ ସୁହାଉଥିବାବେଳେ ଅତ୍ୟଧିକ ବର୍ଷା ଏବଂ ବନ୍ୟାସ୍ଥିତି ପରେ ଜଳାଶୟଗୁଡ଼ିକରେ ପାଣି ଜମି ରହିବା ଯୋଗୁ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଛି।**

**ୱାଶିଂଟନ୍,୧୭।୧୧**

ବିଶ୍ୱରେ ଡେଙ୍ଗୁ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ଏଥିରୁ ୧୯% ମାମଲା ପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରାଯାଉଛି। ୨୦୫୦ ସୁଦ୍ଧା ଆହୁରି ୪୦ରୁ ୫୦% ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। କେତେକ ଅଞ୍ଚଳରେ ୧୫୦-୨୦୦% ବୃଦ୍ଧି ପାଇବ ବୋଲି ଆମେରିକାନ୍ ସୋସାଇଟି ଅଫ୍ ଟ୍ରପିକାଲ ମେଡିସିନ୍ ଆଣ୍ଡ ହାଇଜିନ୍ (ଏଏସ୍‌ଟିଏମ୍‌ଏଚ୍)ର ବାର୍ଷିକ ବୈଠକରେ ଶନିବାର ଉପସ୍ଥାପିତ ଏକ ସଦ୍ୟ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ଷ୍ଟାନ୍‌ଫୋର୍ଡ ଓ ହାର୍ଭାର୍ଡ ୟୁନିଭର୍ସିଟିର ଗବେଷକମାନେ ମଧ୍ୟ ଏହି ମଶାବାହକ ରୋଗ ବୃଦ୍ଧି ପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିବା ଭଳି ସ୍ପଷ୍ଟ ପ୍ରମାଣ ପାଇଛନ୍ତି। ଆର୍ଜେଣ୍ଟିନା, କୋଷ୍ଟାରିକା, ଗୁଆଟେମାଲା, ନିକାରାଗୁଆ, ପେରୁ, ବ୍ରାଜିଲ, ଡୋମିନିକ୍, ହୋଣ୍ଡୁରାସ୍, ପାନାମା, ଉରୁଗୁଏ, ମେକ୍ସିକୋ, ଏଲ୍-ସଲଭାଡୋର, ପୁରୁଗୁଏ, କଲମ୍ବିଆ, ଭେନିଜୁଏଲା ଆଦି ଆମେରିକାସ୍ ରାଷ୍ଟ୍ର ସମୂହରେ ୨୦୨୩ରେ ୪.୬ ନିୟୁତ ଡେଙ୍ଗୁ ମାମଲା ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ଏହା ୧୨ ନିୟୁତ ଛୁଇଁଲାଣି। ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଏଥିରେ ସତର୍କ କରାଯାଇଛି। ଜଳବାୟୁ ପରିବର୍ତ୍ତନଜନିତ ଡେଙ୍ଗୁ ସଂକ୍ରମଣରୁ ଭାରତ ମଧ୍ୟ ମୁକ୍ତ ନୁହେଁ। ଡେଙ୍ଗୁ ସଂକ୍ରମଣ ଭାରତରେ ବଢ଼ିବାରେ ଲାଗିଛି। ପାଣିପାଗରେ ଉଷ୍ମତା ରହିଲେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ହିମାଚଳ ପ୍ରଦେଶର ☞ପୃଷ୍ଠା-୪

## ଓଡ଼ିଶାରେ ୫ ବର୍ଷରେ ୩୮ ହଜାର ଡେଙ୍ଗୁ ଆକ୍ରାନ୍ତ

**ଭୁବନେଶ୍ୱର,୧୭।୧୧(ବନ୍ଦନା ସେଠୀ)**


ଗତ କିଛିବର୍ଷ ଧରି ଓଡ଼ିଶାରେ ବୃଦ୍ଧି ପାଉଥିବା ଡେଙ୍ଗୁ ସଂକ୍ରମଣ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଡେଙ୍ଗୁକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏଥିରେ ବ୍ରେକ୍ ଲାଗିପାରୁ ନାହିଁ। ୨୦୧୯ରେ ରାଜ୍ୟରୁ ପ୍ରାୟ ୩ହଜାର ୭୫୮ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୦୨୦ରେ ୪ହଜାର ୯୬, ୨୦୨୧ରେ ୭ହଜାର ୫୪୮, ୨୦୨୨ରେ ୭ହଜାର ୬୩, ୨୦୨୩ରେ ୧୨ହଜାର ୮୪୫ ଏବଂ ୨୦୨୪ ନଭେମ୍ବର ପ୍ରଥମ ସପ୍ତାହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମାନଚିତ୍ର ବଦଳିଯାଇପାରେ







## ସଂକ୍ଷେପରେ

### ପୂର୍ବତନ ସିଜେଆଇଙ୍କୁ ଉଦ୍ଧବଙ୍କ ସମାଲୋଚନା

ମୁମ୍ବାଇ,୧୭।୧୧

ଶିବସେନା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ମାମଲାରେ ରାୟ ଦେଇ ନ ଥିବା ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ସମାଲୋଚନା କରିଛନ୍ତି। ରାୟ ପ୍ରଦାନ କରିବା ପରିବର୍ତ୍ତେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଜଣେ ଟିପ୍ପଣୀକାର ଭାବେ କାର୍ଯ୍ୟ ସାରିଦେଲେ। ଯଦି ସେ ବିଚାରପତି ନ ହୋଇ ଅଧ୍ୟାପକ ହୋଇଥାନ୍ତେ, ତେବେ ଅଧିକ ଖ୍ୟାତି ଅର୍ଜନ କରିଥାନ୍ତେ ବୋଲି ଉଦ୍ଧବ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଜୁନ୍‌ରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ଶିବସେନାର ୪୦ ବିଧାୟକ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କ ବିରୋଧରେ ବିଦ୍ରୋହ କରିବା ସହ ଦଳରୁ ଅଲଗା ହୋଇ ଭାଜପା ସମର୍ଥନରେ ମହାରାଷ୍ଟ୍ରରେ ସରକାର ଗଢ଼ିଥିଲେ। ଉକ୍ତ ବିଧାୟକମାନଙ୍କ ବିରୋଧରେ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଅଯୋଗ୍ୟ ଘୋଷଣା ପିଟିଶନ ଦାଏର କରିଥିବାବେଳେ ଶିନ୍ଦେ ଗୋଷ୍ଠୀ ଉଦ୍ଧବଙ୍କ କ୍ୟାମ୍ପର ୧୪ ବିଧାୟକଙ୍କ ନାଁରେ ଅନୁରୂପ ଆବେଦନ କରିଥିଲା। ଏହି ମାମଲାର ଏପର୍ଯ୍ୟନ୍ତ ବିଚାର ହୋଇପାରି ନାହିଁ।

### ବୈଶ୍ୱିକ ପ୍ରତିକୂଳ ସ୍ଥିତିର ମୁକାବିଲା ପାଇଁ ଭାରତୀୟ ଅର୍ଥନୀତି ସମର୍ଥ: ଶକ୍ତିକାନ୍ତ

କୋଚି,୧୭।୧୧

ବୈଶ୍ୱିକ ପ୍ରତିକୂଳ ସ୍ଥିତିର ମୁକାବିଲା ପାଇଁ ଭାରତୀୟ ଅର୍ଥନୀତି ସମର୍ଥ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଦେଶର ବାହ୍ୟ ସେକ୍ଟର ଦୃଢ଼ ରହିଥିବାବେଳେ ଚଳନ୍ତି ଆକାଉଣ୍ଟ ନିଅଣ୍ଟ ଚଳନୀୟ ସୀମା ମଧ୍ୟରେ ଅର୍ଥାତ୍ ୧.୧ ରହିଛି। ବର୍ତ୍ତମାନ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ସ୍ଥିରତା ଏବଂ ସାମର୍ଥ୍ୟର ଚିତ୍ରକୁ ପ୍ରଦର୍ଶିତ କରୁଛି ବୋଲି କୋଚି ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ୍‌ର ଶୁଭାରମ୍ଭ ଅବସରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଶକ୍ତିକାନ୍ତ କହିଛନ୍ତି। ଭାରତର ବିଦେଶ ବିନିମୟ ଭଣ୍ଡାର ୬୭୫ ବିଲିୟନ ଡଲାର ଯାହାକି ବିଶ୍ୱର ଅନ୍ୟତମ ସର୍ବାଧିକ। ମୁଦ୍ରାସ୍ଫୀତି ସାମୟିକ ବଢ଼ିଥିଲେ ମଧ୍ୟ ଏହା ହ୍ରାସ ପାଇବା ଆଶା କରାଯାଉଥିବା ଆର୍‌ବିଆଇ ଗଭର୍ନର କହିଛନ୍ତି। ସୂଚନାଯୋଗ୍ୟ, ଖାଦ୍ୟସାମଗ୍ରୀ ଦର ବୃଦ୍ଧି ଯୋଗୁ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୨ ପ୍ରତିଶତକୁ ବଢ଼ିଛି, ଯାହାକି ସେପ୍ଟେମ୍ବରରେ ୫.୫ ପ୍ରତିଶତ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆର୍‌ବିଆଇ ନୋଟ ଛାପିବା ବନ୍ଦ କରିଦେଇଛି। କାରଣ ନୋଟ ଛାପିବା ଆରମ୍ଭ ହେଲେ ଆମେ ସମାଧାନ କରିବାକୁ ଉଦ୍ୟମ କରୁଥିବା ସମସ୍ୟା ଆହୁରି ବଢ଼ିଯାଇ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ସୁଧହାର ୪ ପ୍ରତିଶତ ରଖାଯାଇଥିବାରୁ ଋଣ ଆଦାୟ ଅଧିକ ସହଜ ହୋଇଛି। ତେବେ ସେବା ଓ ଅନ୍ୟାନ୍ୟ ସେକ୍ଟରରେ ଢାଞ୍ଚାଗତ ସଂସ୍କାର ଆବଶ୍ୟକ ବୋଲି ଶକ୍ତିକାନ୍ତ କହିଛନ୍ତି। ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍) ଏବଂ ୟୁଏଲ୍‌ଆଇ (ୟୁନିଫାଏଡ୍ ଲେଣ୍ଡିଂ ଇଣ୍ଟରଫେସ୍) ଭଳି ଆର୍‌ବିଆଇ କ୍ଷୁଦ୍ର ଉଦ୍ୟୋଗୀ ଏବଂ ଚାଷୀମାନଙ୍କୁ ଋଣ ପ୍ରଦାନରେ ପରିବର୍ତ୍ତନ ଆଣିବାକୁ ଯାଉଥିବା ସେ କହିଛନ୍ତି।

### 'ଦି ସାବରମତୀ ରିପୋର୍ଟ'କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୭।୧୧

୨୦୦୨ର ଗୋଧ୍ରା ଟ୍ରେନ୍ ଟ୍ରାଜେଡିକୁ ନେଇ ଆଧାରିତ 'ଦି ସାବରମତୀ ରିପୋର୍ଟ' ଫିଲ୍ମ ଗତ ୧୫ ତାରିଖରେ ରିଲିଜ୍ ହୋଇଛି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଫିଲ୍ମକୁ ପ୍ରଶଂସା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଫିଲ୍ମକୁ ନେଇ ଆଲୋକ ଭଟ୍ଟ ନାମକ ଜଣେ ୟୁଜର୍ସଙ୍କ ରିଭ୍ୟୁକୁ ଶେୟାର କରିବା ସହ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, କୌଣସି ଘଟଣାକୁ ନେଇ ଫେକ୍ ନ୍ୟାରେଟିଭ୍ ବେଶି ସମୟ ଧରି ଚାଲେ ନାହିଁ। ଧୀରେ ଧୀରେ ସତ୍ୟ ସାମ୍‌ନାକୁ ଆସୁଛି। 'ଦି ସାବରମତୀ ରିପୋର୍ଟ' ଫିଲ୍ମ ମାଧ୍ୟମରେ ସାଧାରଣ ଲୋକେ ଗୋଧ୍ରା ଟ୍ରେନ୍ ଟ୍ରାଜେଡି ସତ୍ୟତାକୁ ଜାଣିପାରିବେ। ପ୍ରକାଶ ଯେ, ଧୀରଜ ସରନାଙ୍କ ନିର୍ଦ୍ଦେଶିତ ଏବଂ ଏକତା କପୁରଙ୍କ ପ୍ରଯୋଜିତ 'ଦି ସାବରମତୀ ରିପୋର୍ଟ' ଚଳଚ୍ଚିତ୍ରରେ ଅଭିନେତା ବିକ୍ରାନ୍ତ ମେସି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# ଥମୁନି ମଣିପୁର ହିଂସା

**ସରକାରରୁ ସମର୍ଥନ ପ୍ରତ୍ୟାହାର କଲା ଏନ୍‌ପିପି**



ମଣିପୁରରେ ହିଂସା ଲାଗି ରହିଥିବାବେଳେ ଇମ୍ଫାଲରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ନୂଆଦିଲ୍ଲୀର ଜନ୍ତରମନ୍ତରରେ ମଣିପୁରୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ଇମ୍ଫାଲ,୧୭।୧୧

ମଣିପୁରର ଜିରିବାମ୍‌ରେ ୬ ନିଖୋଜଙ୍କ ମଧ୍ୟରୁ ଜଣେ ମହିଳା, ୨ ଶିଶୁଙ୍କ ମୃତଦେହ ମିଳିବାର ୨ ଦିନ ପରେ ରବିବାର ଜଣେ ମହିଳାଙ୍କ ମୃତଦେହ ନଦୀରେ ଭାସମାନ ଅବସ୍ଥାରେ ଠାବ କରାଯାଇଛି। ଜିରିବାମ୍ ସୀମାକୁ ଲାଗିରହିଥିବା ଆସାମର କାଚର ଜିଲା ବାରାକ ନଦୀରୁ ମୃତଦେହ ମିଳିବା ପରେ ଉପତ୍ୟକାରେ ଉତ୍ତେଜନା ବଢ଼ିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ରାଜ୍ୟ ସରକାର ୭ ଜିଲାରେ କର୍ଫ୍ୟୁ ବଳବତ୍ତର ରଖିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଇତିମଧ୍ୟରେ ରବିବାର ସନ୍ଧ୍ୟାରେ ଉତ୍ତ୍ୟକ୍ତ ଲୋକେ ଭାଜପା ବିଧାୟକ କୋଙ୍ଗ୍‌ଖାମ୍ ରୋବିନ୍ଦ୍ରୋଙ୍କ ଇମ୍ଫାଲସ୍ଥିତ ବାସଭବନରେ ଭଙ୍ଗାରୁଜା କରିଛନ୍ତି। ବିଧାୟକଙ୍କୁ ଭେଟିବା ପାଇଁ ତାଙ୍କ ପୈତୃକ ବାସଭବନକୁ ଯାଇଥିବା ଲୋକେ ତାଙ୍କୁ ସେଠାରେ ପାଇ ନ ଥିଲେ। ବିଧାୟକଙ୍କ ବାପା ଲୋକଙ୍କୁ କହିଥିଲେ, ପୁଅକୁ କ'ଣ କହିବାର ଅଛି କୁହନ୍ତୁ, ମୁଁ ଜଣାଇଦେବି। ଉତ୍ତ୍ୟକ୍ତ ଲୋକେ କହିଥିଲେ, ରାଜ୍ୟରେ ଲାଗିରହିଥିବା ହିଂସାକୁ ନେଇ ବିଧାୟକଙ୍କ ଆଭିମୁଖ୍ୟ କ'ଣ। ଏହାର ଉତ୍ତର ନ ମିଳିବାରୁ ସେମାନେ ସେଠାରେ ଭଙ୍ଗାରୁଜା କରିଥିବା କୁହାଯାଉଛି। ଶନିବାର ଉତ୍ତ୍ୟକ୍ତ ଲୋକେ ୩ ମନ୍ତ୍ରୀ ଓ ୬ ବିଧାୟକଙ୍କ ଘରେ ପୋଡ଼ାଜଳା କରିବା ସହ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲେ। ପ୍ରକାଶ ଯେ, ୨୦୨୩ ମେ'ରୁ ଲାଗିରହିଥିବା ହିଂସାରେ ଅଦ୍ୟାବଧି ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ବାସହରା ହେଲେଣି।

ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମରେ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ରବିବାର ମଣିପୁରର ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛି। ମଣିପୁରରେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଥିବାରୁ ପ୍ରାୟ ଦେଢ଼ବର୍ଷ ଧରି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି କନ୍‌ରାଡ ସାଙ୍ଗ୍‌ମାଙ୍କ ନେତୃତ୍ୱାଧୀନ ଏନ୍‌ପିପି ଏନ୍. ବୀରେନ୍ ସିଂ ସରକାରରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଛି। ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୩୧ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଭାଜପାର ବିଧାୟକ ସଂଖ୍ୟା ୩୨ ରହିଛି। ଏନ୍‌ପିପିର ୭ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ମଧ୍ୟ ସରକାର ତିଷ୍ଠି ରହିବ। କିନ୍ତୁ ଏହି ପଦକ୍ଷେପ ସରକାରରେ ଅସ୍ଥିରତା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

କୁକି ପିପୁଲ୍ସ ଆଲାଏନ୍ସ (କେପିଏ)ର ୨ ଜଣ ବିଧାୟକ ୨୦୨୩ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ବୀରେନ ସିଂଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ଏନ୍‌ପିପି ଏବଂ କେପିଏର ୯ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ସତ୍ତ୍ୱେ ଗୃହରେ ଭାଜପାର ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ରହିଛି। ଭାଜପାର ସହଯୋଗୀ ଜେଡିୟୁର ୬, ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୫ ବିଧାୟକ ଏବଂ ଅନ୍ୟ ୩ ସ୍ୱାଧୀନ ବିଧାୟକ ଭାଜପା ପ୍ରତି ସମର୍ଥନ ଜାରି ରଖିଛନ୍ତି। ଭାଜପା ସରକାର ଉପରେ ତତ୍କାଳ କୌଣସି ବିପଦ ନ ଥିଲେ ମଧ୍ୟ ସହଯୋଗୀ ଦଳଗୁଡ଼ିକର ସମର୍ଥନ ପ୍ରତ୍ୟାହାର ରାଜ୍ୟରେ ବଢୁଥିବା ସଙ୍କଟକୁ ସୂଚାଉଛି।

### ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ପାଇଁ କେନ୍ଦ୍ରକୁ ମଣିପୁର ସରକାରଙ୍କ ନିବେଦନ

ମଣିପୁରରେ କୁକି ଉଗ୍ରପନ୍ଥୀମାନେ ୬ ଅପହୃତଙ୍କୁ ହତ୍ୟା କରିବା ଅଭିଯୋଗରେ ଉତ୍ତେଜନା ଲାଗିରହିଥିବାବେଳେ ୬ ଜିଲାରୁ ସ୍ୱତନ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର କରିନେବାକୁ ମଣିପୁର ସରକାର କେନ୍ଦ୍ରକୁ ନିବେଦନ କରିଛନ୍ତି। ଜିରିବାମ୍ ଜିଲାରେ ହିଂସାକାଣ୍ଡ ପରେ କେନ୍ଦ୍ର ସରକାର ଗତ ୧୪ ତାରିଖରେ ଉକ୍ତ ୬ ଥାନା ଅଞ୍ଚଳରେ ପୁନର୍ବାର ଏଏଫ୍‌ଏସ୍‌ପିଏ ଲାଗୁ କରିଥିଲେ। ଗୁରୁବାର ରାଜ୍ୟ କ୍ୟାବିନେଟରେ ଉକ୍ତ ଆଇନ ଲାଗୁ ହେବାକୁ ନେଇ ବିଚାର ଆଲୋଚନା ପରେ ପ୍ରତ୍ୟାହାର କରିନେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

ଜିରିବାମ୍ ଜିଲାରୁ ଅପହୃତଙ୍କ ମୃତଦେହ ଶୁକ୍ରବାର ରାତିରେ ମିଳିବା ପରେ ଇମ୍ଫାଲ ଉପତ୍ୟକାରେ ହିଂସାତ୍ମକ ପ୍ରତିବାଦ ଜାରି ରହିଛି। ସେମାନଙ୍କ ମୃତ୍ୟୁ ପାଇଁ ଉଗ୍ରପନ୍ଥୀମାନଙ୍କୁ ଦାୟୀ କରାଯାଇଥିବାବେଳେ ନ୍ୟାୟ ଦାବିରେ ଶନିବାର ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ପୋଡ଼ାଜଳା କରିବା ସହ କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ଘରେ ନିଆଁ ଲଗାଇଦେଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀରେ ମଣିପୁର ସ୍ଥିତି ଉପରେ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରି ସମୀକ୍ଷା କରିଛନ୍ତି। ମଣିପୁରରେ ହିଂସାକାଣ୍ଡ ଓ ରକ୍ତପାତ ଲାଗିରହିଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି। ମଣିପୁରରେ ଶାନ୍ତି ଫେରାଇ ଆଣିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ରାଜ୍ୟକୁ ଗସ୍ତ କରନ୍ତୁ ବୋଲି ରାହୁଲ ନିବେଦନ କରିଛନ୍ତି।

### ୟୁକ୍ରେନ୍‌କୁ ୧୨୦ ମିଶାଇଲ, ୯୦ ଡ୍ରୋନ୍ ଛାଡ଼ିଲା ରୁଷିଆ

ମସ୍କୋ/କିଭ୍,୧୭।୧୧

୨୦୨୨ ଫେବୃଆରୀରେ ରୁଷୀୟ ଟ୍ୟାଙ୍କଗୁଡ଼ିକ ୟୁକ୍ରେନ୍ ଭୂଖଣ୍ଡକୁ ପ୍ରବେଶ କରିବାବେଳେ ଖୁବ୍‌ଶୀଘ୍ର କିଭ୍‌ର ପତନ ଅବଶ୍ୟମ୍ଭାବୀ ଏବଂ ଯୁଦ୍ଧ ଅଧିକ ଦିନ ଚାଲିବ ନାହିଁ ବୋଲି ଅନେକେ ମନେକରିଥିଲେ। କିନ୍ତୁ ରୁଷିଆର ଘନ ଘନ ଆକ୍ରମଣ ସତ୍ତ୍ୱେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ହାର ମାନିନାହାନ୍ତି। ୟୁକ୍ରେନୀୟ ସୈନ୍ୟ ପ୍ରଥମେ ଆତ୍ମପ୍ରତିରକ୍ଷା ମୁଦ୍ରାରେ ଥିବାବେଳେ ପରବର୍ତ୍ତୀ ସମୟରେ ମୁହଁତୋଡ଼ ଜବାବ ଦେଇଥିଲେ, ଯାହାକୁ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚକିତ ହୋଇଯାଇଛନ୍ତି। ଯୁଦ୍ଧାବସାନ ପାଇଁ ପୁଟିନ୍ ଏବେ ସୁଯୋଗ ଖୋଜୁଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରବିବାର ୯୯୬ ଦିନରେ ପହଞ୍ଚିଥିବାବେଳେ ଆଉ ୪ ଦିନ ପରେ ଏହା ୧,୦୦୦ତମ ଦିବସ ଅତିକ୍ରମ କରିବ। ସେପଟେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଏହି ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ପଣ କରିଥିବାରୁ ତାଙ୍କ ରଣନୀତି ଉପରେ ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଛି। ଆଗକୁ ଶୀତଋତୁ ଆସୁଥିବାରୁ ୟୁକ୍ରେନ୍‌ର ଶକ୍ତି ପ୍ରକଳ୍ପଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିବା ପାଇଁ ରବିବାର ରୁଷିଆ ପକ୍ଷରୁ ବଡ଼ଧରଣର ଡ୍ରୋନ୍ ଓ ମିଶାଇଲ ଆକ୍ରମଣ କରାଯାଇଛି। ଜେଲେନ୍‌ସ୍କି ଏକ ଟେଲିଗ୍ରାମ୍ ପୋଷ୍ଟରେ କହିଛନ୍ତି, ରୁଷିଆ ମୋଟ ୧୨୦ ମିଶାଇଲ ଓ ୯୦ ଡ୍ରୋନ୍ ଛାଡ଼ିଛି। ୟୁକ୍ରେନ୍ ସାରା ବିଭିନ୍ନ ପ୍ରକାର ଡ୍ରୋନ୍ ମୁତୟନ କରାଯାଇଛି। ସେଥିରେ ଇରାନ ନିର୍ମିତ ଶାହେଦ୍‌ସ, କ୍ରୁଜ୍, ବାଲିଷ୍ଟିକ୍ ମିଶାଇଲ ଓ ଏୟାରକ୍ରାଫ୍ଟରୁ ଲଞ୍ଚ୍ କରାଯାଉଥିବା ଦୂରଗାମୀ କ୍ଷେପଣାସ୍ତ୍ର ରହିଛି। ତେବେ ସେଥିରୁ ୧୪୦ଟିକୁ ୟୁକ୍ରେନୀୟ ସୈନ୍ୟ ଖସାଇଦେଇଥିବା ସେ ସୂଚନା ଦେଇଛନ୍ତି। ଜେଲେନ୍‌ସ୍କି ଆହୁରି କହିଛନ୍ତି, ଶତ୍ରୁଙ୍କ ଟାର୍ଗେଟରେ ସାରା ଦେଶର ଶକ୍ତି ଭିତ୍ତିଭୂମି ରହିଛି। ଡ୍ରୋନ୍ ଆକ୍ରମଣରେ କେତେକ ସ୍ଥାନରେ ଭଗ୍ନାବଶେଷ ଦେଖିବାକୁ ମିଳିଛି। ମାଇକୋଲାଇଭ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ୬ ଆହତ ହୋଇଛନ୍ତି।

## ମୁର୍ଶିଦାବାଦରେ ସାମ୍ପ୍ରଦାୟିକ ସଂଘର୍ଷ

**୧୬୩ ଧାରା ଜାରି**

 କୋଲକାତା,୧୭।୧୧



ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ଅନ୍ତର୍ଗତ ବେଲଡାଙ୍ଗା ସହରରେ ଶୁକ୍ରବାର ରାତିରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଛି। ଉଭୟ ସମ୍ପ୍ରଦାୟର ଲୋକେ ପରସ୍ପର ଉପରକୁ ଟେକାମାଡ଼ କରିବା ସହ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ହିଂସାକାରୀମାନେ ବହୁ ଘର ଓ ଦୋକାନ ଭାଙ୍ଗିଥିବା ଜଣାପଡ଼ିଛି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଏହି ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ସହରରେ ଉତ୍ତେଜନା ଲାଗି ରହିଥିବାରୁ ପ୍ରଶାସନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ଜାରି କରାଯାଇଛି। ଉକ୍ତ ଧାରା ଅନୁଯାୟୀ କୌଣସି ସ୍ଥାନରେ ୫ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ।

କାର୍ତ୍ତିକ ପୂଜା ଉତ୍ସବ ଅବସରରେ ବେଲଡାଙ୍ଗା ସହରରେ ସ୍ଥାପନ କରାଯାଇଥିବା ଏକ ଅସ୍ଥାୟୀ ଢାଞ୍ଚାରେ ଅପମାନଜନକ ବାର୍ତ୍ତା ଲେଖାହୋଇଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଛି। ଉକ୍ତ ଅଞ୍ଚଳର ହିନ୍ଦୁମାନଙ୍କ ଘର ଉପରେ ଆକ୍ରମଣ ହୋଇଥିବା ଭାଜପା ଅଭିଯୋଗ କରିଥିବାବେଳେ ଧର୍ମୀୟ ଘୃଣାଭାବ ବଢ଼ାଇବା ପାଇଁ ଯୋଜନାବଦ୍ଧ ଭାବେ ଅପମାନଜନକ ବାର୍ତ୍ତା ଲେଖାଯାଇଥିଲା ବୋଲି ସିପିଆଇ(ଏମ୍) ନେତା ମହମ୍ମଦ ସଲିମ୍ କହିଛନ୍ତି।

### ମସ୍କଙ୍କ ଷ୍ଟାରଲିଙ୍କ୍ ଭାରତର ଜାତୀୟ ସୁରକ୍ଷା ପ୍ରତି ବିପଦ

**କୂଟନୀତି ଫାଉଣ୍ଡେଶନ୍ ରିପୋର୍ଟ**

ନୂଆଦିଲ୍ଲୀ,୧୭।୧୧

ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ହାଇସ୍ପିଡ୍ ସାଟେଲାଇଟ୍ ଇଣ୍ଟରନେଟ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଉଥିବାରୁ ଭାରତରେ ଏହା ବେଶ୍ ଚର୍ଚ୍ଚିତ ବିଷୟ ହୋଇଛି। ତେବେ ସଦ୍ୟ ପ୍ରକାଶିତ କୂଟନୀତି ଫାଉଣ୍ଡେଶନ ରିପୋର୍ଟ ସମ୍ଭାବ୍ୟ ସୁରକ୍ଷା ଦିଗକୁ ନେଇ ଚିନ୍ତା ବଢ଼ାଇଛି। ଭାରତରେ ଏହି ସେବାକୁ ଅନୁମତି ମିଳିଲେ, ଦେଶର ଜାତୀୟ ସୁରକ୍ଷା ପ୍ରତି ବିପଦ ସମ୍ଭାବନା ରହିଥିବା ନୂଆଦିଲ୍ଲୀର ଏହି ଫାଉଣ୍ଡେଶନ କହିଛି। ଆମେରିକା ଗୋଇନ୍ଦା ବିଭାଗ ଏବଂ ସାମରିକ ପ୍ରତିଷ୍ଠାନ ସହ ଷ୍ଟାରଲିଙ୍କ୍‌ର ଘନିଷ୍ଠ ସମ୍ପର୍କ ରହିଥିବାରୁ ଭାରତର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ନଜର ରଖିବା ଭଳି ସମ୍ଭାବନା ରହିଛି। ପ୍ରଯୁକ୍ତିକୁ ଉଭୟ ବେସାମରିକ ଏବଂ ସାମରିକ କାର୍ଯ୍ୟରେ ବ୍ୟବହାର କରାଯାଇପାରେ, ଯାହା ଭାରତର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ରିପୋର୍ଟରେ କୁହାଯାଇଛି।

### ମୋଦିଙ୍କୁ ନାଇଜେରିଆର ୨ୟ ସର୍ବୋଚ୍ଚ ସମ୍ମାନ

ଆବୁଜା,୧୭।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନାଇଜେରିଆର ଦ୍ୱିତୀୟ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ନାଇଜର' ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଆବୁଜାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମଦ ଟିନୁବୁ ମୋଦିଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହାସହ ମୋଦି ନାଇଜେରିଆର ଏହି ସମ୍ମାନକୁ ପାଇଥିବା ଦ୍ୱିତୀୟ ବିଦେଶୀ ବ୍ୟକ୍ତି ହୋଇପାରିଛନ୍ତି। ପୂର୍ବରୁ ୧୯୬୯ରେ ତତ୍କାଳୀନ ବ୍ରିଟେନ୍ ମହାରାଣୀ ଏଲିଜାବେଥଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନାଇଜେରିଆ ସରକାର ଏବଂ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ମୋଦି ଓ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମଦ ଟିନୁବୁଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଯାଇଛି।



ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମଦ ଟିନୁବୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ନାଇଜର' ସମ୍ମାନ ପ୍ରଦାନ କରୁଛନ୍ତି।

## ଫୁରସତ୍

### ମସ୍କଙ୍କୁ ଉପହାସ କଲେ ବ୍ରାଜିଲ ଫାର୍ଷ୍ଟ ଲେଡି

ରିଓ ଡି ଜେନିରୋ,୧୭।୧୧



ଜାଞ୍ଜା ଲୁଲା ଡା ସିଲ୍‌ଭା



ଏଲନ୍ ମସ୍କ

ବ୍ରାଜିଲର ରିଓ ଡି ଜେନିରୋରେ ସୋମବାର ଏବଂ ମଙ୍ଗଳବାର ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ ରବିବାର ସହରରେ ଆୟୋଜିତ ଜି-୨୦ର ଏକ ସାମାଜିକ କାର୍ଯ୍ୟକ୍ରମରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ସ୍ତ୍ରୀ ତଥା ଦେଶର ଫାର୍ଷ୍ଟ ଲେଡି ଜାଞ୍ଜା ଲୁଲା ଡା ସିଲ୍‌ଭା ବିଲିୟନେୟାର ବ୍ୟବସାୟୀ ତଥା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ପ୍ରତିଷ୍ଠାତା ଏଲନ ମସ୍କଙ୍କ ବିରୋଧରେ ଅପମାନ ଜନକ ଶବ୍ଦର ବ୍ୟବହାର କରିଛନ୍ତି। ଜାଞ୍ଜା ଏହି କାର୍ଯ୍ୟକ୍ରମରେ 'ସୋସିଆଲ ମିଡିଆରେ ଫେକ୍ ପୋଷ୍ଟଗୁଡ଼ିକର ନିୟନ୍ତ୍ରଣ' ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ଦେଉଥିଲେ। ଏହି ସମୟରେ ଏକ ଜାହାଜର ଶବ୍ଦ ଶୁଣାଯାଇଥିଲା। ଜାଞ୍ଜା ମଜାରେ କହିଥିଲେ, 'ଲାଗୁଛି ଇଏ ହେଉଛି ଏଲନ ମସ୍କ। ସେ ବୋଧହୁଏ ଏଠାକୁ ଆସୁଛନ୍ତି। ମୁଁ ତାଙ୍କୁ ଡରେନାହିଁ।' ଜାଞ୍ଜାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ୍ସ'ରେ ଜାଞ୍ଜାଙ୍କର ଭାଇରାଲ ହେଉଥିବା ଏହି ଭିଡିଓକୁ ଏକ ହସ ଇମୋଜି ସହ ମସ୍କ ରି-ପୋଷ୍ଟ କରିଛନ୍ତି। ତେବେ ଅନ୍ୟ ଏକ ପୋଷ୍ଟ କରି ମସ୍କ ଲେଖିଛନ୍ତି, ବ୍ରାଜିଲର ଆଗାମୀ ନିର୍ବାଚନରେ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ହାରିବାକୁ ଯାଉଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ମସ୍କଙ୍କ ଏକ୍ସ'କୁ ମିଥ୍ୟା ଖବର ପ୍ରଚାରପ୍ରସାର କରୁଥିବା ଅଭିଯୋଗରେ ବ୍ରାଜିଲରେ ଏକ ମାସ ପାଇଁ ନିଲମ୍ବନ କରାଯାଇଥିଲା।

### 'ମାଲିକ'ର ଶୁଟିଂ ଶେଷ

ମୁମ୍ବାଇ

'ସ୍ତ୍ରୀ ୨' ଫିଲ୍ମର ସଫଳତା ପରେ ବଲିଉଡ୍ ଅଭିନେତା ରାଜକୁମାର ରାଓଙ୍କୁ ଫିଲ୍ମଟି ଭଲ ପ୍ରଦର୍ଶନ କରି ପାରି ନ ଥିଲା। ରବିବାର ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରାଜକୁମାରଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ମାଲିକ'ର ଶୁଟିଂ ଶେଷ ହୋଇଛି। ପୁଲକିତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ରାଜକୁମାରଙ୍କର ଆକ୍ସନ ଅବତାର ଦେଖିବାକୁ ମିଳିବ। ଏଥିପାଇଁ ରାଜକୁମାର ଫିଲ୍ମର ଆକ୍ସନ୍ ନିର୍ଦ୍ଦେଶକ ବିକ୍ରମ ଦାହିଆଙ୍କ ତତ୍ତ୍ୱାବଧାନରେ ନିଜ ଶରୀରକୁ ଅଧିକ ଫିଟ ରଖିବା ପାଇଁ ବହୁ କଠିନ ପରିଶ୍ରମ କରିଛନ୍ତି। ତେବେ ଏହି ଚଳଚ୍ଚିତ୍ରର ଶୁଟିଂ ଗତ ଅଗଷ୍ଟ ଶେଷରେ ଲକ୍ଷ୍ନୌରେ ଆରମ୍ଭ ହୋଇଥିଲା। ଉତ୍ତରପ୍ରଦେଶର ଲକ୍ଷ୍ନୌ, ବାରାଣସୀ, କାନପୁର ଏବଂ ଉନାଓ ଆଦି ଜିଲାରେ ଗତ ୩ ମାସ ଧରି 'ମାଲିକ'ର ଶୁଟିଂ ଜାରି ରହିଥିଲା। କାନପୁରର ବ୍ରହ୍ମଭର୍ଟ ଘାଟରେ ଏହି ଫିଲ୍ମ ପାଇଁ ଏକ ସାମୂହିକ ଦୀପାବଳି ଉତ୍ସବ ଦୃଶ୍ୟର ଶୁଟିଂ କରାଯାଇଥିଲା, ଯେଉଁଥିରେ ହଜାର ହଜାର ଦୀପ ଜଳାଯାଇଥିଲା। ଫିଲ୍ମ ଶୁଟିଂର ଶେଷ ପର୍ଯ୍ୟାୟ କାନପୁରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଚରିତ୍ରର ବିବାହ ଦୃଶ୍ୟ ସହିତ 'ମାଲିକ'ର ଶୁଟିଂ ଏବେ ଶେଷ ହୋଇଛି।

ଫିଲ୍ମରେ ରାଜକୁମାରଙ୍କୁ ଏକ ଗ୍ୟାଙ୍ଗଷ୍ଟର ରୂପେ ଦେଖିବାକୁ ମିଳିବ। ବେଙ୍ଗଲୀ ଅଭିନେତା ପ୍ରସନ୍‌ଜିତ ଚାଟାର୍ଜୀ ଏହି ଫିଲ୍ମରେ ରାଜକୁମାରଙ୍କ ଗୁରୁ ଭୂମିକାରେ ନଜରକୁ ଆସିବେ। 'ମାଲିକ୍' ଫିଲ୍ମରେ ରାଜକୁମାରଙ୍କ ସହ ଅଭିନେତ୍ରୀ ମେଧା ଶଙ୍କର ଓ ମାନୁସି ଛିଲ୍ଲର ମଧ୍ୟ ଅଭିନୟ କରିଛନ୍ତି।



ରାଜକୁମାର ରାଓ



ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୨ ମସିହା ପାଇଁ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ସର୍ବୋଚ୍ଚ ସମ୍ମାନ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ପ୍ରଦାନ କରାଯାଉଛି। ରାଜ୍ୟପାଳ ରଘୁବର ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି। **(ଫଟୋ: ବିକାଶ ନାୟକ)**


# ଅନନ୍ତ, ଶ୍ରୀନିବାସ, ଜୟୀରାମ ପାଇଲେ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର'


## ୩ବର୍ଷ ପାଇଁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ

- ଶ୍ରେଷ୍ଠ ଚଳଚ୍ଚିତ୍ର ସମେତ ୩୩ ବିଭାଗରେ ଦିଆଗଲା ପୁରସ୍କାର
- କଳାକାରଙ୍କୁ ସବ୍‌ସିଡି ପାଇଁ ରାଜ୍ୟପାଳଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୧୭।୧୧
(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୨, ୩୩ ଓ ୩୪ତମ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ସମ୍ମାନିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜଣାଇବା ସହ ମନରେ ସାହସ ରଖି ନୂତନତ୍ୱକୁ ଆଧାର କରି ସିନେମା ନିର୍ମାଣ ପାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଆ ସିନେମା ଶିଳ୍ପର ସମୃଦ୍ଧି ପାଇଁ କଳାକାରଙ୍କ ନିମନ୍ତେ ସବ୍‌ସିଡି ବ୍ୟବସ୍ଥା କରାଯିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହ ସମସ୍ତ ସହଯୋଗ ଯୋଗାଇ ଦେବାଲାଗି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୦ ବର୍ଷ ପାଇଁ ଲେଖକ, ନିର୍ଦ୍ଦେଶକ ତଥା ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ ପାଇଁ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ପାଇଁ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ସର୍ବୋଚ୍ଚ ସମ୍ମାନ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର, ଟ୍ରଫି ଓ ଉପଢ଼ୌକନ ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ କରି ଅନନ୍ତ କହିଲେ, ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସବୁଠୁ ଉର୍ଦ୍ଧ୍ୱରେ। ତେଣୁ ସିନେମା ନିର୍ମାତାମାନେ ଆମ ସଂସ୍କୃତି ଓ ପରମ୍ପରାକୁ ନେଇ ସିନେମା ତିଆରି କରିବା ଆବଶ୍ୟକ। ସିନେମାରେ ସଂସ୍କୃତିର ଝଲକ ରହିଲେ ଏହାକୁ ପିଢ଼ି ପରେ ପିଢ଼ି ଆତ୍ମିଲାଭ କରିବେ। ସେହିପରି ଶ୍ରୀନିବାସ କହିଲେ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଆମକୁ ସନ୍ଦେଶ ଦେଲାଣି ଯେ, ଆମକୁ ଆମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିଷ୍ଠାର ସହ ତୁଲାଇବାକୁ ପଡିବ। ସେହିପରି ଜୟୀରାମ କହିଲେ, ଦର୍ଶକଙ୍କ ବିନା ସିନେମା





ନାଟ୍ୟକାର ଅନନ୍ତ ମହାପାତ୍ର(ବାମ) ଓ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ସମ୍ମାନ ଗ୍ରହଣ କରୁଛନ୍ତି।

ସଫଳ ହୋଇ ପାରିବନାହିଁ। ଆଜିର ଏହି ସଫଳତା ପଛରେ ଦର୍ଶକଙ୍କ ଭଲପାଇବା ଓ ତାଳି ରହିଛି। ତେଣୁ ଦର୍ଶକଙ୍କ ଭଲ ଲାଗିଲା ଭଳି ସିନେମା କରିବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ୩୩ଟି ବର୍ଗରେ ୩ ବର୍ଷ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୦ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଶହୀଦ ରଘୁ ସର୍ଦ୍ଦାର', ଶ୍ରେଷ୍ଠ ଅଭିନେତା ଦେବାଶିଷ ପାତ୍ର (ଶହୀଦ ରଘୁସର୍ଦ୍ଦାର) ଓ ଅମ୍ଲାନ ଦାସ (ରୋମି ରାଜା), ଶ୍ରେଷ୍ଠ ଅଭିନେତ୍ରୀ କାବ୍ୟା କିରଣ ଶୁକ୍ଳା ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ 'ରୋମିଓ ରାଜା' ପାଇଁ ରାକେଶ ସାମଲଙ୍କୁ ପୁରସ୍କୃତ କରାଯାଇଛି। ୨୦୨୧ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପ୍ରତୀକ୍ଷା', ଓ 'ଡାଲ୍‌ଚିନି', ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଫିଲ୍ମ 'ତୃଷ୍ଣା' ପାଇଁ ସୁରେଶ ପଟ୍ଟନାୟକ, ଶ୍ରେଷ୍ଠ ଅଭିନେତା ଦ୍ୱୀପନିତ ଦାଶମହାପାତ୍ର (ପ୍ରତୀକ୍ଷା) ଏବଂ ଅଙ୍କିତ କୁମାର(ଭୋକ), ଶ୍ରେଷ୍ଠ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ (ଡାଲ୍‌ଚିନି) ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ୨୦୨୨ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର 'ଦମନ', ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ (ମାୟାବୀ) ସୁଧାଂଶୁ ମୋହନ ସାହୁ, ଶ୍ରେଷ୍ଠ ଅଭିନେତା ବାବୁଶାନ୍ (ଦମନ) ଓ ଶ୍ରେଷ୍ଠ ଅଭିନେତ୍ରୀ ଲୋପାମୁଦ୍ରା ମିଶ୍ର (ବୋଉର ହାତବାକ୍ସ)ଙ୍କୁ ପୁରସ୍କୃତ କରାଯାଇଛି। ଏହାସହିତ ଶ୍ରେଷ୍ଠ କାହାଣୀକାର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା, ଶ୍ରେଷ୍ଠ ସମ୍ପାଦନା, ଶ୍ରେଷ୍ଠ ଗୀତିକାର, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ଶ୍ରେଷ୍ଠ ଶିଶୁ ଅଭିନେତା, ଶ୍ରେଷ୍ଠ କଳା ନିର୍ଦ୍ଦେଶକ, ଶ୍ରେଷ୍ଠ ଖଳ ଅଭିନେତା, ଖଳ ଅଭିନେତ୍ରୀ, ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର, ଶ୍ରେଷ୍ଠ ସଂଳାପ ଲେଖକ, ଶ୍ରେଷ୍ଠ ରୂପ ସଜ୍ଜାକାରୀ, ଶ୍ରେଷ୍ଠ ନୃତ୍ୟ ସଂଯୋଜନା, ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ, ସ୍ୱତନ୍ତ୍ର ଜୁରୀ ପୁରସ୍କାର ଆଦି ୩୩ଟି ବିଭାଗରେ ପୁରସ୍କାର ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜ ପରିବର୍ତ୍ତନରେ ଚଳଚ୍ଚିତ୍ରର ସୁଦୂରପ୍ରସାରୀ ପ୍ରଭାବ ରହିଛି। ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ପୂଜ୍ୟପୂଜାର ପ୍ରତୀକ। ଏହା ଓଡ଼ିଆ ଚଳଚ୍ଚିତ୍ରର ପୂର୍ବ ଗରିମା ଫେରାଇ ଆଣିବା ସହ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିକୁ ଆଗେଇ ନେବା ପାଇଁ ପ୍ରେରଣା ଯୋଗାଇବ। ତେଣୁ ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ଅତିଥିମାନେ ନିବେଦନ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ଲଙ୍ଗ୍ ରେଞ୍ଜ ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୭।୧୧
(ବାଞ୍ଛାନିଧି ଦେ)

ଭାରତକୁ ମିଳିଛି ଐତିହାସିକ ସଫଳତା। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଦେଶର ପ୍ରଥମ ଲଙ୍ଗ୍ ରେଞ୍ଜ ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆର୍‌ଡିଓ ଅଧୀନ ଧାମରାସ୍ଥିତ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ଶନିବାର ରାତିରେ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣର ପ୍ରାଥମିକ ଲକ୍ଷ୍ୟ ପୂରଣ ଦିଗରେ ଆଇଟିଆର୍ ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ ଏବଂ ଟେଲିମେଟ୍ରି ପ୍ରଭୃତି ରେଞ୍ଜ ସେନ୍ସର ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଏଥିସହିତ ସମୁଦ୍ରରେ ନିୟୋଜିତ ଜାହାଜ ଷ୍ଟେଶନରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଭିନ୍ନ ଉଚ୍ଚତା ଏବଂ



ଲଙ୍ଗ୍ ରେଞ୍ଜ ହାଇପରସୋନିକ କ୍ଷେପଣାସ୍ତ୍ର।

ବେଗରେ ଗତିମାନ ଅବସ୍ଥାରେ ଏହି କ୍ଷେପଣାସ୍ତ୍ର ନିଜର ଦକ୍ଷତାକୁ ନେଇ କୁଶଳତା ପୂର୍ବକ ପୂର୍ବ ନିର୍ଦ୍ଧାରିତ ଗତିପଥକୁ ଅନୁସରଣ କରିଥିଲା। ଏହା ଅତ୍ୟନ୍ତ ଉଚ୍ଚକୋଟୀର ଓ ଠିକ୍ ପ୍ରଭାବ ପ୍ରଦର୍ଶନ କରିଥିବା ଡିଆର୍‌ଡିଓ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ଭାରତୀୟ ସେନାରେ ନିୟୋଜନ ହେବ। ବିଭିନ୍ନ ଶ୍ରେଣୀର ଯୁଦ୍ଧାସ୍ତ୍ର ବହନ ସହିତ ୧୫୦୦ କି.ମି.ରୁ ଅଧିକ ଦୂରତା ପର୍ଯ୍ୟନ୍ତ ଏହାର ମାରକ କ୍ଷମତା ରହିଛି। ହାଇଦ୍ରାବାଦର ଡ. ଏପିଜେ ଅବଦୁଲ କଲାମ ମିସାଇଲ କମ୍ପ୍ଲେକ୍ସସ୍ଥିତ ଏକାଧିକ ଲାବୋରେଟୋରି ସହିତ ଡିଆର୍‌ଡିଓର ସଂଖ୍ୟାଧିକ ଲାବୋରେଟୋରି ଏବଂ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତକାରୀ ଭାରତୀୟ ଶିଳ୍ପାନୁଷ୍ଠାନଗୁଡ଼ିକର ସହଯୋଗରେ ଏହି ହାଇପରସୋନିକ କ୍ଷେପଣାସ୍ତ୍ରକୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କରାଯାଇଛି। ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକମାନଙ୍କ ସହିତ କ୍ଷେପଣାସ୍ତ୍ରର ବ୍ୟବହାରକାରୀ ଭାବେ ଦେଶର ତିନି ସେନାର ପ୍ରତିନିଧିମାନେ ଏହି ଉଡ଼ାଣ ପରୀକ୍ଷାକୁ ଅନୁଧ୍ୟାନ କରିଥିଲେ।

ଏହି ସଫଳ ପରୀକ୍ଷଣକୁ ନେଇ ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ, ଭାରତୀୟ ସେନା ସମେତ ଏଥିରେ ଜଡ଼ିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଏହି ହାଇପରସୋନିକ ମିସାଇଲର ସଫଳ ବ୍ୟବହାରିକ ପରୀକ୍ଷଣ ଯୋଗୁ ଦେଶକୁ ଐତିହାସିକ ଉପଲବ୍ଧି ମିଳିପାରିଛି। ଏହା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଅତ୍ୟାଧୁନିକ ସାମରିକ ଜ୍ଞାନକୌଶଳର ଅଧିକାରୀ ସମ୍ପନ୍ନ ଦେଶ ଭାବେ ଭାରତ ଅଗ୍ରଣୀ ଦେଶଙ୍କ ଗ୍ରୁପ୍‌ରେ ସାମିଲ ହୋଇପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

ସେହିପରି ପ୍ରତିରକ୍ଷା ବିଭାଗ ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଡିଆର୍‌ଡିଓର ଅଧକ୍ଷ ଡ. ସମୀର ଭି କାମାତ ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷା ପାଇଁ ବୈଜ୍ଞାନିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ୧୧ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର, ୧୭।୧୧
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ପାରଦ ତଳମୁହାଁ ହୋଇଛି। ବିଭିନ୍ନ ସ୍ଥାନରେ ସର୍ବନିମ୍ନ ଓ ସର୍ବୋଚ୍ଚ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଆସନ୍ତା ୩ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨ରୁ ୩ ଡିଗ୍ରୀ କମିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ, ରବିବାର ରାଜ୍ୟର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସରୁ କମ୍ ରେକର୍ଡ କରାଯାଇଛି। ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୦ ଡିଗ୍ରୀ, ଦାରିଙ୍ଗବାଡିରେ ୧୨.୦ ଡିଗ୍ରୀ, ଭବାନୀପାଟଣା ଓ ଅନୁଗୋଳରେ ୧୩.୦ ଡିଗ୍ରୀ ଓ ରାଉରକେଲାରେ ୧୩.୧ ଡିଗ୍ରୀ ସେଲସିୟସ୍ ରହିଥିଲା। ଅନ୍ୟପଟେ ପାରଳାଖେମୁଣ୍ଡି ଓ ମାଲକାନଗିରିରେ ସର୍ବାଧିକ ତାପମାତ୍ର ୩୨.୪ ଡିଗ୍ରୀ ସେଲସିୟସ୍ ରହିଥିଲା।

## ଶୀତରେ ଥରୁଛି ଜି.ଉଦୟଗିରି

**ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ**

ଜି.ଉଦୟଗିରି, ୧୭।୧୧
(ଶିଶିର ପଟ୍ଟନାୟକ)

କନ୍ଧମାଳ ଜିଲାର ଜି.ଉଦୟଗିରି ସହର ପ୍ରବଳ ଶୀତରେ ଥରୁଛି। ରବିବାର ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ରର କୃଷି ତାପ ମାପକ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ସତ୍ୟନାରାୟଣ ମହାନ୍ତି କହିଛନ୍ତି। ପ୍ରବଳ ଶୀତ ସାଙ୍ଗକୁ ଘନକୁହୁଡି ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ସନ୍ଧ୍ୟାରୁ ପୁଣି ଶୀତ ମାଡିଆସୁଛି। ଘନକୁହୁଡ଼ି ଯୋଗୁ କଳିଙ୍ଗା ଘାଟିରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଶୀତରୁ ରକ୍ଷା ପାଇଁ ଲୋକେ ସକାଳୁ ଚା'ଦୋକାନ ଓ ନିଆଁ ଚାରିପାଖେ ବସି ରହୁଥିବା ଦେଖାଯାଉଛି।

# ଡମ୍ପିଂୟାର୍ଡରେ ସ୍କୁଲ ପିଲାଙ୍କ ୟୁନିଫର୍ମ, ଜୋତା

ବୈପାରୀଗୁଡା, ୧୭।୧୧
(କଳ୍ପତରୁ ମହାନ୍ତି)



ସରକାର ପିଲାଙ୍କୁ ସ୍କୁଲମୁହାଁ କରିବା ଏବଂ ଡ୍ରପ୍ ଆଉଟ୍ ରୋକିବାକୁ ବିଭିନ୍ନ ଯୋଜନା କରୁଛନ୍ତି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ, ବହିପତ୍ର, ପୋଷାକ ଓ ଜୋତା ଆଦି ଯୋଗାଇ ଦିଆଯାଉଛି। କିନ୍ତୁ ରବିବାର କୋରାପୁଟ ଜିଲାର ବୈପାରୀଗୁଡା-ମାଲକାନଗିରି ଏନ୍‌ଏଚ୍ କଡ଼ରେ ଥିବା ମଶାଣି ପାଖ ଏକ ଡମ୍ପିଂୟାର୍ଡରେ ବହୁ ପରିମାଣର ସ୍କୁଲ, ଅଙ୍ଗନୱାଡି ୟୁନିଫର୍ମ ଓ ଜୋତା ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୋଷାକ ଓ ଜୋତା ବିକ୍ରି କରୁଥିବା ଡିଲର ପୁଷ୍ପଲତା ମହାନ୍ତି କ୍ୱାଲିଟି ଖରାପ ଥିବା କାରଣରୁ ସେସବୁ ଫିଙ୍ଗିଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଡମ୍ପିଂୟାର୍ଡ ରାସ୍ତା ଦେଇ ଯାଉଥିବା ଜଣେ ଗାଈଚରାଳି ସେଠାରେ ପୋଷାକ ଓ ଜୋତା ପଡ଼ିଥିବା ଦେଖିଥିଲେ। ଉକ୍ତ ପୋଷାକରେ ଆମେ ଗଢ଼ିବୁ ନୂଆ ଓଡ଼ିଶା ଲୋଗୋ ରହିଥିଲା। ସେ ଏ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ସ୍କୁଲ ପିଲାଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ଏବଂ ଜୋତା ବଣ୍ଟନ ପରିବର୍ତ୍ତେ ଫୋପାଡ଼ି ଦିଆଯିବା ଘଟଣାକୁ ଲୋକେ ନାପସନ୍ଦ କରିଛନ୍ତି। ଏଥିରେ କୌଣସି ଶିକ୍ଷକ ଅଥବା ଅଙ୍ଗନୱାଡି କର୍ମୀ ସମ୍ପୃକ୍ତ ଥିବା ଆଲୋଚନା ହୋଇଥିଲା। ତେବେ ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ତ୍ତାମିଙ୍କୁ ପଚାରିବାରୁ କୌଣସି ବେସରକାରୀ ଲୋକ ଏସବୁ ଫୋପାଡିଛନ୍ତି। ଏଥିରେ କୌଣସି ବିଦ୍ୟାଳୟ କର୍ମଚାରୀଙ୍କ ସମ୍ପୃକ୍ତି ନ ଥିବା ସେ କହିଛନ୍ତି। ତେବେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଏସବୁ ପୋଷାକ ବିକ୍ରି କରୁଥିବା ଡିଲର ପୁଷ୍ପଲତା କହିଛନ୍ତି, ଦୀର୍ଘ ଦିନ ଧରି କିଛି ପୋଷାକ ଓ ବୁଟ୍ ରହିଯାଇଥିଲା। ପରେ କ୍ୱାଲିଟି ଖରାପ ହୋଇଯିବାରୁ ସେ ସବୁକୁ ନିଜେ ଡମ୍ପିଂୟାର୍ଡରେ ଫିଙ୍ଗିଛନ୍ତି। ଏହା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ ବୋଲି ସେ କହିଛନ୍ତି।

# ଟ୍ରାଫିକ କନ୍‌ଷ୍ଟେବଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

ବାରିପଦା, ୧୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଏମ୍‌ପିସି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ରବିବାର ଟ୍ରାଫିକ କନ୍‌ଷ୍ଟେବଲ-୨୦୨୪ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ଦେବା ପୂର୍ବରୁ ସିଲ୍ କଟା ଯାଇଥିବା ହୃଷୀକେଶ ଦାସ ନାମକ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ଓଡ଼ିଶାର ୨୬ଟି ଟ୍ରାଫିକ କନ୍‌ଷ୍ଟେବଲ ପୋଷ୍ଟ ପାଇଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଛନ୍ତି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ପକ୍ଷରୁ ଏହି ପରୀକ୍ଷା ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦା ସହରର ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ହୋଇଛି। ବାରିପଦା ସହରରେ ଥିବା ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଛି। ସକାଳ ୯ଟାରୁ ୯ଟା ୪୫ ରିପୋର୍ଟିଂ ସମୟ ରହିଥିବା ବେଳେ ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ର ଦିଆଯିବା ସମୟରେ ପରୀକ୍ଷାର୍ଥୀ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କରକଚିଆ ଗ୍ରାମର ହୃଷୀକେଶ ପ୍ରଶ୍ନପତ୍ରର ସିଲ୍ ପୂର୍ବରୁ କଟାଯାଇଥିବା ନେଇ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ। ପର ମୁହୂର୍ତ୍ତରେ ଏହି ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର(ଏଷ୍ଟାବ୍ଲିସମେଣ୍ଟ ସେକ୍ସନ) ବସୁନ୍ଧରା ଭିତିରିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରଶ୍ନପତ୍ରଟି ପ୍ୟାକେଟ ଭିତରୁ ହିଁ ଏଭଳି ବାହାରିଥିବା ସେ କହିଥିଲେ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି। ପରୀକ୍ଷାର୍ଥୀମାନେ ଏହି ଘଟଣାକୁ ନିନ୍ଦା କରିବା ସହ ବାତିଲ କରି ପୁଣି ସ୍ୱଚ୍ଛତାର ସହ ପରୀକ୍ଷା କରାଇବା ପାଇଁ ଦାବି କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୭୧ତମ ସମବାୟ ସପ୍ତାହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍ଗନୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ଅପରାହ୍ନ ୩ଟା।
- ବାଦି ପାଲାର ଉଦ୍‌ଯାପନୀ ଦିବସ, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ବାଲିଅନ୍ତା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରଗୋତ୍ସବ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ପକ୍ଷରୁ ବନମାଳୀ ବ୍ରହ୍ମଚାରୀଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ବନମାଳୀ ବ୍ରହ୍ମଚାରୀ ଶିକ୍ଷକ ଭବନ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପରିସର, ବାଲିଛକସାହି, ଜଟଣୀ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଏବଂ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ(ବେଗୁନିଆ), ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଷ୍ଟେଶନ ରେଳଧାରଣା ପାରି ନ କରିବା ପାଇଁ ସମାଜକଲ୍ୟାଣ ବିକାଶ ପରିଷଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ଷ୍ଟେଶନ ପରିସର, ଜଳେଶ୍ୱର,ସମୟ: ସକାଳ ୬ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୯ତମ ଜୟନ୍ତୀ, ଚାରିଘରିଆ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ପାଲା ପରିବେଷଣ, ସ୍ଥାନ: କଳାପାହାଡ଼ ଛକ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ, ବନ୍ତ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଗ୍ରାମ ଦେବତୀ ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ
- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ପ୍ରାକୃତିକ ଚିକିତ୍ସା ଦିବସ ଅବସରରେ ନିଶୁଳ୍କ ମାଟି ଲେପନ କାର୍ଯ୍ୟକ୍ରମ,ସ୍ଥାନ: ପ୍ରେମକାଲ ଯୋଗ ମନ୍ଦିର, ଦେବେନ୍ଦ୍ରପୁର, ବାରିପଦା,ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ସ୍ୱାସ୍ଥ୍ୟ ସଚେତନତା ଶିବିର,ସ୍ଥାନ: ସରସ୍ୱତୀ ମନ୍ଦିର ସଭାଗୃହ, ଉଦଳା, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସ, ସ୍ଥାନ:କାକୁଡିହା, ଚିତ୍ରଡା, ମୋରଡ଼ା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ମେଳା,ସ୍ଥାନ: ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ:ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ. ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଅଲ୍ ଇଣ୍ଡିଆ କୋ-ଅପରେଟିଭ୍ ସପ୍ତାହ ପାଳନ, ସ୍ଥାନ: ଶହୀଦସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ସିନିଅର ନୃତ୍ୟ ପ୍ରତିଯୋଗିତାର ଫାଇନାଲ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟାରୁ ରାତି ୧୧ଟା।

## ଢେଙ୍କାନାଳ
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର
- ଏକ ଖବରକାଗଜ ପକ୍ଷରୁ ଛାତ୍ରୀଛାତ୍ରଙ୍କ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଚେଳିଚୋଳ ବାଲିଯାତ୍ରାର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପିଆକୁଦ, ବାଲିଯାତ୍ରା ପଡ଼ିଆ,ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା।
- କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାରେଗାମାପା ମ୍ୟୁଜିକାଲ ନାଇଟ୍ ଓ ଆସାମର ଲୋକନୃତ୍ୟ, ସ୍ଥାନ: ବତିଘର ପାଖ ବେଳାଭୂମି, ବାଲିଯାତ୍ରା ପଡ଼ିଆ, ନୂଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ଆଳି, ସମୟ:ପୂର୍ବାହ୍ନ ୧୦ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ:ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।
- ବଜ୍ରକାଳୀ ଯୁବ ପରିଷଦ ପକ୍ଷରୁ ଶ୍ରୀ କାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ:କାନପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ସୁକିନ୍ଦା ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଫୁଟବଲ ଖେଳ ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱରର ଘାଟିକିଆ ବଜରଙ୍ଗୀବାଲି କ୍ଲବ ବନାମ କଟକ ବାଙ୍କୀ ସ୍ପୋର୍ଟସ ଆଥ୍‌ଲେଟିକ ଦଳ , ସ୍ଥାନ: ନୂଆଗାଁ ବ୍ଲକ୍‌ର ମାଳିସାହି ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- କାର୍ତ୍ତିକ ଯାତ୍ରା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ:ଭାପୁର ବ୍ଲକ ବୋରଗାଁ, ସମୟ: ପୂର୍ବାହ୍ନ ୧୦ଟା ।
- ବଣବାଣପୁର ଯାତ୍ରା ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା
- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କାଶୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ହାଟ ମୁନିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ, ଗଣିତ ଓ ପରିବେଶ ମେଳା, ସ୍ଥାନ: ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟ ମୈଦଲପୁର, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ସଭାଗୃହ, ସମୟ ପୂର୍ବାହ୍ନ ୧୦ଟା।

## କୋରାପୁଟ
- କୋରାପୁଟ ପୌର ପରିଷଦସ୍ତରୀୟ ପରବ ଉଦ୍ଘଶଟନ, ସ୍ଥାନ: ମା ମୁତ୍ୟାଲୁମା ମନ୍ଦିର, କୋରାପୁଟ, ସମୟ : ସକାଳ ୮ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୋରାପୁଟ ବ୍ଲକ ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପ୍ରାକୃତିକ ସୌନ୍ଦର୍ଯ୍ୟ ଚିତ୍ରକଳା ଶିବିର ଉଦ୍‌ଘାଟନ, ସ୍ଥାନ: ଆଦ୍ୟାଶା ରିସର୍ଟ ଡୁମୁରିପଦର, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଟ୍ଟାଙ୍ଗୀ ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ଦେଓପଟ୍ଟାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସିଟି ସ୍କାନ କେନ୍ଦ୍ର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ବହିଦାର ନୂଆପାଲି, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ଓ ପଞ୍ଜିକରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୪୫ ।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ, ସ୍ଥାନ : ଗୌରୀଶଙ୍କର ପାର୍କସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦ ।

## ବଲାଙ୍ଗୀର
- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ତୁରେକେଲା , ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଅମରପାଲି କ୍ରିକେଟ କପର ପ୍ରସ୍ତୁତି ବୈଠକ, ସ୍ଥାନ:ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟ।

## ବରଗଡ଼
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସମବାୟ ମହୋତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ପେନ୍‌ସନଧାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ଉଦିତ ନଗର, ସମୟ: ସକାଳ ୭ଟା।
- ସତ୍‌ସଙ୍ଗ ବିହାରରେ ଅନୁକୂଳଚନ୍ଦ୍ର ପାଠଚକ୍ର, ସମୟ: ଛେଣ୍ଡ ଆଶ୍ରମ, ସମୟ: ସକାଳ ୮ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମଙ୍କ ସ୍ୱାବଲମ୍ବୀକରଣ ଶୀର୍ଷକ ବୈଠକ, ସ୍ଥାନ: ସେକ୍ଟର-୧୬ ଶ୍ରଦ୍ଧା ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- କୃଷକ ସଂଘର ଜିଲା ଓ ବ୍ଲକ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ, କାର୍ଯ୍ୟକାରୀ ବୈଠକ, ସ୍ଥାନ: ଗୋପଲଜି ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜନ ଜାତୀୟ ଗୌରବ ପକ୍ଷ ପାଳନ ସ୍ଥାନ: ଜବାହର ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- କାର୍ତ୍ତିକେଶ୍ୱର ପୂଜା ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସାଲେପଡା ଗାଁ, ସକାଳ ୭ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାଗବାଚା ଗାଦି ଯାତ୍ରା ପୂଜା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, କଣ୍ଟାମାଳ, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟସ୍ଥାନ ଦୃଷ୍ଟ ଚନ୍ଦ୍ର ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସରସ କରିବ। ଜଣେ ବନ୍ଧୁ ଆସିବେ କିନ୍ତୁ ଫେରିବା ସମୟକୁ ମନଦୁଃଖ କରି ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେବେ। ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବ୍ୟବସାୟ, ପରିବହନ, ନିର୍ମାଣ, ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** କର୍ମଭାବସ୍ଥ ଶନି ହେତୁ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବାର ସୂଚନା ରହିଛି।

**ମିଥୁନ** ଚନ୍ଦ୍ରଙ୍କ ପ୍ରଭାବରେ ଆକସ୍ମିକ ଭାବରେ ହଠାତ୍ ଦୂରକୁ ଯିବାକୁ ପଡିବ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ପିତୃବର୍ଗରେ ଶ୍ରଦ୍ଧାଭାଜନ ହେବେ ଏବଂ ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ।

**କର୍କଟ** ଅଷ୍ଟମସ୍ଥ ଶନି ଯୋଗୁ ସମସ୍ୟାଜନିତ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ରହିବ ନାହିଁ। ଦୀର୍ଘଦିନ ପରେ ଆଜି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ନିର୍ମାଣ, ପରିବହନରେ କିଛି ସମସ୍ୟା ଦେଖାଦେବ। ସମ୍ପର୍କୀୟଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** ଶୁଭଗ୍ରହମାନଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ ପାଇଁ ଫନ୍ଦିଫିକର କରିପାରନ୍ତି। ବନ୍ଧୁଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପାପଗ୍ରହଜନିତ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଧୀରସ୍ଥିର ମନ ନେଇ କାମକଲେ ସମସ୍ୟା ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜି ହିଁ ସକ୍ଷମ ହେବେ।

**ତୁଳା** କେତୁ ପ୍ରଭାବରେ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଖରାପ ରହିବ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିବାର ସୂଚନା ରହିଛି। ଚାକିରିରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲ କାମ କଲେ ମଧ୍ୟ ଚିତ୍ରା ନକ୍ଷତ୍ର ଆଦର, ସମ୍ମାନ ପାଇପାରିବେ ନାହିଁ।

**ବିଛା** ଚତୁର୍ଥ ଶନି ପ୍ରଭାବରେ ଅତୀତ ଘଟଣା ମନକୁ ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ବନ୍ଧୁମିଳନଜନିତ ସାମୟିକ ହସଖୁସିର ଖୋରାକ ଜ୍ୟେଷ୍ଠା ନକ୍ଷତ୍ର ପାଇପାରନ୍ତି। ଚଳିତ ପରିସ୍ଥିତିର ବିଷମତା ଜାଣିଶୁଣି ମଧ୍ୟ ସବୁ କଥାରେ ନୀରବ ରହିବାକୁ ପଡିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ।

**ଧନୁ** ରାହୁ ହେତୁ ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଅତିରଞ୍ଜିତ କରିବା କ୍ଷତିର କାରଣ ହୋଇପାରେ। ବନ୍ଧୁଙ୍କ ବାଧ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ଖୁସି ରହିବେ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଶୁଭଗ୍ରହ ପ୍ରଭାବରେ ପ୍ରତ୍ୟେକ କାମ ଓ କଥାକୁ ସରଳତାର ସହ ଗ୍ରହଣ କରି ଉପକୃତ ହେବେ। ଶ୍ରବଣା ନକ୍ଷତ୍ର କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟରେ ଉନ୍ନତି କରିବେ। ସାଧାରଣ କଥାରେ ରାଗି ଯାଇ ଯାହାତାହା କହି ପକାଇବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** କେନ୍ଦ୍ରସ୍ଥ ଗୁରୁଜନିତ ସମ୍ପର୍କୀୟମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଚତୁର୍ଥସ୍ଥ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ,କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ସୂଚନା ରହିଛି। ଚେଷ୍ଟା କରୁଥିବା କାମରେ ସଫଳତା ପାଇବା ଯୋଗୁ ଆନନ୍ଦ ଅନୁଭବ କରିବେ।

ଆଜି ନଭେମ୍ବର ୧୮ ତାରିଖ, ମାର୍ଗଶିର କୃଷ୍ଣ ତୃତୀୟା ସୋମବାର, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୬।୦୦ଗତେ, ଘ.୦୭।୨୩ ମଧ୍ୟେ, ଘ.୦୮।୫୭ ଗତେ, ଘ.୧୧।୦୯ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୨୩ ଗତେ, ଘ.୦୮।୪୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଜଳବାୟୁ ପରିବର୍ତ୍ତନରୁ ...

ଶିମଳା, ଜମ୍ମୁ-କଶ୍ମୀରରେ ଡେଙ୍ଗୁ ମାମଲା ଅଧିକ ରହୁଛି। ଉଚ୍ଚ ଆର୍ଦ୍ରତା ମଶାଙ୍କ ଅଣ୍ଡା ଦେବା ଓ ବଂଶ ବୃଦ୍ଧି ପାଇଁ ସହାୟକ ହୋଇଥାଏ। ଅତ୍ୟଧିକ ବର୍ଷା ଓ ବନ୍ୟାସ୍ଥିତି ପରେ ଜଳାଶୟଗୁଡ଼ିକରେ ପାଣି ଜମିରହୁଥିବାରୁ ଏଭଳି ପରିବେଶ ମଶାଙ୍କୁ ସୁହାଉଛି। ଏସିଆ ଏବଂ ଆମେରିକାସ୍‌ର ୨୧ ରାଷ୍ଟ୍ରରେ ତାପମାତ୍ରା ବୃଦ୍ଧି ଓ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ମଧ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଜଣାପଡ଼ିଛି ବୋଲି ଷ୍ଟାନ୍‌ଫୋର୍ଡର ଉଡ୍ସ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଦି ଏନ୍‌ଭାଇରନ୍‌ମେଣ୍ଟର ସଂକ୍ରମଣ ରୋଗ ବିଶେଷଜ୍ଞ ଏରିନ୍ ମୋର୍ଡେକାଇ ସୂଚନା ଦେଇଛନ୍ତି। ଡେଙ୍ଗୁ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇଥିବାବେଳେ ଏହା ଆଗକୁ ଉଗ୍ରରୂପ ଧାରଣ କରିପାରେ ବୋଲି ସେ ମତ ଦେଇଛନ୍ତି।

ଡେଙ୍ଗୁ ସଂକ୍ରମିତ କେତେଜଣ ବ୍ୟକ୍ତିଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଯାଉଥିବାବେଳେ ଆଉ କେତେକଙ୍କୁ ଗଣ୍ଠିପୀଡ଼ା ଓ ଜ୍ୱର ହୋଇଥାଏ। ଏପରି କି ଡେଙ୍ଗୁ ରକ୍ତସ୍ରାବର କାରଣ ମଧ୍ୟ ହୋଇଥାଏ। ଡେଙ୍ଗୁ ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ଔଷଧ ନ ଥିବାବେଳେ ଦୁଇଟି ଲାଇସେନ୍ସପ୍ରାପ୍ତ ଭାକ୍ସିନ ଉପଲବ୍ଧ ରହିଛି। ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଯେଉଁ ଅଞ୍ଚଳରେ ପୂର୍ବରୁ ୬୦% ଡେଙ୍ଗୁ ମାମଲା ଦେଖିବାକୁ ମିଳୁଥିଲା ଉତ୍ସର୍ଜନ ହ୍ରାସ କରାଗଲେ ୨୦୫୦ ସୁଦ୍ଧା ସେଠାରେ ଏହାକୁ ୪୦% ଭିତରେ ସୀମିତ ରଖାଯାଇପାରିବ। ଅନ୍ୟପକ୍ଷେ ଉତ୍ସର୍ଜନ ହ୍ରାସ ସତ୍ତ୍ୱେ ତାପମାତ୍ରା ବୃଦ୍ଧି ଘଟିଚାଲିଲେ ୨୧ ଦେଶ ମଧ୍ୟରୁ ୧୭ ଦେଶରେ ଜଳବାୟୁ ପରିବର୍ତ୍ତନଜନିତ ଡେଙ୍ଗୁ ବଢ଼ିପାରେ ବୋଲି ବୈଶ୍ୱିକ ଜଳବାୟୁ ମଡେଲଗୁଡ଼ିକରୁ ପୂର୍ବାନୁମାନ କରାଯାଇଛି। ବିଶେଷଜ୍ଞ ଏରିନ୍ ମୋର୍ଡେକାଇ ଆହୁରି କହିଛନ୍ତି, ବର୍ତ୍ତମାନ ଡେଙ୍ଗୁ ବହୁଳ ଅଞ୍ଚଳ ୨୦ରୁ ୨୯ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଦେଇ ଗତିକରୁଥିବାବେଳେ ସେଗୁଡ଼ିକ ଭୂତାଣୁ ସଂକ୍ରମଣ ପାଇଁ 'ସୁଇଟ୍ ସ୍ୱଷ୍ଟ' ପାଲଟିଛି। ପେରୁ, ମେକ୍ସିକୋ, ବୋଲିଭିଆ ଓ ବ୍ରାଜିଲ ପ୍ରତି ଆଗକୁ ସର୍ବାଧିକ ଡେଙ୍ଗୁ ସଂକ୍ରମଣ ବିପଦ ରହିଛି। ଆଗାମୀ କିଛି ଦଶନ୍ଧି ମଧ୍ୟରେ ଏହି ରାଷ୍ଟ୍ରଗୁଡ଼ିକରେ ସଂକ୍ରମଣ ୧୫୦ରୁ ୨୦୦%କୁ ବୃଦ୍ଧିପାଇପାରେ।

ଆମେରିକାରେ ଚଳିତବର୍ଷ ୭,୨୦୦ ଡେଙ୍ଗୁ ମାମଲା ଚିହ୍ନଟ ହୋଇଛି, ଯାହାକି ଗତବର୍ଷର ଦୁଇଗୁଣ। ୨୦୧୩ ପରେ ଏତେ ସଂଖ୍ୟକ ଲୋକ ସଂକ୍ରମିତ ହୋଇ ନ ଥିଲେ। ଡେଙ୍ଗୁ ବାହକ ମଶା ଏଡିସ୍ ଏଜିପ୍ଟି ୬୮ରୁ ୮୨ ଫାରେନ୍‌ହିଟ୍ ତାପମାତ୍ରା ଥିବା ଅଞ୍ଚଳରୁ ଭୂତାଣୁ ସଂକ୍ରମଣ କରିବାକୁ ସର୍ବାଧିକ ସକ୍ଷମ ହୋଇଥାଏ। ସବୁଜ ଗୃହ ଉତ୍ସର୍ଜନକୁ ଦୃଷ୍ଟାନ୍ତମୂଳକ ଭାବେ ରୋକାଗଲେ ମଧ୍ୟ ଅନେକ ଦେଶରେ ଜଳବାୟୁ ପରିବର୍ତ୍ତନଜନିତ ଡେଙ୍ଗୁ ସଂକ୍ରମଣ କମିବା ଆଶା ଦିଶୁନାହିଁ ବୋଲି ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି।

### ଓଡ଼ିଶାରେ ୫ ବର୍ଷରେ ...

ସୁଦ୍ଧା ପ୍ରାୟ ୩ହଜାର ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅର୍ଥାତ୍ ଗତ ୫ବର୍ଷ ମଧ୍ୟରେ ରାଜ୍ୟରୁ ୩୮ହଜାର ୩୩୨ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯଦିଓ ୨୦୨୩ ଅପେକ୍ଷା ଚଳିତବର୍ଷ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା କମିଛି, ତଥାପି ଓଡ଼ିଶା ଭଳି ଏକ ବିକଶିତ ରାଜ୍ୟରେ ଏତେ ମାତ୍ରାରେ ଡେଙ୍ଗୁ ସଂକ୍ରମଣକୁ ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ଜିଲା ମଧ୍ୟରେ ରାଜଧାନୀ ଭୁବନେଶ୍ୱର ସଂକ୍ରମଣରେ ହଟ୍‌ସ୍ପଟ ପାଲଟିଛି। ତେବେ ଡେଙ୍ଗୁ ସଂକ୍ରମଣ ପାଇଁ ଜଳବାୟୁ ପରିବର୍ତ୍ତନ ଅଧିକାଂଶ ମାତ୍ରାରେ ଦାୟୀ ରହୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଥିଲେ ମଧ୍ୟ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରିବାରେ ସ୍ୱାସ୍ଥ୍ୟ ବିଭାଗ କାହିଁକି ସଫଳ ହୋଇପାରୁ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଏନେଇ ଏସ୍‌ସିବି ମେଡିକାଲ କଲେଜର ଭେଷଜ ବିଭାଗ ପ୍ରଫେସର ଜୟନ୍ତ ପଣ୍ଡା କହିଛନ୍ତି, ରାଜ୍ୟରେ ଗତ କିଛିବର୍ଷ ହେବ ଡେଙ୍ଗୁ ସଂକ୍ରମଣ ଅହେତୁକ ଭାବେ ବଢି ଚାଲିଛି। ଡେଙ୍ଗୁ ବ୍ୟାପିବା ପାଇଁ ମୁଖ୍ୟତଃ ୩ଟି ଫ୍ୟାକ୍ଟର ଯଥା ଭୂତାଣୁ ବା ଡେଙ୍ଗୁ ଭାଇରସ୍, ଏଡିସ୍ ମଶା ଏବଂ ଲୋକଙ୍କ ବୁଷ୍ଟ ଇମ୍ୟୁନିଟି ବା ରେଜିଷ୍ଟାନ୍ସ ପାୱାର କମିବା ଦାୟୀ। ତେବେ ଜଳବାୟୁ ପରିବର୍ତ୍ତନ ପାଇଁ ମଶାଙ୍କ ବଂଶ ବୃଦ୍ଧି ପାଉଛି। ଓଡ଼ିଶା ଆଗାମୀ କିଛିବର୍ଷ ମଧ୍ୟରେ ଡେଙ୍ଗୁ ସେଣ୍ଟର ହେବାକୁ ଯାଉଛି। ସେହିପରି ଷ୍ଟ୍ରେସ୍, ମୋଟାପା, ଡାଇବେଟିସ୍ ଏବଂ ଲାଇଫ୍‌ଷ୍ଟାଇଲ୍ ପରିବର୍ତ୍ତନ ପାଇଁ ଲୋକଙ୍କର ରୋଗ ପ୍ରତିଷେଧକ ଶକ୍ତି କମୁଛି। ଫଳରେ ଅଧିକ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଲାଇଫ୍‌ଷ୍ଟାଇଲ୍‌କୁ ଠିକ୍ ରଖିବା ସହ ମଶା ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଦରକାର ବୋଲି ପ୍ରଫେସର ପଣ୍ଡା କହିଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଯେଉଁଠାରେ ବେଶି ଶୀତ କିମ୍ବା ଗରମ ନ ଥିବ, ସେହିଠାରେ ମଶା ବଢ଼ିବା ପାଇଁ ପାଗ ଅନୁକୂଳ ହୋଇଥାଏ। ପୂର୍ବାପେକ୍ଷା ଏବେ ରାଜ୍ୟରେ ଶୀତଦିନେ ଠିକ୍ ଭାବେ ଶୀତ ଅନୁଭୂତ ହେଉନାହିଁ। କେତେବେଳେ ପ୍ରବଳ ଖରା ତ କେତେବେଳେ ବର୍ଷା ହେଉଛି। ଏଭଳି ପରିବର୍ତ୍ତନ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି ଏବଂ ଡେଙ୍ଗୁ ସଂକ୍ରମଣ ବଢି ଚାଲିଛି ବୋଲି ସେ ମତ ଦେଇଛନ୍ତି।

# ଧାନର ମାନ ପରୀକ୍ଷଣ କରିବ ଅଟୋମେଟିକ ଗ୍ରେନ୍ ଆନାଲାଇଜର: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ରବିବାର ଲୋକସେବା ଭବନରେ ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ଓ ସଚିବସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ସମସ୍ତ ପ୍ରକାର ଅନିୟମିତତା, ଦଲାଲି, କଟ୍‌ନି ଛଟ୍‌ନିକୁ ବନ୍ଦ କରି ଚାଷୀଙ୍କୁ ସେମାନଙ୍କ ଫସଲର ଉଚିତ ମୂଲ୍ୟ ପ୍ରଦାନ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆସନ୍ତା ୨୦ ଓ ୨୨ ତାରିଖରୁ ବରଗଡ଼ ଏବଂ ସମ୍ବଲପୁରରୁ ଧାନ ସଂଗ୍ରହ ଆରମ୍ଭ ହେଉଛି। ପ୍ରଥମ ଥର ଲାଗି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ଅଧିକ ଦିଆଯାଉଛି। ଏହାର ବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆସନ୍ତା ୮ ତାରିଖରେ ବରଗଡ଼ ଜିଲାର ସୋହେଲାରୁ ଆରମ୍ଭ ହେବ। ଡିସେମ୍ବର ୭ ତାରିଖ ସୁଦ୍ଧା ମଣ୍ଡିରେ ଧାନ ଦେଇଥିବା ସମସ୍ତ ଚାଷୀ ଏକାଥରକେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ପାଇବେ। ଧାନର ମାନ ପରୀକ୍ଷଣ ପାଇଁ ଅଟୋମେଟିକ ଗ୍ରେନ ଆନାଲାଇଜର ବ୍ୟବହାର କରାଯିବ। ୪୦୦୦ ମେଟ୍ରିକ ଟନ୍‌ରୁ ଅଧିକ ଧାନ ସଂଗ୍ରହ କ୍ଷମତା ଥିବା ୨୦୦ଟି ବୃହତ ମଣ୍ଡିରେ ଏହି ଅଟୋମେଟିକ ଗ୍ରେନ୍ ଆନାଲାଇଜର ମେଶିନ ଲଗାଯିବା ନିମନ୍ତେ ପ୍ରଦାନ ହୋଇସାରିଛି। ଏହା ସହ ଆର୍ଦ୍ରତା ପରୀକ୍ଷଣ ମେଶିନ ମଧ୍ୟ ବ୍ୟବସ୍ଥା କରାଯାଇଛି। କଟ୍‌ନି ଛଟ୍‌ନିକୁ ବନ୍ଦ କରିବା ପାଇଁ ମିଲରମାନେ ମଣ୍ଡିରେ ଉପସ୍ଥିତ ରହିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଜିଲାରେ ଚାଷୀଙ୍କ ସୁବିଧା ପାଇଁ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ରହିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ ଭାବେ କରାଯିବ। ଏଥିଲାଗି ମଣ୍ଡିରେ ନୋଡ଼ାଲ ଅଫିସର, ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗ ଦେଇଛନ୍ତି।

# ସ୍ୱିଡେନ ମନ୍ତ୍ରୀଙ୍କ କଦଳୀ ଫୋବିଆ

**ଷ୍ଟକ୍‌ହୋମ**



ପୌଲିନା ବ୍ରାଣ୍ଡବର୍ଗ



ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି ନା କିଛି ଫୋବିଆ ରହିଥାଏ। କେହି କେହି ଅନ୍ଧକାରକୁ ଭୟ କରୁଥିବାବେଳେ ଆଉ କେହି ଅତ୍ୟଧିକ ଉଚ୍ଚତାରେ ଥିବା ସମୟରେ ଭୟ କରିଥାନ୍ତି। ନିକଟରେ ଏହିପରି ଏକ ଫୋବିଆ ପାଇଁ ସ୍ୱିଡେନର ଲିଙ୍ଗଗତ ସମାନତା ମନ୍ତ୍ରୀ ପୌଲିନା ବ୍ରାଣ୍ଡବର୍ଗ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ତାଙ୍କର ଏକ ବିଚିତ୍ର କଦଳୀ ଫୋବିଆ ଥିବା ସାମ୍ନାକୁ ଆସିଛି, ଯାହା ଅନେକଙ୍କୁ ଚକିତ କରାଇଛି। କଦଳୀକୁ ଦେଖି ସେ ଭୟରେ ଥରି ଉଠିଥାନ୍ତି। ରିପୋର୍ଟ ଅନୁଯାୟୀ, କିଛି ସ୍ଥାନୀୟ ଗଣମାଧ୍ୟମ ନିକଟରେ ସ୍ୱିଡେନ ସରକାରଙ୍କ ଏକ ଲିକ୍ ଇମେଲ୍ ହସ୍ତଗତ ହୋଇଛି, ଯେଉଁଥିରେ ପୌଲିନାଙ୍କ ସରକାରୀ ଗସ୍ତ ପୂର୍ବରୁ ସମ୍ପୃକ୍ତ ସ୍ଥାନଗୁଡିକରେ କଦଳୀ ଆଣିବା ପାଇଁ ଜନସାଧାରଣଙ୍କ ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୌଲିନା ଅତିଥି ଭାବେ ଯୋଗ ଦେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକରେ କୌଣସି କଦଳୀ ସମ୍ବନ୍ଧୀୟ ଖାଦ୍ୟ ନ ପରଷାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଦଳୀ ପ୍ରତି ପୌଲିନାଙ୍କର ଆଲର୍ଜି ରହିଥିବା ନେଇ ଉକ୍ତ ଇମେଲ୍‌ରେ ଦର୍ଶାଯାଇଛି। ଏହି ଇମେଲ ପ୍ରଘଟ ହେବା ପରେ ଗଣମାଧ୍ୟମ ସମ୍ମୁଖରେ ପୌଲିନା ନିଜ ପ୍ରତିକ୍ରିୟା ରଖି କହିଛନ୍ତି, ତାଙ୍କ ନିକଟରେ ଏକ ବିଚିତ୍ର କଦଳୀ ଫୋବିଆ ରହିଛି, ଯାହାକୁ ଦୂର କରିବା ପାଇଁ ସେ ଡାକ୍ତରୀ ସାହାଯ୍ୟ ନେଉଛନ୍ତି। ପିଲାଦିନର କୌଣସି ତିକ୍ତ ଅନୁଭୂତି ଯୋଗୁ ପୌଲିନାଙ୍କର ଏହି ଫୋବିଆ ରହିଥାଇ ପାରେ ବୋଲି ଡାକ୍ତର କହିଛନ୍ତି। ଡାକ୍ତରଙ୍କ ଅନୁଯାୟୀ, କଦଳୀ ଫୋବିଆ ହେଉଛି ଏକ ବିରଳ ଫୋବିଆ ଯେଉଁଥିରେ ପୀଡିତା ଜଣକ ନିଜ ସମ୍ମୁଖରେ କଦଳୀ ଦେଖିବା ମାତ୍ରେ ଭୟଭୀତ ହୋଇଯାଇଥାନ୍ତି ଏବଂ କମ୍ପିବାକୁ ଲାଗନ୍ତି। ସେତେବେଳେ ସେ ଶ୍ୱାସରୁଦ୍ଧ ହେବା ପରି ଅନୁଭବ କରନ୍ତି।

# ଓଡ଼ିଶାର ସବୁଜ ସ୍ୱର



ମନ୍ମୟୀ ରଥ, ଲେଖିକା ତଥା ଚିତ୍ରଶିଳ୍ପୀ



ଗୁରୁ ରତିକାନ୍ତ ମହାପାତ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ



ବିପିନ କୁମାର ସାହୁ, ବ୍ୟବସାୟୀ



ଉତ୍କଳ ଗୌରବ ନନ୍ଦ, କାର୍ଟୁନିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର



ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼



ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର



ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦେବଗଡ଼

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



# ସେମ୍ବକର୍ପର ସବୁଜ ଆମୋନିଆ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧୭।୧୧ (ସୁନିତ୍ ମିଶ୍ର)

## ସିଙ୍ଗାପୁର ଶିଳ୍ପ ପରିକଳ୍ପନା ଦେଖି ଏଠାକୁ ଆସିଛି: ମୁଖ୍ୟମନ୍ତ୍ରୀ




ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତ କରି ରବିବାର ବିଭିନ୍ନ କମ୍ପାନୀର ଶୀର୍ଷ ନେତୃତ୍ୱମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏହା ହେଉଛି ତାଙ୍କର ପ୍ରଥମ ବିଦେଶ ଗସ୍ତ। ସେମ୍ବକର୍ପ କମ୍ପାନୀର ସବୁଜ ଆମୋନିଆ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଚୁକ୍ତି ହେବା ପରେ ଓଡ଼ିଶାକୁ ପୁଞ୍ଜିନିବେଶକାରୀ ଆସି ଶକ୍ତି, ସବୁଜ ତୈଳ ଏବଂ ଏ ସମ୍ବନ୍ଧୀୟ ସବୁ ପ୍ରକାର ଉତ୍ପାଦନ ପ୍ରକଳ୍ପ ଦିଗରେ ପୁଞ୍ଜିନିବେଶ କରିବା ନେଇ ସେମାନଙ୍କ ଆଗ୍ରହ ବଢ଼ିବ। ସିଙ୍ଗାପୁର ଶିଳ୍ପାୟନ ଲାଗି ପ୍ରସିଦ୍ଧ। ସେଠାରେ ଶିଳ୍ପାୟନ କ୍ଷେତ୍ରରେ କରାଯାଉଥିବା ସ୍ୱତନ୍ତ୍ର ପରିକଳ୍ପନାକୁ ଦେଖି ପ୍ରଥମ ବିଦେଶ ଗସ୍ତ ପାଇଁ ସେ ସିଙ୍ଗାପୁରକୁ ଚୟନ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ସିଙ୍ଗାପୁର ଭିତ୍ତିଭୂମି, ଲଜିଷ୍ଟିକ ଏବଂ ଅର୍ବାନ ମ୍ୟାନେଜମେଣ୍ଟରେ ବହୁତ ଭଲ ପ୍ରଦର୍ଶନ କରିଆସିଛି। ଭାରତ ଏବଂ ସିଙ୍ଗାପୁର ସହଭାଗିତା ଏକ ଦୃଢ଼ ଆର୍ଥନୀତିକ, ଷ୍ଟ୍ରାଟେଜିକ ଏବଂ ସାଂସ୍କୃତିକ ସମ୍ପର୍କ ସୃଷ୍ଟି କରିଛି। ଓଡ଼ିଶା ଦୁଇ ଦେଶ ମଧ୍ୟରେ ଥିବା ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ଭାଜପା ସରକାର ପୁଞ୍ଜିନିବେଶକଙ୍କ ଲାଗି ସବୁ ପ୍ରକାର ସୁବିଧା ଯୋଗାଇଦେବ। ହସ୍ତତନ୍ତ, ସାମୁଦ୍ରିକ ଖାଦ୍ୟ ଏବଂ ଦକ୍ଷ ଶ୍ରମିକ ମଧ୍ୟ ପୁଞ୍ଜିନିବେଶକାରୀ ସଂସ୍ଥାକୁ ଯୋଗାଇଦେବ।

ଏହି ଅବସରରେ ସେ ସେମ୍ବକର୍ପ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ଅନୁମୋଦନ ଦେଇଥିବା ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସହିତ ସବୁଜ ତୈଳ, ଶକ୍ତି ଏବଂ ଏହି ସମ୍ବନ୍ଧୀୟ ପ୍ରକଳ୍ପ ଦିଗରେ ପୁଞ୍ଜିନିବେଶକାରୀ କିପରି ଅଧିକ ଓଡ଼ିଶା ପ୍ରତି ଆକର୍ଷିତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଓଡ଼ିଶା ଟିମ୍ ସେମ୍ବକର୍ପ ଇଣ୍ଡଷ୍ଟ୍ରି ଲିମିଟେଡ ଗସ୍ତ କରିଛନ୍ତି। ଏହାସହ ପ୍ରତିନିଧି ପ୍ରଥମେ ସିଟି ମେଟ୍ରିକ୍ସ ଫାଉଣ୍ଡର ଏଡ୍‌ୱାର୍ଡ ମୋର୍ଟନଙ୍କ ସହ ଆଲୋଚନା କରିଥିଲେ। ଏହି କମ୍ପାନୀ ଓଡ଼ିଶାରେ ପୁଞ୍ଜିନିବେଶ କଲେ ରାଜ୍ୟ ସରକାର ସବୁ ସୁବିଧା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ ମୋର୍ଟନଙ୍କୁ ଓଡ଼ିଶା ଆସିବା ଲାଗି ତାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହାପରେ ଭିସା ଗ୍ରୁପ ଲିମିଟେଡ ନିର୍ଦ୍ଦେଶକ ବିବେକ ଅଗ୍ରୱାଲଙ୍କ ସହ ଆଲୋଚନା ହୋଇଥିଲା। ଭିସା ଗ୍ରୁପ ଓଡ଼ିଶାରେ ଷ୍ଟିଲ ଏବଂ ଫେରୋକ୍ରୋମ ସେକ୍ଟରରେ ଅଧିକ ନିଯୁକ୍ତି ସୃଷ୍ଟି କରିବା ଲାଗି ସୁଯୋଗ ସୃଷ୍ଟି କରିବାକୁ କୁହାଯାଇଥିଲା। ଓଡ଼ିଶା ପ୍ରତିନିଧି ଦଳ ଓରିଣ୍ଟ ସିଙ୍ଗାପୁର ପିଟିଇ ଲିମିଟେଡ ଅଧ୍ୟକ୍ଷ ରବିନ ଝୁନ୍‌ଝୁନ୍‌ୱାଲାଙ୍କୁ ଭେଟି ବାଓ-ଫର୍ଟିଲାଇଜର କ୍ଷେତ୍ରରେ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ କୁହାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ କମ୍ପାନୀକୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଥମ ଦିନର ସିଙ୍ଗାପୁର ଗସ୍ତରେ ଓଡ଼ିଶା ପ୍ରତିନିଧି ମଣ୍ଡଳୀ ସିଙ୍ଗାପୁରଠାରେ ଭାରତ ହାଇକମିଶନର ଶିଲପକ୍ ଆମ୍ବୁଲଙ୍କ ସହ ଭେଟି ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଥିବା ବ୍ୟବସାୟିକ ସମ୍ପର୍କ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଆମ୍ବୁଲ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ ଯେ ଓଡ଼ିଶା ରସାୟନ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ସବୁଜ ତୈଳ ଆଦି ବ୍ୟବସାୟକୁ ଗୁରୁତ୍ୱ ଦେଇ ସିଙ୍ଗାପୁର ସହିତ ଥିବା ସମ୍ପର୍କକୁ ଅଧିକ ମଜଭୁତ କରିପାରିବ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ପ୍ରଥମ ଦିନରେ ପୁଞ୍ଜିନିବେଶକାରୀଙ୍କ ସହିତ ହୋଇଥିବା ଆଲୋଚନା ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହାଦ୍ୱାରା ଆଗକୁ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟକୁ ଅଧିକ ପ୍ରୋତ୍ସାହିତ କରିବ। ଏହି ଗସ୍ତ ମେକ୍ ଇନ୍ ଓଡ଼ିଶା ୨୦୨୫ରେ ଗ୍ଲୋବାଲ ଇନଭେଷ୍ଟର୍ସ ଓଡ଼ିଶାର ଶକ୍ତି ହେବ ବୋଲି ସେ କହିଛନ୍ତି।

# ଟ୍ରକ୍ ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଲୁଗାଁ, ୧୭।୧୧ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ଖଡ଼ିକାପଲ୍ଲୀ ଛକଠାରେ ରବିବାର ରାତିରେ ଟ୍ରକ୍ ଚାପାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବାଲୁଗାଁ ବିଶ୍ୱାଳ ସାହିର ରିତେଶ ବେହେରା (୨୦) ଏବଂ ବାବୁ ବାରିକ (୧୯)। ଆହତ ଶଙ୍କର ବେହେରାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ତିନି ବାଇକ୍ ଆରୋହୀ କୌଣସି କାର୍ଯ୍ୟରେ ନାଭାଲ ଛକ ପଟୁ ଫେରୁଥିବା ବେଳେ ବାଲୁଗାଁ ବାଇପାସ୍ ରାସ୍ତାର ଖଡ଼ିକାପଲ୍ଲୀ ଛକଠାରେ ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକରୁ ଛିଟିକି ତିନି ଆରୋହୀ ତଳେ ପଡିଯିବାରୁ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ ଚକା ସେମାନଙ୍କ ଉପରେ ଚଢ଼ିଯାଇଥିଲା।

# ସତ୍‌କର୍ମ, ସତ୍‌ଧର୍ମ ଓ ସତ୍‌ମାର୍ଗ ହିଁ ନିର୍ବାଣ ଦେଇପାରେ

ପୁରୀ, ୧୭।୧୧ (ଅଜିତ୍ କୁମାର ମହାନ୍ତି)

## ଶ୍ରୀକ୍ଷେତ୍ରରେ ନିର୍ବାଣ ମହୋତ୍ସବ

ପୂର୍ବଜନ୍ମର ପ୍ରାରବ୍ଧରୁ ଜୀବ ମଣିଷ ଜନ୍ମ ପାଏ। ମଣିଷ ଦେହରେ ଦିବ୍ୟଜ୍ଞାନ ଦେଖି ଈଶ୍ୱର ଖୁସି ହୁଅନ୍ତି। ହେଲେ ସଂସାର ମାୟାରେ ପଶିବା ପରେ ଅହଂକାର, ଈର୍ଷା, ପରଶ୍ରୀ କାତରତା ଭିତରେ ମଣିଷ ବାଟ ହୁଡ଼ିଯାଏ। କିନ୍ତୁ ସେତେବେଳେକୁ ହଜିଯାଇଥାଏ ମୁକ୍ତି, ମୋକ୍ଷ ଓ ନିର୍ବାଣର ବାଟ। ଏଣୁ ସତ୍‌କର୍ମ, ସତ୍‌ମାର୍ଗ, ସଦ୍‌ଭାବନା ଓ ସତ୍‌ଧର୍ମ ଭିତରେ ଏକ ସୁନ୍ଦର ସଂସାର ଏବଂ ଶୃଙ୍ଖଳିତ ସମାଜ ଗଠନ ହିଁ ମଣିଷକୁ ମୁକ୍ତି, ମୋକ୍ଷ ଓ ନିର୍ବାଣର ବାଟ ଦେଖାଏ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀର ପଲ୍ଲୀବାଣୀ ମିଶନ, ମିଶନ ଓଡ଼ିଶା ଏବଂ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ମିଳିତ ସହଯୋଗରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଜୟଦେବ ଭବନରେ ଆୟୋଜିତ ନିର୍ବାଣ ମହୋତ୍ସବକୁ ଉଦ୍‌ଘାଟନ କରି ଡ. ପ୍ରଧାନ ଆଧ୍ୟାତ୍ମିକ ଜନଜାଗରଣରେ ନିର୍ବାଣ ମହୋତ୍ସବ ସ୍ମରଣ ରହିବ ବୋଲି ମତବ୍ୟକ୍ତ କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ 'ଏଫ୍‌ଆଇଭିବି ଗ୍ରାଣ୍ଡ୍ କ୍ରସ୍ ସମ୍ମାନ'


ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାସା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ୍ କ୍ରସ୍' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୭।୧୧ (ଅନୁରାଧା ମହାରଣା)

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି)ର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ୍ କ୍ରସ୍' ପ୍ରଦାନ କରାଯାଇଛି। ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ପର୍ତ୍ତୁଗାଲର ପର୍ତ୍ତୋଠାରେ ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ବିଶେଷକରି ଭଲିବଲର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡ. ସାମନ୍ତଙ୍କୁ ଏହି ସମ୍ମାନ ମିଳିଛି। ସମ୍ମାନ ପ୍ରଦାନ ସମାରୋହରେ ୨୨୨ ଦେଶରୁ ଆସିଥିବା ଭଲିବଲ ସଂଘର ସଭାପତି ତଥା ଅନ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାସା ଏହି ସମ୍ମାନ ପ୍ରଦାନ କରିଥିଲେ। ନିକଟରେ ଡ. ଗ୍ରାସା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ବେଳେ ଏହି ସମ୍ମାନ ପ୍ରଦାନ ନେଇ ଘୋଷଣା କରିଥିଲେ। ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଛନ୍ତି, ଏଫ୍‌ଆଇଭିବିର ସର୍ବୋଚ୍ଚ ସମ୍ମାନ ପାଇଁ ୨୨୨ଜଣଙ୍କ ମଧ୍ୟରୁ ମୋର ନାମକୁ ଅନୁମୋଦନ ମିଳିବା ଓ ଅତି ସ୍ନେହରେ ସମ୍ମାନ ପ୍ରଦାନ କରାଯାଇଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଋଣୀ। ଏହାର ଶ୍ରେୟ ସେ ଭଗବାନଙ୍କୁ ଦେବା ସହ ଏହି ସମ୍ମାନକୁ ଭାରତର ସମସ୍ତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ତଥା କିଟ୍ ଓ କିସକୁ ଉତ୍ସର୍ଗ କରିଛନ୍ତି।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। –ଶ୍ରୀମା



# ମାନଚିତ୍ର ବଦଳିଯାଇପାରେ

ଭାରତକୁ ବିଶ୍ୱସ୍ତରରେ ଅନ୍ୟତମ କ୍ଷମତାଶାଳୀ ଦେଶ ଭାବେ ଏଠାକାର ରାଷ୍ଟ୍ରୀୟ ନେତାମାନେ ପ୍ରଦର୍ଶନ କରିଚାଲିଛନ୍ତି। ବିଭିନ୍ନ ମଞ୍ଚରେ ଭାରତର ଉତ୍ଥାନ ବିଷୟରେ ଅନେକ ନେରେଟିଭ୍ ବା ବ୍ୟାଖ୍ୟାନ କରାଯାଉଛି। କେତେକେ ଭାରତ ଭୂମିର ସଫଳତାର ଉର୍ଦ୍ଧ୍ୱକୁ ଉଠି ମହାକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ବଖାଣୁଛନ୍ତି। ଏତେ ଭିତରେ ଅଶାନ୍ତ ମଣିପୁର ବିଷୟଟି ଅନ୍ଧାରରେ ଦୀର୍ଘ ଦେଢ଼ବର୍ଷ ଧରି ଘାଣ୍ଟି ହେଉଥିଲେ ମଧ୍ୟ ସେଥିପ୍ରତି ଜାତୀୟଠାରୁ ପ୍ରାନ୍ତୀୟ ସ୍ତରଯାଏ କାହାରି ନଜର ପଡୁ ନ ଥିଲା ଭଳି ମନେ ହେଉଛି। ୨୦୨୩ ମେ'ରୁ ହିଂସା କବଳିତ ମଣିପୁର ଦେଶର ଅନେକ ରାଜ୍ୟରେ ହୋଇଥିବା ନିର୍ବାଚନଠାରୁ ୨୦୨୪ ଲୋକ ସଭା ନିର୍ବାଚନ ଭଳି ସର୍ବଭାରତୀୟ ଭୋଟ ବ୍ୟାଙ୍କ ରାଜନୀତି ଦେଖିସାରିଲାଣି। ଏବେ ଝାଡ଼ଖଣ୍ଡ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ସରିଥିବା ବେଳେ ଆସନ୍ତା ୨୦ ତାରିଖରେ ମହାରାଷ୍ଟ୍ର ନିର୍ବାଚନ ହେବାକୁ ଯାଉଛି। ହେଲେ ମଣିପୁର ହିଂସା କୁଣ୍ଢେଇ ମୁଣ୍ଢେଇ କେଉଁଠି କେମିତି ନିର୍ବାଚନୀ ପ୍ରସଙ୍ଗ ପାଲଟି ପୁଣି ମିଳେଇ ଯାଉଛି। ଏଭଳି ଜନମାନସିକତାକୁ ଦେଖିଲେ ମନେ ହେଉଛି ସତେ ଯେମିତି ମଣିପୁର ଭାରତ ଭିତରେ ନାହିଁ। ଏହା ଜଣାଶୁଣା ଯେ ମଣିପୁର ସମେତ ଉତ୍ତର ପୂର୍ବାଞ୍ଚଳବାସୀଙ୍କ ପ୍ରତି ଅବଶିଷ୍ଟ ଭାରତୀୟଙ୍କ ଏକ ଭିନ୍ନ ଦୃଷ୍ଟି ଥିବାରୁ ସେଠାକାର ବାସିନ୍ଦାଙ୍କ ମଧ୍ୟରୁ ଅଧିକାଂଶ ଅସନ୍ତୋଷ ପ୍ରକାଶ କରିଥାଆନ୍ତି। ଭାରତ ସରକାର ସହି ଅଂଶକୁ ଅଣଦେଖା କରୁଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି।

ସଦ୍ୟ ହିଂସାକୁ ଦେଖିଲେ ମଣିପୁରରେ ମେଇତିଙ୍କ ଉପରେ କୁକି ଉଗ୍ରପନ୍ଥୀମାନେ ଭାରିପଡ଼ିଲେଣି। ଜରିବାମ୍ ଜିଲାରୁ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀ ୧୧ ନଭେମ୍ବରରେ ୬ ଜଣଙ୍କୁ ଅପହରଣ କରି ନେବାର ୫ ଦିନ ପରେ ସେମାନଙ୍କୁ ହତ୍ୟା କରି ନଦୀରେ ଫିଙ୍ଗିଦେଇଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ହୋଇଥିବା ବେଳେ ଆଉ ୩ ଜଣ ଶିଶୁ। ଏହି ଘଟଣାକୁ ନେଇ ୧୬ ତାରିଖରେ ବିକ୍ଷୋଭକାରୀମାନେ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଡ଼ାଜଳା କରିବା ସହ ଇମ୍ଫାଲରେ ଥିବା ୩ ମନ୍ତ୍ରୀ ଓ ୬ ଜଣ ବିଧାୟକଙ୍କ ଘରେ ଆକ୍ରମଣ କରିଛନ୍ତି। ଏପରି କି ଭାଜପା ନେତା ତଥା ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ ବାସଭବନ ଆଡ଼କୁ ସେମାନେ ପ୍ରବେଶ ଉଦ୍ୟମ କରିଥିଲେ। ସାନି ହିଂସା ବ୍ୟାପିବା ପଛରେ ଜରିବାମ ଅଞ୍ଚଳରେ ନଭେମ୍ବର ୧୧ରେ କିଛି ଲୋକ ଥାନା ଉପରେ ଆକ୍ରମଣ କରିଥିବା ଦେଖାଯାଇଥିଲା। ସୁରକ୍ଷାକର୍ମୀ ପରିସ୍ଥିତିର ମୁକାବିଲା କରିବାକୁ ଯାଇ ପ୍ରତିଆକ୍ରମଣ କରିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ସେମାନେ କୁକି ଉଗ୍ରପନ୍ଥୀ ଥିଲେ ବୋଲି କୁହାଯାଉଛି। ପରବର୍ତ୍ତୀ ସମୟରେ ଉଗ୍ରପନ୍ଥୀ ଗୋଷ୍ଠୀ ପ୍ରତିହିଂସାପରାୟଣ ହୋଇ ମେଇତିମାନେ ରହୁଥିବା ଶରଣାର୍ଥୀ ଶିବିର ଉପରେ ଆକ୍ରମଣ କରି ୬ ଜଣଙ୍କୁ ଅପହରଣ କରିନେଇଥିଲେ। ସେମାନଙ୍କ ମୃତଦେହ ଉଦ୍ଧାର ହେବା ପରେ ଦେଖାଦେଇଥିବା ଉତ୍ତେଜନାକୁ ପ୍ରଶମିତ କରିବା ସକାଶେ ଇମ୍ଫାଲ ନିକଟବର୍ତ୍ତୀ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯିବା ସହ ଇଣ୍ଟରନେଟ୍‌କୁ ବନ୍ଦ କରି ଦିଆଯାଇଛି। ଇତିମଧ୍ୟରେ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି (କୋକୋମି) ହିଂସା ଘଟାଇଥିବା ଉଗ୍ରପନ୍ଥୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ବିଭିନ୍ନ ଜିଲାରେ ଚଳିତ ମାସ ପ୍ରାରମ୍ଭରୁ ପୁନଃଲାଗୁ କରାଯାଇଥିବା ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଆଫ୍‌ସା) ହଟେଇ ଦେବାକୁ ଦାବି କରିଛି। ଉଲ୍ଲେଖଯୋଗ୍ୟ, ଏହି କଠୋର ଆଇନ ଲାଗୁ ହୋଇଥିବା ଅଞ୍ଚଳରେ ସେନା ଲୋକଙ୍କ ଉପରେ ଜୁଲମ କରିଥିବାର ଇତିହାସ ଅନେକ ରହିଆସିଛି।

ଦେଶରେ ଆଭ୍ୟନ୍ତରୀଣ ବ୍ୟାପାର ପରିଚାଳନା ଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରେ ନ୍ୟସ୍ତ ଥାଏ। ଦେଢ଼ ବର୍ଷ ହେଲାଣି ମଣିପୁର ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ସତେ ଯେମିତି ବିଭିନ୍ନ ଅପଶକ୍ତି ଏହି ରାଜ୍ୟକୁ ହିଂସାର ପ୍ରୟୋଗଶାଳା କରିଦେଲେଣି। ସେଠାକାର ସ୍ଥିତି ଯାଞ୍ଚ କରିବା ଲାଗି ୧୭ ନଭେମ୍ବରରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ(ସିଆର୍‌ପିଏଫ୍) ମହାନିର୍ଦ୍ଦେଶକ ଅନିସ ଦୟାଲ ସିଂ ଇମ୍ଫାଲରେ ପହଞ୍ଚିଛନ୍ତି। ତେଣୁ ହିଂସା ଯେଭଳି ଉଗ୍ର ହେବାରେ ଲାଗିଛି କେନ୍ଦ୍ର ତାହାକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାର ସହିତ ଉଭୟ ଗୋଷ୍ଠୀକୁ ଶାନ୍ତି ଟେବୁଲକୁ ଡାକି ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ। ଏପର୍ଯ୍ୟନ୍ତ ସେଭଳି କୌଣସି ପଦକ୍ଷେପ ନିଆଯାଉଥିବାର ଖବର ମିଳୁନାହିଁ। ପ୍ରତ୍ୟେକ ଦିନ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ନିଆଁ ଲିଭାଇବାର ସବୁ ପ୍ରକାର ଉଦ୍ୟମ କରାଗଲେ ଏହି ଉତ୍ତର ପୂର୍ବାଞ୍ଚଳ ଭାରତ ସାଙ୍ଗରେ ରହିବ। ନଚେତ୍ ଭବିଷ୍ୟତର ମାନଚିତ୍ର ବଦଳିଯିବାର ସବୁ ଆଶଙ୍କା ରହିଛି।

ହିଂସା ଯେଭଳି ଉଗ୍ର ହେବାରେ ଲାଗିଛି କେନ୍ଦ୍ର ତାହାକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାର ସହିତ ଉଭୟ ଗୋଷ୍ଠୀକୁ ଶାନ୍ତି ଟେବୁଲକୁ ଡାକି ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ। ଏପର୍ଯ୍ୟନ୍ତ ସେଭଳି କୌଣସି ପଦକ୍ଷେପ ନିଆଯାଉଥିବାର ଖବର ମିଳୁନାହିଁ। ପ୍ରତ୍ୟେକ ଦିନ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ନିଆଁ ଲିଭାଇବାର ସବୁ ପ୍ରକାର ଉଦ୍ୟମ କରାଗଲେ ଏହି ଉତ୍ତର ପୂର୍ବାଞ୍ଚଳ ଭାରତ ସାଙ୍ଗରେ ରହିବା ନଚେତ୍ ଭବିଷ୍ୟତର ମାନଚିତ୍ର ବଦଳିଯିବାର ସବୁ ଆଶଙ୍କା ରହିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | | | 7 | | | |
| | | | | 8 | | | | |
| | | | 9 | | 2 | | | |
| | | | | 4 | | 1 | 7 | |
| | 4 | 6 | | | | | | 9 |
| 9 | | | | | | | 2 | |
| | | 4 | | 7 | | | | 1 |
| | 5 | 8 | | | | | | 3 |
| | | 9 | 2 | | 8 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 3 | 7 | 6 | 9 | 5 | 2 | 8 |
| 7 | 6 | 5 | 8 | 2 | 1 | 4 | 9 | 3 |
| 9 | 2 | 8 | 3 | 5 | 4 | 6 | 1 | 7 |
| 8 | 1 | 2 | 4 | 3 | 6 | 7 | 5 | 9 |
| 6 | 9 | 7 | 2 | 1 | 5 | 3 | 8 | 4 |
| 5 | 3 | 4 | 9 | 7 | 8 | 1 | 6 | 2 |
| 4 | 7 | 1 | 5 | 8 | 2 | 9 | 3 | 6 |
| 2 | 5 | 9 | 6 | 4 | 3 | 8 | 7 | 1 |
| 3 | 8 | 6 | 1 | 9 | 7 | 2 | 4 | 5 |

ଗତକାଲିର ଉତ୍ତର

# ଶିକ୍ଷକଙ୍କ ପରିବର୍ତ୍ତିତ ଭୂମିକା



ଡ. ମନୋରଞ୍ଜନ ପ୍ରଧାନ

ଯୁଗେ ଯୁଗେ ଗୁରୁ ବା ଶିକ୍ଷକସମାଜ ହିଁ ସମାଜ ପରିବର୍ତ୍ତନର ଦଧୀଚି ଓ ବିଶ୍ୱକର୍ମା। ଶିକ୍ଷକସମାଜ ବିନା ଅନ୍ୟ କୌଣସି ସମାଜ ବୈଚାରିକ ପରିବର୍ତ୍ତନର ମଙ୍ଗ ଧରିବା କଷ୍ଟସାଧ୍ୟ, ଯଦିଓ ସହଯୋଗୀ ଭାବରେ କାମ କରିପାରନ୍ତି। ଅନ୍ୟମାନଙ୍କ ଅପେକ୍ଷା ଶିକ୍ଷକମାନେ ନିତ୍ୟ ଓ ନିୟମିତ ପରୀକ୍ଷିତ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପରୀକ୍ଷା ଦେବା ଓ ପ୍ରାମାଣିକତାର ସହ ଉତ୍ତୀର୍ଣ୍ଣ ହେବା ସେମାନଙ୍କ କାମ। ପରସମଣି ଭଳି ସମାଜରେ ନିଜକୁ ପ୍ରତିପାଦିତ କରିବା ପାଇଁ ସେମାନେ ସମାଜ ରୂପକ କଷଟି ପଥରରେ ଘଷି ମାଜି ହୋଇ ଚକ୍‌ଚକ୍ ହେବାକୁ ପଡ଼ିବ ନିଜ ଚରିତ୍ର, ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟ ମାଧ୍ୟମରେ। ସମସ୍ତ ପ୍ରକାରର ଭୁଲ୍, ବ୍ୟତିକ୍ରମ ଓ ବିଶୃଙ୍ଖଳା କରୁଥିବା ବ୍ୟକ୍ତିବିଶେଷ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଠାରୁ ସର୍ବଦା ଭଲ ଆଚରଣ ଆଶା କରନ୍ତି। କାରଣ ସମାଜ ଆଖିରେ ଶିକ୍ଷକସମାଜ ହେଉଛି ଆଦର୍ଶ, ଯାହାଙ୍କ ପଦାଙ୍କ ଅନ୍ୟମାନେ ଅନୁସରଣ କରିଥାନ୍ତି। ଏକ ବାସ୍ତବ ଉଦାହରଣ। ବସ୍‌ଷ୍ଟାଣ୍ଡରେ ମଦ ପିଇ ମାତାଲ ହୋଇ ପଡ଼ିଥିବା ଜଣେ ଶିକ୍ଷକଙ୍କୁ ଦେଖି ପ୍ରତିଦିନ ମଦ୍ୟପାନରୁ ଦିନଚର୍ଯ୍ୟା ଆରମ୍ଭ କରୁଥିବା ଜଣେ ଘୋଡ଼ା ମଦୁଆ ତିରସ୍କାର କରୁଥିବାର ଦେଖି ଜଣେ ଦେଖଣାହାରି କହିଲେ, ତୁମେ ନିଜେ ମଦ ପିଇ ଅନ୍ୟକୁ ଉପଦେଶ ଦେବାର ମାନେ କ'ଣ? ବର୍ଷିଆନ୍ ମଦ୍ୟପ ଜଣକ କହିଲେ– ସମାଜ ଜାଣିଛି ମୁଁ ମଦୁଆ ଏବଂ ବୃତ୍ତିରେ ଜଣେ କୁଲି। ହାଡ଼ଭଙ୍ଗା ପରିଶ୍ରମ କରିବା ମୋର କାମ। ପୁଣି ଜଣେ ଅପାଠୁଆ ଓ ଅଶିକ୍ଷିତ ଲୋକଟି। କିନ୍ତୁ ସେ ଜଣେ ଶିକ୍ଷକ। ଶହ ଶହ ପିଲାଙ୍କ ଆଦର୍ଶ। ତାଙ୍କ ମୋ' ଭିତରେ ଅନେକ ପାର୍ଥକ୍ୟ। ମୋ କାମକୁ କେହି ଦେଖିବେ ବା ଶିଖିବେ ନାହିଁ। କିନ୍ତୁ ସେ ମାଷ୍ଟରଙ୍କ ପ୍ରତିଟି କୃତି ଓ କୀର୍ତ୍ତିକୁ (ଭଲ ହେଉ ବା ମନ୍ଦ) ସମସ୍ତେ ଦେଖିବେ ଓ ଶିଖିବେ। ତାଙ୍କ ଭଲ କାମ ସମାଜର ଅଗଣିତ ଲୋକ ଅନୁକରଣ ଓ ଅନୁସରଣ କରନ୍ତି। ମଦୁଆଟିର ତା' ଭାଷାରେ ଅନେକ କିଛି କହିଗଲା। ଅର୍ଥାତ୍ ସେ କହିବାକୁ ଚାହୁଁଥିଲେ ଯେ ସେ ମଦୁଆ, ତା'ର କାମ ଖରାପ ହୋଇପାରେ; କିନ୍ତୁ ଶିକ୍ଷକସମାଜର କୌଣସି ଆଚରଣ ଖରାପ ହେବା ଆଦୌ ସମୀଚୀନ ନୁହେଁ। ଏ ବିଚାର ସମାଜର ସବୁବର୍ଗର ଲୋକମାନଙ୍କର। ତେଣୁ ଶିକ୍ଷକମାନେ ସମାଜର କେତେ ଆଦର୍ଶ ଜାଣିବାକୁ ହେବ।

ଅପରପକ୍ଷରେ ସମାଜର ନକାରାତ୍ମକ ଗତିକୁ ସକାରାତ୍ମକ ମନୋବୃତ୍ତିରେ ପରିବର୍ତ୍ତନ କରିବାରେ ଶିକ୍ଷକମାନଙ୍କ ଭୂମିକା ସର୍ବଦା ପ୍ରଣିଧାନଯୋଗ୍ୟ। ଉଦାହରଣ ଭାବରେ ନିଆଯାଉ। ଯେତେବେଳେ



ଭିତ୍ତିଭୂମିର ଅଭାବ ଥିଲା, ସମାଜ ମୂଲ୍ୟବୋଧଯୁକ୍ତ ଥିଲା, ମାତ୍ର ଶିକ୍ଷାର ଅଭାବ ଅନୁଭବ କରୁଥିଲା, ସେତେବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପଯୁକ୍ତ ଶିକ୍ଷା ମାଧ୍ୟମରେ ସମାଜକୁ ଠିଆ କରିଛନ୍ତି। ଆଜି ସାକ୍ଷରତା ହାର ବଢ଼ୁଛି। ଶିକ୍ଷିତଙ୍କ ସଂଖ୍ୟା ଉତ୍ସାହଜନକ ଭାବରେ ବୃଦ୍ଧି ପାଇଛି। ହେଲେ ଗୋଟିଏ ଅଭାବ ଦେଖାଦେଇଛି ମୂଲ୍ୟବୋଧର। ବିଦ୍ୟାଳୟ ଭିତ୍ତିଭୂମି ଏବେ ସୁଦୃଢ଼। ସମସ୍ତେ ଆହୁରି ଅଧିକ ଭୌତିକ ଭିତ୍ତିଭୂମିକୁ ମଜଭୁତ କରିବାରେ ଲାଗିଛନ୍ତି। ପିଲା ଦିନରାତି ପରିଶ୍ରମ କରି କିଭଳି ଭଲ ନମ୍ବର ରଖିବ, ସେଥିପାଇଁ ସମସ୍ତେ ଚିନ୍ତିତ ଓ ଚେଷ୍ଟିତ। କିନ୍ତୁ କାହାର ନିଘା ନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆ ଉପରେ ନାହିଁ। ସମସ୍ତେ ସ୍ୱପ୍ନିଳ ଜଗତରେ ଉବୁଟୁବୁ। କିନ୍ତୁ ଏଭଳି ପରିସ୍ଥିତିରେ ଶିକ୍ଷକମାନେ ଆଜି ପାଠପଢ଼ା ଅପେକ୍ଷା ନୈତିକ ଦିଗକୁ ଯଥେଷ୍ଟ ଧ୍ୟାନ ଦେବାକୁ ହେବ। ଦିବ୍ୟଜ୍ଞାନ ପରିବର୍ତ୍ତେ କାଣ୍ଡ ଜ୍ଞାନର ବିକାଶ ଆଜିର ଆବଶ୍ୟକତା। ପାଠ ସମ୍ବନ୍ଧୀୟ ତଥ୍ୟ ଓ ଜ୍ଞାନ ପିଲେ ବିଭିନ୍ନ ଉତ୍ସରୁ ପାଇପାରିବେ ଆଜିର ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ। କିନ୍ତୁ ମୂଲ୍ୟବୋଧ, ମଣିଷପଣିଆ ଆଦି ଦୁର୍ଲଭ ଗୁଣ ଶିଖିବାର ପରିସର ଯଥେଷ୍ଟ କମ। ତେଣୁ ପାଠପଢ଼ା ଅପେକ୍ଷା ଆଜିର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପିଲାଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବା ପାଇଁ ପ୍ରେରଣା ଓ ପ୍ରୋତ୍ସାହନ ଦେବା ସମୟର ଆବଶ୍ୟକତା ମନେହୁଏ।

ଆମେ ସମସ୍ତେ ଜାଣିଛେ, ଦିନଥିଲା ଗ୍ରାମବାସୀଙ୍କର ସବୁ ସୁଖଦୁଃଖ ଓ ପରିବର୍ତ୍ତନର ଉତ୍ସ ଥିଲେ ସ୍କୁଲ ମାଷ୍ଟର ଏବଂ ପୋଷ୍ଟ ମାଷ୍ଟର। ଆଜି ମଧ୍ୟ ସେମାନଙ୍କ ଭୂମିକା ଗୌଣ ହୋଇ ନାହିଁ। ହୁଏତ ଆଜି ଶିକ୍ଷକଙ୍କୁ ବିଦେଶରେ ବା ରାଜ୍ୟ ବାହାରେ ରହୁଥିବା ଗ୍ରାମବାସୀଙ୍କ ପାଇଁ ଚିଠି ଲେଖିବା ବା ସେମାନଙ୍କଠାରୁ ନିଜ ସମ୍ପର୍କୀୟଙ୍କ ନିକଟକୁ ପ୍ରେରିତ ଚିଠି ପଢ଼ି ବୁଝେଇବାର ଆବଶ୍ୟକତା ନାହିଁ। କାରଣ ଗାଁଠାରୁ ସହର, କେଉଁଠି ମଧ୍ୟ ପାଠୁଆମାନଙ୍କ ଅଭାବ ନାହିଁ। ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ। ତେଣୁ ଆଜି ଚିଠି ଦିଆନିଆର ପ୍ରାସଙ୍ଗିକତା ନାହିଁ କି ପାଠୁଆଙ୍କ ଦ୍ରୁତ ଅଭିବୃଦ୍ଧି ହେତୁ ପଢ଼ି ଶୁଣେଇବାର ଆବଶ୍ୟକତା ନାହିଁ। ଅର୍ଥାତ୍ ସମାଜରେ ପାଠୁଆ ବା ଶିକ୍ଷିତମାନଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କର ଲକ୍ଷ୍ୟ ପୂରଣ କରିଛନ୍ତି। କିନ୍ତୁ ଆଜି ସମାଜରେ ଘୋର ଅଭାବ ରହିଛି ଆପଣାପଣ, ନିଃସ୍ୱାର୍ଥପର ସମ୍ବନ୍ଧ ଓ ମଣିଷପଣିଆ, ଭଲପାଇବା ଇତ୍ୟାଦି। ସବୁଆଡ଼େ ସ୍ୱାର୍ଥ ଓ ଅର୍ଥ, ଲୋଭ ଓ ଲାଭର ହିସାବ। ହିଂସା, ଦ୍ୱେଷ, ଅସହିଷ୍ଣୁ ମନୋଭାବ, ପ୍ରତିଶୋଧ ପରାୟଣ ଆଦି ଅମାନବୀୟ ଓ ଅସାମାଜିକ କୁକୃତିର ଦୁର୍ଗନ୍ଧ। ଗ୍ରାମବାସୀଙ୍କଠାରୁ ନଗରବାସୀଯାଏ ସବୁଠି ସ୍ୱାର୍ଥ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। ସାମାଜିକ ମୂଲ୍ୟବୋଧ, ବ୍ୟକ୍ତିଗତ ନୈତିକତା ଓ ରାଷ୍ଟ୍ରମନସ୍କ ବିଚାରଧାରା ଧୀରେ ଅପସରି ଯାଇଛି। ଅପସଂସ୍କୃତିର ଅନ୍ଧାନୁକରଣ ସବୁଆଡ଼େ ଦ୍ରୁତ ଗତିରେ ସମାଜକୁ କବଳିତ କରିବାରେ ଲାଗିଛି। ମହୁମାଛି ବହୁ କଷ୍ଟ କରି ମଧୁ ସଂଗ୍ରହ ପରେ ସ୍ୱାର୍ଥୀ ମଣିଷ ଯେପରି ନିମିଷକ ମଧ୍ୟରେ ତା'ର ବସା ଭାଙ୍ଗି, ନିଆଁହୁଳା ଦେଇ ତା'ର ସର୍ବସ୍ୱ ଲୁଟି ନେଉଛି, ଠିକ୍ ସେହିପରି ସାଇବର ଠକମାନେ ଗୋଟିଏ ସଂଖ୍ୟା ଖେଳରେ ମଣିଷର ସମସ୍ତ ରୋଜଗାରକୁ କଳାକନା ବୁଲେଇ ଦେଉଛି। ଆଜି ପରିବାରରେ ସୁଖଶାନ୍ତି ନାହିଁ। ମା'ବାପାଙ୍କ ପ୍ରତି ପିଲାଙ୍କ ସେହି ସମ୍ମାନବୋଧ ନାହିଁ କି ମା'ବାପାମାନେ ମଧ୍ୟ ନିଜ ପିଲାଙ୍କୁ ଭଲ ମଣିଷଟିଏ ଗଢ଼ି ତୋଳିବାକୁ ପ୍ରଯତ୍ନ ନୁହନ୍ତି। ସମସ୍ତେ କେବଳ ଭୋଗବାଦର ପାହାଡ଼ ଉପରେ ଠିଆହୋଇ ଭୌତିକ ସୁଖ ଭୋଗର ନିଶାରେ ମତୁଆଲା। ତେଣୁ ଆଜି ସମାଜ ବିଶୃଙ୍ଖଳିତ ଓ ଅସନ୍ତୁଳିତ। ପରିବାରରେ ଅଶାନ୍ତି। ଗୋଟିଏ ପଟେ ଭୋଗବାଦର ବିଶାଳ ମିନାର, ଅନ୍ୟପଟେ ଭୋକର ଅସହ୍ୟ ଜ୍ୱାଳା। ଗୋଟିଏ ପଟେ ଶିକ୍ଷିତମାନଙ୍କ ଦ୍ରୁତ ସଂଖ୍ୟାବୃଦ୍ଧି, ଅନ୍ୟପଟେ ଅସାମାଜିକ ତତ୍ତ୍ୱମାନଙ୍କ ଅନ୍ୟାୟ, ଅତ୍ୟାଚାର ଓ ଅଭଦ୍ରୋଚିତ ଆଚରଣର ସୀମା ଉଲ୍ଲଂଘନ।

ଏଭଳି ସମୟରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ସମାଜ ସଂସ୍କାରକ ଭୂମିକାରେ ଅବତୀର୍ଣ୍ଣ ହୋଇ ସମାଜରେ ନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆର ମଞ୍ଜି ବୁଣିବାକୁ ପଡ଼ିବ। ଘରେ ଘରେ ଯେପରି ସହଯୋଗ, ସଦ୍‌ଭାବନା, ସଂହତି ଓ ସମ୍ବନ୍ଧ ସୃଷ୍ଟି ହୋଇପାରିବ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ଏ ମାନବସମାଜକୁ ମହାସଙ୍କଟ ଓ ମହାବିନାଶରୁ ଉଦ୍ଧାର କରିବା ପାଇଁ ସେମାନଙ୍କୁ ଘରେ ମାନବିକ ମୂଲ୍ୟବୋଧର ଜ୍ଞାନଦୀପ ପ୍ରଜ୍ୱଳିତ କରିବା ଦରକାର। ବ୍ୟକ୍ତିଗତ ଆବଶ୍ୟକତା ସହ ପିତୃ ମାତୃ ଋଣ, ସମାଜ ଋଣ, ଦେବ ଋଣ ଆଦି ପରିଶୋଧ କରିବା ଯେ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ, ଏକଥାକୁ ପିଲାଙ୍କ ମନ ଓ ହୃଦୟରେ ସ୍ଥାନିତ କରିବା ଗୁରୁକୁଳର କାମ। ନଚେତ୍ ବିନାଶ ଅବଶ୍ୟମ୍ଭାବୀ।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

# ଭାରତୀୟ ସାମୁଦ୍ରିକ ଶକ୍ତିର ଉତ୍ଥାନ



ଜୟନ୍ତ ପଟ୍ଟନାୟକ

ଚିର ଅବିଶ୍ୱାସୀ ତଥା ବିସ୍ତାରବାଦୀ ଚାଇନା ଧୀରେ ଧୀରେ ଭାରତ ମହାସାଗରରେ ତା'ର ଦବ୍‌ଦବା ବଢ଼ାଇବାରେ ଅବିରତ ପ୍ରୟାସରତ। ଦେଖୁନାହାନ୍ତି, ଚାଇନା ଭାରତର ଉତ୍ତରପଶ୍ଚିମ ଦିଗରେ ପାକିସ୍ତାନର ବେଲୁଚିସ୍ତାନରେ ଅବସ୍ଥିତ ଗ୍ୱାଦର୍ ଓ କରାଚି, ଉତ୍ତର ପୂର୍ବରେ ମ୍ୟାନ୍‌ମାରର କ୍ୟାକପ୍ୟୁ ବନ୍ଦର, ତା' ପରକୁ ବଙ୍ଗଳାଦେଶର ଚିଟାଗଙ୍ଗ ଓ ପୟରା ବନ୍ଦର, ଭାରତର ଦକ୍ଷିଣରେ ଶ୍ରୀଲଙ୍କାର ହମ୍ବନତୋଟା ଓ କଲମ୍ବୋ ବନ୍ଦର ଏବଂ ଦକ୍ଷିଣ ପଶ୍ଚିମରେ ମାଳଦ୍ୱୀପ ବନ୍ଦରରେ ଉନ୍ନୟନ କାର୍ଯ୍ୟ ଜାରି ରଖି ଭାରତ ଉପରେ ଚାରିପଟୁ ନଜର ରଖି ଅଡୁଆରେ ପକାଇବାକୁ ଚେଷ୍ଟାକରୁଛି। ପୁଣି ଭାରତର ପଶ୍ଚିମପଟେ ଆଫ୍ରିକାର ଅନେକ ଦେଶ ଜିମ୍ବାୱେ, କେନିୟା, ତାଞ୍ଜାନିଆ, ସୁଦାନ, ଜିବୋଟି ପ୍ରଭୃତିରେ ବନ୍ଦର ନିର୍ମାଣ ଓ ଉନ୍ନୟନ କାର୍ଯ୍ୟ ହାତକୁ ନେଇଛି। ଏମିତିକି ସୁଦୂର ଆରବ ଏମିରେଟ୍, ମାଲେସିଆ, ଅଷ୍ଟ୍ରେଲିଆ ଇତ୍ୟାଦି ଦେଶରେ ମଧ୍ୟ ବନ୍ଦର ନିର୍ମାଣ କରୁଛି, ଏଥିରେ ଚାଇନାର ଅର୍ଥନୈତିକ, ସାମରିକ ଓ କୂଟନୈତିକ ସ୍ୱାର୍ଥ ନିହିତ ଅଛି। କାରଣ ଚିର ଅବିଶ୍ୱାସୀ ଚାଇନା ବିନାସ୍ୱାର୍ଥରେ କୌଣସି କାମ କରେନାହିଁ। ଏମିତିକି ଅନେକ କ୍ଷୁଦ୍ର ଦେଶକୁ ଋଣଜାଲରେ ପକାଇ ସର୍ବସ୍ୱାନ୍ତ କରିଦେଇଛି।

ବର୍ତ୍ତମାନ ଏସିଆରେ ତା'ର ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ଅକଳରେ ପକାଇବା ଲାଗି ଭାରତ ମହାସାଗରରେ ବିଭିନ୍ନ ଦେଶର ବନ୍ଦର ଉନ୍ନୟନ ଆଳରେ ତୀକ୍ଷ୍ଣ ଦୃଷ୍ଟି ରଖିଛି ଭାରତର ସାମରିକ କାର୍ଯ୍ୟକଳାପ ଉପରେ। ଶ୍ରୀଲଙ୍କା ବନ୍ଦରଗୁଡ଼ିକରେ ଡେରା ପକାଉଥିବା ଚାଇନାର ବିଭିନ୍ନ ପ୍ରକାର ଜାହାଜର ଅସଲ ଉଦ୍ଦେଶ୍ୟ ଭାରତର ଗତିବିଧି ଉପରେ ନଜର ରଖିବା। ଏହି ଦୃଷ୍ଟିରୁ ଭାରତ ଏବେ ଲାକ୍ଷାଦ୍ୱୀପରେ ନିଜର ସାମରିକ ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱ ଦେଉଛି ଏବଂ ଆଣ୍ଡାମାନ ନିକୋବର ଦ୍ୱୀପରେ ମଧ୍ୟ ସାମରିକ ଭିତ୍ତିଭୂମିର ପରିବର୍ଦ୍ଧନ ନିମନ୍ତେ ବାଧ୍ୟ। ଆସନ୍ତାବର୍ଷ ଶ୍ରୀଲଙ୍କାରେ ସାଧାରଣ ନିର୍ବାଚନ ଥିବାରୁ ସଦାସର୍ବଦା ସାହାଯ୍ୟର ହାତ ବଢ଼ାଉଥିବା ନିକଟତମ ପଡ଼ୋଶୀ ଭାରତକୁ ନାରାଜ ନ କରିବା ଉଦ୍ଦେଶ୍ୟରେ ଶ୍ରୀଲଙ୍କା ଏକବର୍ଷ ପର୍ଯ୍ୟନ୍ତ ଚାଇନା ଜାହାଜଗୁଡ଼ିକର ଶ୍ରୀଲଙ୍କାରେ ପ୍ରବେଶ ଉପରେ ରୋକ୍ ଲଗାଇଛି।

ସାରା ବିଶ୍ୱର ୭୫% ନୌବାଣିଜ୍ୟ ଓ କଞ୍ଚାତେଲ(ପେଟ୍ରୋଲିୟମ)ର କାରବାର ଏବଂ ଚାଇନାର ମୁଖ୍ୟ ଭାଗ ନୌପରିବହନ ଭାରତ ମହାସାଗର ମଧ୍ୟ ଦେଇ ହୁଏ। ୧୮୯୭ରେ ଆମେରିକା ନୌବାହିନୀର ଆଲଫ୍ରେଡ୍ ଥର କହିଥିଲେ, ଭାରତ ମହାସାଗର ଉପରେ ଯିଏ ଦବ୍‌ଦବା ରଖିପାରିବ ସିଏ ବିଶ୍ୱ ନୌବାଣିଜ୍ୟରେ ଏକ ନମ୍ବର ହୋଇପାରିବ, ଚାଇନା ଏ କଥାକୁ ଭଲଭାବେ ହୃଦୟଙ୍ଗମ କରିପାରିଛି। ପୁଣି ଚାଇନା ଆମେରିକା ଓ ଋଷ୍ ପରେ ଅଧୁନା ବିଶ୍ୱର ୩ୟ, ସ୍ଥଳବିଶେଷରେ ୨ୟ ବଡ଼ ନୌବାହିନୀର ଅଧିକାରୀ। ଏ ପରିପ୍ରେକ୍ଷୀରେ ଭାରତ ନିଜ ନୌବାହିନୀର ଶକ୍ତି ବୃଦ୍ଧି କରିବାକୁ ବାଧ୍ୟ। ବିଶେଷକରି ଅତ୍ୟାଧୁନିକ ବା ଯୁଗୋପଯୋଗୀ ନୌଶକ୍ତି କିମ୍ବା ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବା ଜରୁରୀ। ତେଣୁ ୨୦୧୭ରେ ବିଶାଖାପାଟଣାସ୍ଥିତ ଜାହାଜ ନିର୍ମାଣ କେନ୍ଦ୍ରରେ କାର୍ଯ୍ୟାରମ୍ଭ କରି ଭାରତ ତା'ର ୨ୟ ଆଣବିକ



ବୁଡ଼ାଜାହାଜ 'ଅରିଘାତ'ର ଜଳାବତରଣ କରିସାରିଛି।

ପ୍ରାୟ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅରିଘାତର ଅର୍ଥ ଶତ୍ରୁ ବା ଅରିକୁ ମାରିଦେବା। ଏହାର ୨ୟ ଓ ଅତିଶୀଘ୍ର ୩ୟ ବୁଡ଼ାଜାହାଜ ଭାରତୀୟ ନୌସେନାରେ ସାମିଲ ହେବାକୁ ଯାଉଛି। 'ଏସ୍ ୩' ସାଙ୍କେତିକ ନାମ ଦିଆଯାଇଥିବା ଏହି ବୁଡ଼ାଜାହାଜ ଅରିଘାତର ଏକ ଉନ୍ନତତର ସଂସ୍କରଣ, ଯାହା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବାଲିଷ୍ଟିକ୍ ମିଶାଇଲ ସବ୍‌ମେରାଇନ୍ ଶ୍ରେଣୀର। ଏଥିରେ ୮୩ ମେଗାୱାଟ୍ କ୍ଷମତାବିଶିଷ୍ଟ ଚାପଯୁକ୍ତ ହାଲୁକା ଜଳରିଆକ୍ଟର ଖଞ୍ଜାଯାଇଛି, ଯାହା ଏହି ଜଳଯୁଦ୍ଧ ଯାନକୁ ଅନ୍ୟ ଡିଜେଲ/ବିଦ୍ୟୁତ୍ ସବ୍‌ମେରାଇନ୍ ଅପେକ୍ଷା ଅଧିକଦିନ ଗୁପ୍ତଭାବରେ ପାଣିଭିତରେ ରହିବାର ସୁଯୋଗ ପ୍ରଦାନ କରିଥାଏ। ଜଣାଯାଏ, ଏହା ନୀରବରେ ୫୦ ଦିନ ପାଣିଭିତରେ ରହିପାରିବ। ଖାଦ୍ୟପଦାର୍ଥ ମହଜୁଦ ଠିକ୍‌ଥିଲେ ଆଣବିକ ପଣ୍ଡୁଗି, ସବ୍‌ମେରାଇନ୍ ବର୍ଷ ବର୍ଷ ମଧ୍ୟ ପାଣିଭିତରେ ରହିପାରିବ,ଏହା ହେଲା ଆଣବିକ ଶକ୍ତିଚାଳିତ 'ପଣ୍ଡୁଗି'ର ବିଶେଷତ୍ୱ। ଏଥିରେ ୨ଟି ଷ୍ଟାଣ୍ଡବାଇ ଅକ୍ସିଲାରି(ସହାୟକ)ଇଞ୍ଜିନ ଓ ରିଟ୍ରାକ୍ଟେବଲ ଥ୍ରଷ୍ଟର ରହିଛି ଅଧିକ ସହାୟତା ପାଇଁ। ଏହାର ଏକ ୭ ଧାରବିଶିଷ୍ଟ ପ୍ରପେଲର(ଆଗକୁ ଠେଲିବାର ଗତିବେଗ ଦେବାର ଯନ୍ତ୍ର, ଆଣବିକ ଶକ୍ତିସମ୍ପନ୍ନ) ଏହି ବୁଡ଼ାଜାହାଜକୁ ସର୍ବାଧିକ ଗତିବେଗ, ପାଣି ଉପରେ ଥିଲାବେଳେ ୧୨-୧୫ ନଟିକାଲ ମାଇଲ ବା ଘଣ୍ଟା ପ୍ରତି ୨୨-୨୮କିମି ଓ ପାଣିଭିତରେ ବୁଡ଼ିକରି ଥିଲାବେଳେ ୨୪ ନଟସ ବା ଘଣ୍ଟା ପ୍ରତି ୪୪କିମି ବେଗ ପ୍ରଦାନ କରିଥାଏ। ଏହାର ପରୀକ୍ଷଣ ଗଭୀରତା ୩୦୦ରୁ ୪୦୦ମି. ବା ୯୮୦ ଫୁଟରୁ ୧,୩୦୦ ଫୁଟ। ଏହାର ରକ୍ଷଣାବେକ୍ଷଣ ଓ ଖାଦ୍ୟ ସରବରାହ ଠିକ୍ ଥିଲେ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାତ୍ରା କରିପାରେ। ଅରିଘାତର ଜଳାବତରଣ ନିଶ୍ଚିତଭାବେ ଜଳପୃଷ୍ଠରୁ ଭାରତୀୟ ଆଣବିକ ଶକ୍ତି ପ୍ରୟୋଗର କ୍ଷମତା ବଢ଼ାଇଦେଇଛି ଅଗ୍ନି-୩,୪,୫; ଯାହା ଆକାଶ ଓ ଭୂପୃଷ୍ଠରୁ ନିକ୍ଷେପ କରାଯାଇପାରୁଥିଲା। ଏଣିକି ଜଳଭାଗରୁ ମଧ୍ୟ ନିକ୍ଷେପ କରାଯାଇପାରିବ। ଫଳରେ ଆଣବିକ କ୍ଷେତ୍ରରେ ଭାରତର 'ପ୍ରଥମେ ବ୍ୟବହାର ନିଷିଦ୍ଧ' ସିଦ୍ଧାନ୍ତ ସତ୍ତ୍ୱେ ଏହା ଶତ୍ରୁ ଆକ୍ରମଣକୁ ପ୍ରତିହତ ଓ ପ୍ରତିଆକ୍ରମଣ(ମୁକାବିଲା) କ୍ଷମତାକୁ ଅନେକ ଗୁଣରେ ବଢ଼ାଇ ଦେଇପାରିବ।

ସ୍ୱଦେଶୀ ଜ୍ଞାନକୌଶଳ(୬୦%)ରେ ନିର୍ମିତ ଏହି ବୁଡ଼ାଜାହାଜରେ ସ୍ୱତନ୍ତ୍ର ସ୍ୱଦେଶୀ ଯନ୍ତ୍ରପାତି, ଜଟିଳ ବୈଷୟିକ ଜ୍ଞାନ, ଡିଜାଇନ୍, ଅତ୍ୟୁଚ୍ଚ କଳାକୁଶଳତା, ଗଭୀର ଗବେଷଣାଜନିତ ଅତ୍ୟାଧୁନିକ ବୁଦ୍ଧିବିଦ୍ୟାର ପ୍ରୟୋଗ ଫଳରେ ଏହାର ରକ୍ଷଣାବେକ୍ଷଣ, ସ୍ଥାୟିତ୍ୱ ଅନେକ ଗୁଣରେ ବଢ଼ିଯାଇଛି ଅନ୍ୟ ସବୁର ତୁଳନାରେ। ଏଥିରେ ଦେଶର ବୈଜ୍ଞାନିକ, ଇଞ୍ଜିନିୟର, ନୌବିଶାରଦ ଏବଂ ଭାରତୀୟ ଶିଳ୍ପଜଗତ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏହାର ଜଳାବତରଣ ବା ପ୍ରତିରକ୍ଷା କ୍ଷେତ୍ରରେ ସାମିଲହେବା ଭାରତବାସୀଙ୍କୁ ଗର୍ବିତ କରିଛି। ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ପ୍ରସ୍ତୁତିରେ ବିଶ୍ୱର ଅଗ୍ରଗଣ୍ୟ ଦେଶ ଆମେରିକା, ଋଷ୍, ବ୍ରିଟେନ୍, ଚାଇନା, ଫ୍ରାନ୍ସ ପରେ ଭାରତ ୬ଷ୍ଠ ସଦସ୍ୟ ହୋଇପାରିଛି ଏହି ଗୋଷ୍ଠୀର। ଫଳତଃ ଅନେକ ନୂଆ ନୂଆ ଷ୍ଟାର୍ଟଅପ୍ ଓ ସହାୟକ କମ୍ପାନୀ ସୃଷ୍ଟିହେବା ସହିତ ଅନେକ କାର୍ଯ୍ୟଦିବସ ମଧ୍ୟ ସୃଷ୍ଟି ହୋଇପାରିଛି। ଅନେକ ନୂଆ ନିଯୁକ୍ତି ମଧ୍ୟ ସୃଷ୍ଟିହେଉଛି। 'ଅରିହନ୍ତ'ର ଶୁଭାରମ୍ଭ ହୁଏ ୨୦୦୯ରେ, ଯାହା ନୌବାହିନୀରେ ସାମିଲ ହୁଏ ୨୦୧୬ରେ। ସେମିତି 'ଅରିଘାତ'ର ଶୁଭାରମ୍ଭ ହୁଏ ୨୦୧୭ରେ, ୨୦୨୧ରେ ନୌବାହିନୀରେ ସାମିଲ ହେବାର ଥିଲେ ମଧ୍ୟ ବିସ୍ତୃତ ପରୀକ୍ଷା ନିରୀକ୍ଷା ପରେ ଏହାର ଜଳାବତରଣ ହୁଏ ୨୯ ଅଗଷ୍ଟ ୨୦୨୪ରେ। ଅଧୁନା ଆଉ ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ(୭,୦୦୦ଟନ୍ କ୍ଷମତାବିଶିଷ୍ଟ)ର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇଚାଲିଛି।

ମୋ: ୯୦୯୦୧୯୦୦୬୯

## ଏଇ ଭାରତରେ

ମାମଲାଗୁଡ଼ିକର ଆପୋସ ସମାଧାନ ଦିଗରେ ଏକ ମାଇଲଖୁଣ୍ଟ ସାଜିଛି ଲିଗାଲ ଷ୍ଟାର୍ଟଅପ 'ସମ'। ପ୍ରଞ୍ଜଲ ସିହ୍ନା, ଅକ୍ଷତ ଅଶୋକ ଏବଂ ବିକ୍ରମ କୁମାର ଏହି ଷ୍ଟାର୍ଟଅପ ପ୍ରତିଷ୍ଠା କରିଛନ୍ତି। ଚାଣକ୍ୟଙ୍କ ନୀତିରେ ଚାରି ନିୟମ ମଧ୍ୟରେ ଥିବା 'ସମ'କୁ ଆଧାର କରି ଏଭଳି ନାମକରଣ କରାଯାଇଛି। ବିକ୍ରମ କମ୍ପ୍ୟୁଟର ସାଇନ୍ସରେ ଉଚ୍ଚଶିକ୍ଷା ଲାଭ କରିଥିବା ବେଳେ ଅକ୍ଷତ ଓ ପ୍ରଞ୍ଜଲ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ୨୦୧୫ରେ ସେମାନେ 'ସମ' ଆରମ୍ଭ କରିବା ପରଠାରୁ ଏବେ ସୁଦ୍ଧା ଅନ୍‌ଲାଇନରେ ମଧ୍ୟସ୍ଥଙ୍କ ଜରିଆରେ ୩୫ ଲକ୍ଷ କେସ୍ ସମାଧାନ କରିସାରିଲେଣି। ସେମାନେ ବିଶେଷକରି ବ୍ୟାଙ୍କିଙ୍ଗ, ଫାଇନାନ୍‌ସିଆଲ ଓ ଇନ୍‌ସ୍ୟୁରାନ୍ସ ସେକ୍ଟର, ବ୍ରୋକର ଏବଂ ସିକ୍ୟୁରିଟି ମାର୍କେଟର ବିବାଦଗୁଡ଼ିକୁ ସମାଧାନ କରୁଛନ୍ତି। ଏହାସହ ଲୋକ ଅଦାଲତ ସହ କାମକରି ଚାଲାଣ, ଇଲେକ୍ଟ୍ରି ବିଲ୍, ଚେକ୍ ବାଉନ୍ସ ଓ ଦୁର୍ଘଟଣାଜନିତ ଇନ୍‌ସ୍ୟୁରାନ୍ସ ମାମଲାଗୁଡ଼ିକ ସମାଧାନ କରିପାରୁଛନ୍ତି। 'ସମ' ଷ୍ଟାର୍ଟଅପ୍‌ରେ ଦେଶର ୪୪୩ ଜିଲାରେ ଆଇନ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ଥିବା ୩୦୦୦ ଆଇନଜୀବୀଙ୍କୁ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ନିଯୁକ୍ତ କରାଯାଇଥିବାବେଳେ ଆଇନ କ୍ଷେତ୍ରରେ ୫ ବର୍ଷର ଅଭିଜ୍ଞଙ୍କୁ ମଧ୍ୟସ୍ଥ ଭାବେ ସାମିଲ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୭୫

- ରାଜ୍ୟର ୧୫୭ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ସଂକ୍ରାନ୍ତ ଦୁଇଟି ନୂଆ ଗ୍ରାମ୍ୟ ବିଦ୍ୟୁତ୍‌କରଣ ପରିକଳ୍ପନା ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେଶନର ମଞ୍ଜୁରୀ ଲାଭ କରିଛି।
- ଦେଶର ପୂର୍ବାଞ୍ଚଳରେ ପ୍ରଚୁର ଚୂନପଥର, କୋଇଲା, ଗ୍ରାଫାଇଟ୍ ଓ ଡୋଲୋମାଇଟ ମହଜୁଦ ଥିବା ସନ୍ଧାନ ମିଳିଛି।
- ପଶ୍ଚିମ ଏସିଆ ଶାନ୍ତି ସମ୍ମିଳନୀରେ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନ ଯୋଗଦେଲେ ଉକ୍ତ ସମ୍ମିଳନୀରେ ଇସ୍ରାଏଲ ଯୋଗଦେବ ନାହିଁ ବୋଲି ଇସ୍ରାଏଲ ସରକାର ଆମେରିକାକୁ ଜଣାଇ ଦେଇଛି।

## ଚିରନ୍ତନୀ

ଆଲୋଡ଼ିତ କରେ ପ୍ରାଣ
ସକଳ ଏ ଦିଶା,
ସବୁ ପଥେ ଘାଟେ ଜାଗି
ଉଠେ କୁହୁ-ନିଶା।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ବାଲିଯାତ୍ରାକୁ ବିଶ୍ୱ ଐତିହ୍ୟ ମାନ୍ୟତା ମିଳୁ

ମହାଶୟ,
କଟକ ବାଲିଯାତ୍ରା ପଚ୍ଛଦପଟରେ ନୌବାଣିଜ୍ୟର ଇତିହାସ ଜଡ଼ିତ ରହିଛି। ଉତ୍କଳର ସାଧବପୁଅମାନେ ବାଣିଜ୍ୟ କରିବାକୁ ଇଣ୍ଡୋନେସିଆ, ମାଲେସିଆ, ଜାଭା, ସୁମାତ୍ରା, ବୋର୍ନିଓ ଆଦି ଦେଶକୁ ଯାଉଥିଲେ। ଆମ ରାଜ୍ୟର କଳାକୃତି ଏବଂ ତାରକସି ଉପକରଣ ବିକି ସେଠାରୁ ଧନରତ୍ନ ଆଣୁଥିଲେ। ଏହି ନୌ ବାଣିଜ୍ୟର ସ୍ମୃତିକୁ ଜୀବିତ ରଖିବା ପାଇଁ କାହିଁ କେଉଁ କାଳରୁ କଟକରେ ବାଲିଯାତ୍ରା ହୋଇଆସୁଛି। ସର୍ବ ପୁରାତନ ଏହି ବାଲିଯାତ୍ରାକୁ ବିଶ୍ୱ ମାନ୍ୟତା ପ୍ରଦାନ କରାଯାଉ। ଏଥିପ୍ରତି ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶରଧାପୁରରେ ରାଜନୈତିକ ହିଂସା

- ସମିତି ସଭ୍ୟ ଓ ସରପଞ୍ଚଙ୍କ ସ୍ୱାମୀ ଗୁରୁତର
- ୨ ପକ୍ଷର ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ

**ନୟାଗଡ଼,୧୭।୧୧ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଇଟମାଟି ଥାନା ଅନ୍ତର୍ଗତ ଶରଧାପୁର ଗାଁରେ ରବିବାର ରାଜନୈତିକ ହିଂସାକାଣ୍ଡ ଘଟିଛି। ଏଥିରେ ଶରଧାପୁର ପଞ୍ଚାୟତ ସମିତି ସଭ୍ୟ ସୁଜିତ କୁମାର ପ୍ରଧାନ(୩୫) ଓ ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସ୍ୱାମୀ ସନ୍ତୋଷ କୁମାର ମୁଦୁଲି(୩୩) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଛି। ଏହାକୁ ଆଖି ଆଗରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଛି। ଦୁଇ ପକ୍ଷର ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ସରପଞ୍ଚଙ୍କ ସ୍ୱାମୀ ବିଜେଡି ସମର୍ଥକ ହୋଇଥିବାବେଳେ ସମିତି ସଭ୍ୟ ଭାଜପା ସମର୍ଥକ। ଖବର ପାଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସରପଞ୍ଚଙ୍କ ସ୍ୱାମୀ ମୁଦୁଲିଙ୍କୁ ଓ ଭାଜପା ନେତାମାନେ ସମିତି ସଭ୍ୟ ପ୍ରଧାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭେଟିଛନ୍ତି। ସମିତି ସଭ୍ୟ କଥାବାର୍ତ୍ତା କରି ପାରୁ ନ ଥିବାବେଳେ ସରପଞ୍ଚଙ୍କ ସ୍ୱାମୀ ମାରପିଟ୍‌ର କାରଣ ଓ ଏଥିରେ ସମ୍ପୃକ୍ତ ଲୋକଙ୍କ ନାଁ କହିଛନ୍ତି। ଅପରପକ୍ଷେ ଗଣ୍ଡଗୋଳର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ ରହିଛି। ଏହାକୁ ଯାଞ୍ଚ କରିବାକୁ ସମିତି ସଭ୍ୟଙ୍କ ମା' ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ମୁଦୁଲିଙ୍କୁ ପଚାରିବାରୁ ସେ କୁହନ୍ତି, ସମିତି ସଭ୍ୟ ପ୍ରଧାନଙ୍କ ସମେତ ବାପି ବେହେରା, ତାଙ୍କ ବେହେରା ଓ ତାଙ୍କର ପୁଅ ନୀତି ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ୭ରୁ ୮ ଜଣ ମିଳିତ ହୋଇ ତାଙ୍କୁ ଆକ୍ରମଣ କଲେ। ପୂର୍ବ ରାଗକୁ ନେଇ ମେଳି ହୋଇ ଖଣ୍ଡାରେ ହାଣିଲେ। ଟେଙ୍ଗା ଓ ପାଇପ୍‌ରେ ପିଟି ଖତଗଦାରେ ଫୋପାଡି ଦେଲେ।



ଆହତ ସନ୍ତୋଷ କୁମାର ମୁଦୁଲିଙ୍କ ଚିକିତ୍ସା କରାଯାଉଛି।

ସମିତି ସଭ୍ୟ ସୁଜିତ୍‌ଙ୍କ ମା' ଦୁଃଖୀ ପ୍ରଧାନ କୁହନ୍ତି, ତାଙ୍କ ବୋହୂ ସୌଦାମିନୀ ଜେନା ବିରୁଡ଼ା ଗାଁରେ ଇଣ୍ଡିଆନ ବ୍ୟାଙ୍କର ମିନି ବ୍ୟାଙ୍କ ଚଳାଉଥିଲେ। ବିରୁଡ଼ା ଗାଁକୁ ଯାଇ ସରପଞ୍ଚଙ୍କ ସ୍ୱାମୀ ମୁଦୁଲି ଲୋକଙ୍କୁ ହାତକରି ସୌଦାମିନୀଙ୍କୁ ଜେଲ ପଠାଇଦେଲେ। ଏପରିକି ମିଛ ସତ କରି ସୌଦାମିନଙ୍କ ଭିଡିଓ ଭାଇରାଲ କରି ତାଙ୍କ ପରିବାରକୁ ନିନ୍ଦିତ କରାଇଲେ। ପୂର୍ବରୁ ତାଙ୍କୁ ପୁଅକୁ ହତ୍ୟା କରିବେ ବୋଲି ସେ ଧମକ ଦେଇଥିଲେ। ରବିବାର ଶରଧାପୁର ଆଶ୍ରମରେ ଭୋଜି ହେଉଥିଲା। ଭୁବନେଶ୍ୱରରୁ ବାଇକ୍‌ରେ ତାଙ୍କ ପୁଅ ସୁଜିତ୍ ଓ ଗଦାଧର ନାୟକ ଆସୁଥିଲେ। ବାଟରେ ଏକ ଟ୍ରାକ୍ଟର ସାଇଡ୍ ଦେବାକୁ ନେଇ କନ୍ଦଳ ସୃଷ୍ଟି ହୋଇଥିଲା। ପରେ ସରପଞ୍ଚଙ୍କ ସ୍ୱାମୀ ମୁଦୁଲି ଆସି ସୁଜିତ୍ ଓ ଗଦାଧରଙ୍କୁ ତାଙ୍କ ଘର ସମ୍ମୁଖରେ ଦେଖାଧରି ଗାଳିଗୁଲଜ କଲେ। ଏହାର ପ୍ରତିବାଦ କରିବାରୁ ୮ରୁ ୧୦ ମେଳି ହୋଇ ମାରପିଟ୍ କଲେ। ଏହି ଆକ୍ରମଣରେ ଗଦାଧର ତଳେ ପଡ଼ିଯାଇଥିଲେ। ହେଲେ ସେମାନେ ପ୍ରାୟ ୩୫ ମିଟର ଦେଇ ସେଇ ସୁଜିତ୍‌ଙ୍କୁ ଖଣ୍ଡାରେ ହାଣି ଖତଗଦାରେ ଫୋପାଡି ଦେଲେ। ପରେ ଫାଙ୍କା ଗୁଳିଚାଳନା କରି ଘଟଣାସ୍ଥଳକୁ କେହି ନ ଆସିବାକୁ ଭୟଭୀତ କରାଇଲେ। କିଏ ଗଣ୍ଡଗୋଳ କରିଛି, ତାହା ସିସିଟିଭି ଫୁଟେଜରେ ରହିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କଲେ କିଏ ସତ ଓ କିଏ ମିଛ କହୁଛି ଜଣାପଡିବ ବୋଲି ସୁଜିତ୍‌ଙ୍କ ମା' କହିଛନ୍ତି। ଏନେଇ ଇଟମାଟି ଥାନା ଆଇଆଇସି ଜଗଦୀଶ କର କୁହନ୍ତି, ସମିତି ସଭ୍ୟଙ୍କ ମା'ଙ୍କ ଅଭିଯୋଗ କ୍ରମେ ସରପଞ୍ଚଙ୍କ ସ୍ୱାମୀଙ୍କ ସହ ୫ଜଣଙ୍କ ନାଁରେ ମାମଲା(ନଂ. ୨୭୨/୨୪) ହୋଇଛି। ପାଲଟା ଏତଲାରେ ସମିତି ସଭ୍ୟଙ୍କ ସମେତ ୨ଜଣଙ୍କ ନାଁରେ ଅନ୍ୟ ଏକ ମାମଲା(ନଂ.୨୭୩/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଚୋରି କରି ଜଙ୍ଗଲରେ ରଖୁଥିଲେ ବାଇକ୍





ଗିରଫ ଅଭିଯୁକ୍ତ ଓ ଜଙ୍ଗଲରୁ ଜବତ ବାଇକ।

## ଜାରଙ୍ଗ ଜଙ୍ଗଲରୁ ୨୮ ଚୋରା ବାଇକ୍ ଜବତ

**ସମ୍ବଲପୁର,୧୭।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ୟୁୟୁମରା ଥାନା ଅନ୍ତର୍ଗତ ଜାରଙ୍ଗ ଜଙ୍ଗଲରେ ଲୁକ୍କାୟିତ ଭାବେ ରଖାଯାଇଥିବା ୨୮ଟି ଚୋରା ବାଇକ୍‌କୁ ଜବତ କରିଛି ଅଇଁଠାପାଲି ଥାନା ପୋଲିସ। ଏହି ଘଟଣାରେ ପୋଲିସ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ଗ୍ରାମର ରାମକୁମାର ପଣ୍ଡା(୩୨) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦିଗିର ସର୍ଦ୍ଦୁଲ ଗାଇଗୋରିଆ(୩୯)ଙ୍କୁ ଗିରଫ କରିଛି। ରାମକୁମାର ସମ୍ବଲପୁର-ରାଉରକେଲା ରୁଟ୍‌ରେ ଚଳାଚଳ କରୁଥିବା ଚକାଡ଼ୋଲା ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରନ୍ତି ବୋଲି ପୋଲିସ କହିଛି। ଗତ ୧ ତାରିଖରେ ମଧ୍ୟ ଅଇଁଠାପାଲି ଥାନା ପୋଲିସ ୧୬ଟି ଚୋରା ବାଇକ୍ ଜବତ କରିଥିଲା। ଫଳରେ ଗତ ଏକ ମାସ ମଧ୍ୟରେ ଅଇଁଠାପାଲି ଥାନା ପୋଲିସ ୪୪ଟି ଚୋରା ବାଇକ୍ ଜବତ କରିଛି। ରବିବାର ଅଇଁଠାପାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର।

ମିଶ୍ରଙ୍କ ସୂଚନା ଅନୁସାରେ ଗତ ନଭେମ୍ବର ୯ରେ ସମ୍ବଲପୁର ଜଗନ୍ନାଥ କଲୋନୀ ପାର୍କ ନିକଟରୁ ସ୍କୁଟି (ଓଡି-୧୫-କ୍ୟୁ-୪୧୬୯) ଚୋରି ହୋଇଥିବା ନେଇ ଧୀରଜ କୁମାର ପୂଜାରୀ ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୩୮୦/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଚୋରି ସ୍କୁଟିରେ ରାମକୁମାର ଓ ସର୍ଦ୍ଦୁଲ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ନିକଟରେ ବୁଲାବୁଲି କରୁଥିବା ପୋଲିସକୁ ଖବର ମିଳିଥିଲା। ଏସ୍‌ଆଇ ତଥା ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ ସଦଳବଳ ସେଠାରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ। ପଚରାଉଚରାବେଳେ ଉଭୟ ସ୍କୁଟି ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବରୁ କୌଣସି କେସ୍‌ରେ ବୀରମହାରାଜପୁର ଜେଲ୍‌ରେ ଥିବା ସମୟରେ ପରିଚୟ ହୋଇଥିଲା। ଉଭୟ ପେସାଦାର ବାଇକ୍ ଚୋର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି। ଅପରପକ୍ଷରେ ଜେରା ବେଳେ ଉଭୟ ଅଭିଯୁକ୍ତଙ୍କ ସୂଚନା ଅନୁସାରେ ଜାରଙ୍ଗ ଜଙ୍ଗଲରୁ ଚୋରା ବାଇକ୍‌ଗୁଡ଼ିକୁ ଜବତ କରାଯାଇଥିଲା। ଏମାନେ ବାଇକ୍ ଚୋରି ସିଣ୍ଡିକେଟ୍ ଚଳାଉଥିଲେ। ବିଭିନ୍ନ ସମୟରେ ଚୋରି ପରେ ବାଇକ୍‌ଗୁଡ଼ିକୁ ଉକ୍ତ ଜଙ୍ଗଲରେ ରଖି ଅଳ୍ପମୂଲ୍ୟରେ ବିକ୍ରୟ କରୁଥିଲେ। ତେବେ ସେମାନଙ୍କ ନିକଟରୁ ଜବତ ବାଇକ୍‌ଗୁଡ଼ିକ କେଉଁ ସ୍ଥାନରୁ ଚୋରି ହୋଇଛି ତାହାର ତଦନ୍ତ ଚାଲିଛି। ଏପରିକି ଜବତ ବାଇକ୍‌ଗୁଡ଼ିକରେ ଲାଗିଥିବା ନମ୍ବର ପ୍ଲେଟ୍‌ଗୁଡ଼ିକ ଅସଲି କି ନକଲି ସେନେଇ ମଧ୍ୟ ତଦନ୍ତ ଚାଲିଛି। ଏହାବ୍ୟତୀତ ଏମାନଙ୍କଠାରୁ ଚୋରି ବାଇକ୍‌ଗୁଡ଼ିକୁ କ୍ରୟ କରିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମଧ୍ୟ ତଦନ୍ତ ଚାଲିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ସୀମାନ୍ତରୁ ଜଣେ ମାଓବାଦୀ ଗିରଫ

## ବିସ୍ଫୋରକ ସାମଗ୍ରୀ ଜବତ

**ମାଲକାନଗିରି, ୧୭।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଯବାନଙ୍କ ତଲାସି ଅଭିଯାନ ସମୟରେ ଜଣେ ମାଓବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ମାଓବାଦୀ ଜଣକ ହେଲେ କାୱାସୀ ଯୋଗା। ସେ ମାଓବାଦୀ ସଙ୍ଗଠନର କୋଣ୍ଟା ଏରିଆ କମିଟିରେ ଭଣ୍ଡାରପଦର ଆରପିସି ସଭାପତି ପଦରେ କାର୍ଯ୍ୟ କରୁଥିଲେ। ତାଙ୍କ ନିକଟରୁ ବ୍ୟାପକ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ସୁକ୍‌ମା ଜିଲାର ଗାଦିରାସ ପୋଲିସ, ଯବାନ ଜିରାମପାଲ ଜଙ୍ଗଲ ଏହାର ଆଖପାଖ ଅଞ୍ଚଳରେ ତଲାସି କରୁଥିବାବେଳେ କିଛି ବ୍ୟକ୍ତି ସେମାନଙ୍କୁ ଦେଖି ଦୌଡ଼ିବା ଆରମ୍ଭ କରିଥିଲେ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ଯବାନମାନେ ସେମାନଙ୍କୁ ପିଛା କରି ଜଣେ ବ୍ୟକ୍ତିକୁ କାବୁ କରିବାରେ ସଫଳ ହୋଇଥିଲେ। ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ।



ଗିରଫ ମାଓବାଦୀ କାୱାସୀ ଯୋଗା

ଯବାନମାନେ କାବୁ କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ସେ ମାଓବାଦୀ ସଙ୍ଗଠନର କୋଣ୍ଟା ଏରିଆ କମିଟିରେ ଭଣ୍ଡାରପଦର ଆରପିସି ସଭାପତି ପଦରେ କାର୍ଯ୍ୟ କରୁଥିବା କହିଥିଲେ। ସୁରକ୍ଷା ବାହିନୀକୁ ଟାର୍ଗେଟ କରି ବିସ୍ଫୋରକ ସାମଗ୍ରୀ ଖଞ୍ଜିବା ଉଦ୍ଦେଶ୍ୟରେ ସେମାନେ ଜଙ୍ଗଲ ମଧ୍ୟରେ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଯବାନମାନେ ତାଙ୍କ ନିକଟରୁ ୫ଟି ଜିଲେଟିନ ରଡ୍, ୪ଟି ଇଲେକ୍ଟ୍ରିକ ଡିଟୋନେଟର, କର୍ଡେକ୍ସ ତାର, ଟିଫିନ, ମାଓବାଦୀ ପୋଷ୍ଟର ଆଦି ଜବତ କରି କାୱାସୀ ଯୋଗାଙ୍କୁ ଗିରଫ କରିଥିଲେ।

# ଧର୍ମାନ୍ତରୀକରଣ ଉଦ୍ୟମ, ୪ ଅଟକ

**ଔପଦା,୧୭।୧୧(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଥାନା ରାଇରାମଚନ୍ଦ୍ରପୁର ପଞ୍ଚାୟତରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ରାଇରାମଚନ୍ଦ୍ରପୁର ପଞ୍ଚାୟତ ମହିଁଷାଡାଳି ରାଜସ୍ୱ ଗ୍ରାମର ଆଦିବାସୀ ବସ୍ତି କେତକୀଝୁରି ଗ୍ରାମ ନିକଟ ଜଙ୍ଗଲରେ ଏହି ବ୍ୟକ୍ତିମାନେ ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଉ ଥିଲେ। ଏହି ଘଟଣା ଦୀର୍ଘ ଦିନ ଧରି ଚାଲୁଥିବା ବେଳେ ପଡ଼ୋଶୀ ଫତେପୁର ପଞ୍ଚାୟତର ଡିମିରିଚୁଆ ଓ ହରିଚନ୍ଦନପୁର ଗ୍ରାମବାସୀ ଜାଣି ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଧର୍ମାନ୍ତରୀକରଣ ପାଇଁ ଉଦ୍ୟମ କରୁଥିବା ୪ଜଣଙ୍କୁ ଥାନାକୁ ନେଇଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୨୫/୨୪) ରୁଜୁ ହୋଇଛି। ଅଟକ ଥିବା ବ୍ୟକ୍ତିମାନେ ଔପଦା ଓ ଖଇରା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି।

# ଜିଲା ପରିଷଦ ସଭ୍ୟାଙ୍କ ଭାଇଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

**ଧର୍ମଶାଳା,୧୭।୧୧(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ପଞ୍ଚାୟତର ୧୩ ନମ୍ବର ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରାଙ୍କ ଭାଇ ସନ୍ଦୀପ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିରିବାଟୀ ଗ୍ରାମର ବଳରାମ ବେହେରା, ସମୀର ସାମଲ ଓ ଯୁବନେତା ସନ୍ଦୀପ କୁମାର ସାମଲ। ସନ୍ଦୀପଙ୍କୁ ବିରିବାଟୀ ଗ୍ରାମର କେତେଜଣ ଯୁବକ ଆକ୍ରମଣ କରିବା ସହ ତାଙ୍କ କାର କାଚକୁ ଭାଙ୍ଗି ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିଥିଲେ। ଲୋକେ ପହଞ୍ଚି ସନ୍ଦୀପଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେହିପରି ଗତ ୪ ତାରିଖରେ ମଧ୍ୟ ସନ୍ଦୀପଙ୍କ ଦୁଇଟି ଟ୍ରକ୍ ସମ୍ମୁଖ କାଚକୁ ଅଭିଯୁକ୍ତମାନେ ଭାଙ୍ଗି ଦେଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ଜ୍ୟୋତିପ୍ରିୟା ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଜେନାପୁର ଓ ଧର୍ମଶାଳା ଥାନାରେ ଏକାଧିକ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ ରବିବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି।

# ପୋଲିସକୁ ଧକ୍କାମାରି ଅଭିଯୁକ୍ତ ଫେରାର

**ତିର୍ତ୍ତୋଲ,୧୭।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)**

ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୋଲିସକୁ ଧକ୍କାମାରି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଡାକ୍ତରଖାନା ପରିସରରେ ଶନିବାର ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଦେଢ଼ସରଦେଉଳି ଗ୍ରାମର ଆଲୋକ କୁମାର ଭୋଇ। ଏକ ବଳାତ୍କାର ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା। କୋର୍ଟ ଚାଲାଣ ପାଇଁ ଶନିବାର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ପୋଲିସ ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଦୁଇ ଜଣ କନଷ୍ଟେବଲ କାଲୁ ସିଂ ଓ ବି.ଜେନାଙ୍କୁ ଧକ୍କା ମାରି ଅଭିଯୁକ୍ତ ଆଲୋକ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ଅନିରୁଦ୍ଧ ରାଉତ କହିଛନ୍ତି। ରବିବାର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡ଼ି ନ ଥିବା ଜଣାପଡ଼ିଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର **ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ୟୁପିଏସ୍ ସିଷ୍ଟମ୍ ପାଇଁ 164 no 12V, 120 Ah Valve-Regulated Lead-Acid (VRLA), ଫ୍ଲେମ୍ ରିଟାର୍ଡାଣ୍ଟ କେସିଙ୍ଗ୍ ଥିବା SMF ବ୍ୟାଟେରୀର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ **www.mstcecommerce.com/eprocn** ରେ ଆବେଦନର ଶେଷ ତାରିଖ **ଡିସେମ୍ବର ୨୭, ୨୦୨୪ ଅପରାହ୍ନ ୦୨:୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## ODISHA HYDRO POWER CORPORATION LTD.

(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 15/2024-25/9730 Date : 11.11.2024

**NOTICE INVITING TENDER - 23/2024-25**

**No. CAD-1622** : Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Agencies/Distributors/Suppliers fulfilling the eligibility criteria as per this tender terms & conditions for the work as mentioned below :

| Description of Services | Cost of tender papers (Non-refundable in Rs.) | EMD in shape of DD only (Refundable) in Rs. |
|---|---|---|
| Supply & installation of Sony make Laser light source Projector with accessories for OHPC Training Centre, Bhubaneswar. | 2360.00 (Rs. 2000.00 + GST @ 18%) | 2900.00 |

**For details of the tender documents, terms & conditions and corrigendum etc., please visit our website www.ohpcltd.com from Dt. 20.11.2024**

OIPR-04012/11/0020/2425 C&P Head

## WORKS DEPARTMENT

No.B-593

**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**

e-mail : seec_bls@rediffmail.com
Government of Odisha "e" Procurement Notice
**Bid Identification No.CCEEC-06/2024-25**
**No. : 3845 Dt. : 07.11.2024**

| | | |
|---|---|---|
| Nature of work | : | Roads Works / Box cell works / Building Work |
| Number of works | : | 2 Nos Box cell works / 01 No. Road Work / 01 No. Building Work |
| Amount put to Tender | : | Rs. 114.28 Lakh to 284.47 Lakh |
| Class of Contractor | : | "B" Class & "A" Class |
| Date & Time of availability of bid document in the portal | : | Dt. 20.11.2024 at 10:00 A.M. |
| Last Date / Time of receipt of bid in the portal | : | Dt. 05.12.2024 up to 05:00 P.M. |
| Date of opening of bid | : | Dt. 06.12.2024 at 11:00 A.M. |
| Name & address of the Office inviting bid | : | Chief Construction Engineer, Eastern Circle (R&B), Balasore |

The bidders have to participate in **ONLINE** bidding only. Further details can be seen from the e-procurement portal "**http//tendersodisha.gov.in.**" All future corrigendum will be available on ONLINE mode only.

**Sd./-**
**Chief Construction Engineer**
OIPR-34026/11/0004/2425 **Eastern Circle (R&B) Balasore**

## [GOVERNMENT OF ODISHA]

**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**

No.B-611

E-mail - eepwdbgh@gmail.com Phone/Fax - 06646-234819

**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.15 OF 2024-25**
**No. 5379, Dated - 12.11.2024**

| | | | |
|---|---|---|---|
| 1) | The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Civil & EI works** as detailed in the **Detailed Tender Call Notice (D.T.C.N)** from the eligible class of contractors. | | |
| 2) | No. of Building work & Electrical work | : | 04 Nos. |
| 3) | Cost of Tender Paper | : | Rs. 6,000/- & Rs. 10,000/- |
| 4) | Class of contractor | : | "C" , "B" Class Contractor & HT Electrical Contractor |
| 5) | Date & Time of available in website & receipt of Bids | : | 11:00 Hrs. of 20.11.2024 to 17:00 Hrs. of 29.11.2024 |
| 6) | Date of opening of Technical Bid | : | 02.12.2024 at 11:30 Hrs. |
| 7) | The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in | | |
| 8) | Any corrigendum / Addendum will be displayed in the website https://tendersodisha.gov.in only. | | |

**Sd./- Superintending Engineer,**
OIPR-34039/11/0012/2425 **Bargarh (R&B) Division**

See Career Appointment on every Wednesday & Saturday

## Government of Odisha, e-Procurement Notice

**INVITATION FOR BIDS (IFB)**
**Bid Identification No. C.C.E.Dkl. (R&B) 10/2024-25**
**Email Id - sedklpwd@gmail.com**
**Letter No. 2253/Dt. 13.11.2024**

**No.B-615** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

1 Name of the work : Road works
2 No. of works : 04 (Four) Nos
3 Estimated Cost : Rs. 3.31 Crore to 8.99 Crore (as given in column No. 03 of table)
4 Cost of tender paper : Rs. 10,000.00
5 Class of contractor : 'A' Class & 'Special' Class (as given in column No. 07 of table)
6 Period of Completion of work : 06 (Six) to 09 (Nine) (as given in column No. 08 of table)
7 Date and time of availability of bid Document in the website : From Dt. 20.11.2024 to 5.00 P.M. of Dt. 04.12.2024
8 Date of opening of bid : Dt. 05.12.2024 at 11.00 A.M.

The bidders have to participate in ONLINE bidding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle,**
OIPR-34132/11/0018/2425 **Dhenkanal**

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894
Tel No. : 0674-2395391, Fax No. : 0674-2395291, website : www.oscsc.in
OSCSC-GS-GNY-0003-2024 No.13688 Date : 14.11.2024

**Re-TENDER CALL NOTICE FOR ENGAGEMENT OF TRANSPORT CONTRACTORS**

**No.CAD-1617** : Managing Director, Odisha State Civil Supplies Corporation Ltd. invites Re-tenders in Double Cover System through **ONLINE MODE ONLY** for the works below :

**Name of the work** : Selection and engagement of transport contractors for road transportation of new B-twill Gunny bales (one bale contains 500 bags) from different jute mills located in Andhra Pradesh & Odisha to custom millers premises/private hired go-downs / OSCSC Ltd. own go-downs/hired go-downs of CWC & OSWC located in different districts in the State of Odisha.

| Sl No | Event Description | Date |
|---|---|---|
| 1 | Availability of bid document in the portal | From date 18.11.2024 |
| 2 | Date, time and venue for pre-bid conference | Date 25.11.2024 at 4.00 P.M. Conference Hall, OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and time for receipt of bids in the portal | Dt. 09.12.2024 up to 5.00 P.M. |
| 4 | Date and Time of Opening of Technical Bid | Dt. 10.12.2024 at 11 A.M. |
| 5 | Opening of Financial Bid | To be announced after technical bid evaluation. (Only of Technically Qualified Bidders) |

**Name and address of the officer inviting Tender** : Managing Director, Odisha State Civil Supplies Corporation Ltd. (OSCSC Ltd.) C/2, Nayaplli, Bhubaneswar - 751012.
Tender Documents & other details can be seen from the e-procurement portal https://tendersodisha.gov.in, www.oscsc.in and www.foododisha.in Amendments / corrigendum / cancellation / retenders etc., if any shall be published only in above websites.

**By Order of Managing Director**
**Sd./- Manager (Accounts)**
OIPR-07002/11/0012/2425 **OSCSC Ltd.**

## Odisha Livelihoods Mission

**Department of Mission Shakti, Government of Odisha**
SIRD & PR Campus, Unit-VIII, Bhubaneswar - 751012, Odisha
Tel : (0674) 2560166/2560126, E-mail : smmu.olm@gmail.com

**No. OLM/RFP/02/832** **Date : 14.11.2024**

**REQUEST FOR PROPOSAL**

**Empanelment of Agencies for Assessment of Producer Groups under Odisha Livelihoods Mission, Department of Mission Shakti**

**No.g-106 : Odisha Livelihoods Mission,** Mission Shakti Department, Govt. of Odisha invites sealed proposals from empaneled agency of GoO/MoRD/NRLM/GoI to carry out **"Empanelment of Agencies for Assessment of Producer Groups under Odisha Livelihoods Mission"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from **missionshakti.odisha.gov.in**. The tentative key timeline is given below :

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 18.11.2024 |
| 2 | Last Date for Submission of Bid | 11.12.2024, 3.30 P.M. |
| 3 | Date of Opening of Technical Bid | 11.12.2024, at 4.00 P.M. |
| 4 | Date of Opening of Financial Bid | Will informed to the qualified bidder |

The proposal complete in all respects must reach the undersigned by **Speed Post / Registered Post / Courier** only latest by 11.12.2024, **3.30 P.M.** in a sealed envelope clearly mentioning on the top of it **"Empanelment of Agencies for Assessment of Producer Groups under Odisha Livelihoods Mission, Department of Mission Shakti"**. The proposals received beyond the last date and time will be rejected. The authority reserves the right to reject any / all proposals without assigning any reason thereof.

**OIPR-48002/11/0003/2425** **Sd./- State Mission Director**

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ଛାଡ଼ଖାଇ ପାଇଁ ପାରାଦୀପରୁ ଘରକୁ ଫେରୁଥିଲେ**

ମାର୍ଶାଘାଇ,୧୭।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ଶନିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ମନୋରଞ୍ଜନ ରାଉତ(୪୦)ଓ ସନଗାଁର ରମେଶ ବେହେରା(୪୩) । ଉଭୟ ପାରାଦୀପରେ ରହି ମାଛଧରା ବୋଟ୍‌ରେ ଚାଳକ ଓ ଖଲାସୀ ଭାବେ କାମ କରୁଥିଲେ । ଛାଡ଼ଖାଇ ଉପଲକ୍ଷେ ଦୁହେଁ ପାରାଦୀପରୁ ବିଳମ୍ବିତ ରାତିରେ ଏକ ବାଇକ୍‌ରେ ମାଛ ନେଇ ଗାଁକୁ ଆସୁଥିଲେ। ହେଲେ ସତେ ଯେମିତି ରାସ୍ତାରେ ତାଙ୍କୁ ମୃତ୍ୟୁ ଜଗି ରହିଥିଲା । ୫୩ନମ୍ବର ଜାତୀୟ ରାଜପଥର ଟିକରପଙ୍ଗା ଛକରେ ସେମାନଙ୍କ ପଛପଟୁ ପାରାଦୀପ ଆଡୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ମାରି ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଏ ସଂକ୍ରାନ୍ତରେ ଖବର ପାଇ ରାତିରେ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଇଛି । ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଲିଜ୍‌ପ୍ରାପ୍ତ କଳାପଥର ଖାଦାନ ବନ୍ଦ ନିର୍ଦ୍ଦେଶ

**ଡିଜିଏମ୍‌ଏସ୍‌ଙ୍କ ତଦନ୍ତ ରିପୋର୍ଟ ଆଧାରରେ ଖଣି ବିଭାଗର କାର୍ଯ୍ୟାନୁଷ୍ଠାନ**

ଯାଜପୁର,୧୭।୧୧(ହର୍ଷବର୍ଦ୍ଧନ ବେହେରା)


ବାଜବାଟି ପାହାଡ଼ରେ ବେଆଇନ ଖନନ ଚାଲିଛି ।

କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ଡାଇରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫ୍ଟି (ଡିଜିଏମ୍‌ଏସ୍)ଙ୍କ ତଦନ୍ତ ଆଧାରରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ପ୍ରାୟ ୨୬ଟି ଲିଜ୍‌ପ୍ରାପ୍ତ କଳାପଥର ଖାଦାନଗୁଡିକୁ ବନ୍ଦ କରିବାକୁ ଯାଜପୁର ଲଘୁ ଖଣିଜ ଉପ ନିର୍ଦ୍ଦେଶକ(ଡିଡିଏମ୍) ଶନିବାର ନିର୍ଦ୍ଦେଶ ଜାରି କରିଛନ୍ତି। ବିଶେଷକରି ଡିଜିଏମ୍‌ଏସ୍‌ଙ୍କ ପରାମର୍ଶକ୍ରମେ ମାଇନ୍ସ ମ୍ୟାନେଜର ନିଯୁକ୍ତି, ବ୍ଲାଷ୍ଟର, ସୁରକ୍ଷା ନିୟମ ଇତ୍ୟାଦି ପାଳନ ନ ହେବା କାରଣରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ଗତ ପ୍ରାୟ ୩ ଦଶନ୍ଧି ମଧ୍ୟରେ କଳାପଥର ଖାଦାନଗୁଡ଼ିକ ଉପରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ପ୍ରଥମ ବୋଲି ମତପ୍ରକାଶ ପାଇଛି।

ସମସ୍ତ ଲିଜ୍‌ଧାରୀଙ୍କୁ ଜାରି କରାଯାଇଥିବା ଯାଜପୁର ଡିଡିଏମ୍‌ଙ୍କ ନିର୍ଦ୍ଦେଶ ପତ୍ର ଅନୁସାରେ ୨୪।୯।୨୦୨୪ରୁ ୨୬।୯।୨୦୨୪ ପର୍ଯ୍ୟନ୍ତ ଡାଇରେକ୍ଟର ଅଫ୍ ମାଇନ୍ସ ସେଫ୍ଟି କେ. ମଣ୍ଡଳ ଓ ଭୁବନେଶ୍ୱର କ୍ଷେତ୍ରର ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ ସେଫ୍ଟି ଟି. ହରିପ୍ରସାଦ ସମସ୍ତ ଲିଜ୍‌ପ୍ରାପ୍ତ ଖାଦାନର ନିରୀକ୍ଷଣ କରିଥିଲେ। ସେମାନେ କେତେକ ଗୁରୁତ୍ୱପୂର୍ଣ୍ଣ ଅନିୟମିତତା ଉପରେ ପର୍ଦ୍ଦାଫାଶ କରି ରିପୋର୍ଟ ଦାଖଲ କରିଥିଲେ। ସେଥିମଧ୍ୟରୁ ବିଭିନ୍ନ ଖଣି ଆଇନ ଅନୁସାରେ କଳାପଥର ଖାଦାନ ଆରମ୍ଭର ନିର୍ଦ୍ଦେଶ ପତ୍ର, ମାଇନ୍ସ ମ୍ୟାନେଜର ନିଯୁକ୍ତି ନ କରିବା, ବ୍ଲାଷ୍ଟିଂ ପରିଚାଳନା ପାଇଁ ବ୍ଲାଷ୍ଟର ନିଯୁକ୍ତି ନ କରିବା, ଖାଦାନ ସାଇଟ୍‌ରୁ ପଥର ନ ଧସିବା ପାଇଁ ଆବଶ୍ୟକ ସୁରକ୍ଷା ପଦକ୍ଷେପ ଗ୍ରହଣ ନ କରିବା, ହେଭି ଆର୍ଥ ମୁଭିଂ ମେଶିନାରୀ ଏବଂ ଡିପ୍ ହୋଲ୍ ବ୍ଲାଷ୍ଟିଂ ପାଳନ ନ କରିବା, ଲିଜ୍ ଖାଦାନର ଧାର୍ଯ୍ୟ ସୀମା ନିର୍ଦ୍ଧାରଣ ନ ହେବା, ଖଣି କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଳନ ନ କରିବା ନିରୀକ୍ଷଣରେ ଜଣାପଡିଥିଲା। ଏହା ପୂର୍ବରୁ ୫।୧୧।୨୦୨୪ରେ କଳାପଥର ଖାଦାନଗୁଡ଼ିକର ଯେଉଁ ଲିଜ୍‌ଧାରୀମାନେ ମାଇନ୍ସ ମ୍ୟାନେଜର ନିଯୁକ୍ତି କିମ୍ବା ବ୍ଲାଷ୍ଟିଂ ଅନୁମତି ନେଇନାହାନ୍ତି, ସେମାନଙ୍କ ଇ-ଟିପି(ଟ୍ରାନ୍‌ଜିଟ୍ ପାସ୍) ଜାରି ପ୍ରକ୍ରିୟାକୁ ବିଭାଗ ପକ୍ଷରୁ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିଲା।

ସୂଚନାଯୋଗ୍ୟ ଯେ, କଳାପଥର ଖାଦାନଗୁଡିକରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ନେଇ ହୋଇଥିବା ମାଇନ୍ସ ମ୍ୟାନେଜର ନିଯୁକ୍ତି ନିର୍ଦ୍ଦେଶକୁ ପ୍ରାୟ ୩ ମାସ ହୋଇଥିଲେ ହେଁ ତାହାକୁ ଅବମାନନା କରାଯାଇଛି। ମାଇନିଂ ପ୍ଲାନ ବ୍ୟତୀତ ଜଙ୍ଗଲ ଓ ପରିବେଶ ଅନୁମତି, ୱାଗନ ଡ୍ରିଲିଂ ପ୍ରଭୃତି ଅନୁମତି ନ ଥାଇ ଏଭଳି ବିସ୍ଫୋରଣ ଏବଂ ଦୁର୍ଘଟଣା ଯୋଗୁ ଶ୍ରମିକମାନଙ୍କ ଅକାଳ ମୃତ୍ୟୁ ହେଉଛି। ଏହି ଶ୍ରମିକ ମୃତ୍ୟୁ ଘଟଣାରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଅଭିଯୋଗରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ମଧ୍ୟ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଡିଜିଏମ୍‌ଏସ୍‌ର ବିଭିନ୍ନ ଆଇନ ଅନୁସାରେ କଳାପଥର ଉତ୍ତୋଳନ ହେଉ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହିକ୍ରମରେ ଭୁବନେଶ୍ୱର କ୍ଷେତ୍ରର ଡିଜିଏମ୍‌ଏସ୍ ପକ୍ଷରୁ ନିରୀକ୍ଷଣ କରାଯାଇ ୨୫।୧୦।୨୦୨୪ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାବାଦ୍ ୮।୧୧।୨୦୨୪ରେ ରାଜ୍ୟ ସରକାରଙ୍କ ଷ୍ଟିଲ୍ ଓ ମାଇନ୍ସ ବିଭାଗର ଲଘୁ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଏନ୍.ଏନ୍. ସିଂହଦେଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଡିଡିଏମ୍‌ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ।

# ପୁସ୍ତକ ‘ବିନ୍ଦୁର ସିନ୍ଧୁ’ ଉନ୍ମୋଚିତ


ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି ।

କାଏମା,୧୭।୧୧(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ରବିବାର ଅପରାହ୍ନରେ ଲେଖକ ଗଣେଶ୍ୱର ନାୟକଙ୍କ ପୁସ୍ତକ ‘ବିନ୍ଦୁର ସିନ୍ଧୁ’ ଉନ୍ମୋଚିତ ହୋଇଯାଇଛି। ଅନନ୍ତ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ମିହିର ଦାସ, ମୁଖ୍ୟବକ୍ତାଭାବେ ମନୋରଞ୍ଜନ ମହାନ୍ତି, ଅନ୍ୟତମ ବକ୍ତାଭାବେ କାମଦେବ ଶତପଥୀ, ଅନ୍ୟତମ ଅତିଥି ଭାବେ ଡ. ସନ୍ତୋଷ ମହାପାତ୍ର, ପ୍ରଚ୍ଛଦ ଶିଳ୍ପୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କୁନି କୁନି ପିଲାଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପରେ ଅତିଥିମାନେ ପୁସ୍ତକ ସମ୍ପର୍କରେ ଅଭିମତ ରଖିବା ସହ ସାଧୁବାଦ ଜଣାଇଥିଲେ। ଲେଖକ ନାୟକ ପୁସ୍ତକର ସାରାଂଶ ଆଲୋଚନା କରିଥିଲେ। ଶିକ୍ଷକ ନଟବର ବେହେରା ପୁସ୍ତକର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ସାହୁ, ଡ. ପ୍ରଶାନ୍ତ ସ୍ୱାଇଁ, କୁଳମଣି ସ୍ୱାଇଁ, ପ୍ରଦୀପ୍ତ ମହଲା, ଚିତ୍ତରଞ୍ଜନ ମଲ୍ଲିକ, ଶିଶିର ମାହାଣା, କାଦମ୍ବିନୀ ମିଶ୍ର, ଅନିଲ କୁମାର ମହାରଣା, ଅଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ହରିହର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପୂଜା ମଣ୍ଡପରେ ପୂର୍ବତନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା


କର୍ମୀଙ୍କ ଗହଣରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ।

ରସୁଲପୁର,୧୭।୧୧(ରଂଜିତ ରାଉତ): ରସୁଲପୁର ବ୍ଲକ୍ ନରସିଂହପୁର ପଞ୍ଚାୟତ ଅଞ୍ଚଳରେ ରାହାସ ଉତ୍ସବ ଅବସରରେ ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଯାଜପୁରର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ଯାଜପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରକାଶ ଦାସ। ଏହି ଅବସରରେ ଉଭୟ ନେତାଙ୍କୁ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତ ଅଞ୍ଚଳର ବିଜେଡି କର୍ମୀମାନେ ଉଭୟଙ୍କୁ ବିଭିନ୍ନ ପୂଜା ମଣ୍ଡପ ନିକଟକୁ ପାଛୋଟି ନେଇଥିଲେ। ନେତାମାନେ ମଣ୍ଡପ ନିକଟରେ ପହଞ୍ଚି ରାଧାକୃଷ୍ଣ, ରହାସବିହାରୀ, ବୃନ୍ଦାବନଚନ୍ଦ୍ର, ଗୋପୀନାଥଜୀଉ, ଜଗନ୍ନାଥ ମଠ ଆଦି ଅଞ୍ଚଳର କୁଞ୍ଜ ବୁଲି ଦେଖିବା ସହ ହରିପୁର ଅଞ୍ଚଳର ମଠ ମନ୍ଦିରର ସାଜସଜ୍ଜାକୁ ଦେଖି ଖୁସିବ୍ୟକ୍ତ କରିଥିଲେ।

ସ୍ଥାନୀୟ ଅଞ୍ଚଳର ଗାଁଗୁଡ଼ିକରେ ଥିବା ମଠ ମନ୍ଦିରରେ ପାରମ୍ପାରିକ ରୀତିନୀତିର ସହ ପାଳନ କରାଯାଉଥିବା କାଳାସଂସ୍କୃତି, ପ୍ରଭୁ ରାଧାକୃଷ୍ଣଙ୍କ ଲିଳାଖେଳା ଉପରେ ଆଧାରିତ ପୁରାଣବର୍ଣ୍ଣିତ କାରୁକାର୍ଯ୍ୟ ରାଜ୍ୟରେ ବିଶେଷ ଗୁରୁତ୍ୱ ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। କର୍ମୀମାନଙ୍କ ଗହଣରେ ଉଭୟ ନେତା ବିଭିନ୍ନ ପୂଜା ମଣ୍ଡପଗୁଡ଼ିକୁ ଶୋଭାଯାତ୍ରା ଜରିଆରେ ପାଛୋଟି ନିଆଯାଇଥିଲା। ନରସିଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ବଡ଼କଇଞ୍ଚି ସରପଞ୍ଚ ଅଶୋକ କୁମାର ମଲ୍ଲିକ, ବାହାଦଲାପୁର ସରପଞ୍ଚ ମହେନ୍ଦ୍ର ଦାସ, ଗନ୍ଧଣ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ସମିତିସଭ୍ୟା ତିଲୋତ୍ତମା ପରିଡ଼ା, ସୌମ୍ୟରଞ୍ଜନ ରାଉତ, ଯୁବନେତା ପ୍ରତାପ ମହାନ୍ତି, ମନୋଜ ରାଉତ, ଦୁଷ୍ମନ୍ତ ମଲିକ, ବିଜୟ ଘଡାଇ, ଚନ୍ଦ୍ରଶେଖର ସାମଲ, ଶଶାଙ୍କ ଶେଖର ରାଉତ, ପ୍ରଶାନ୍ତ ପଣ୍ଡା, ଅମରେଶ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ। ବିଭିନ୍ନ ସ୍ଥାନରେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହ ଉତ୍ତରଣୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

# ଆନ୍ତଃ ମହାବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା

ଯାଜପୁର ଟାଉନ,୧୭।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ରବିବାର ଆନ୍ତଃ ମହାବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଯାଜପୁର ହକି ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୯ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳରେ ସରକାରୀ ଶାରୀରିକ କ୍ରୀଡ଼ା ମହାବିଦ୍ୟାଳୟ ଭୁବନେଶ୍ୱରକୁ ହରାଇ ନିଶ୍ୱାସ କଲେଜ ଭୁବନେଶ୍ୱର ବିଜୟୀ ହୋଇଛି। ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୟ କୁମାର ସୋଏ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହେଇଛନ୍ତି। ପ୍ରତିଯୋଗିତା ଖେଳ ଶିକ୍ଷକ ରଞ୍ଜନ ସୁତାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ଦିବ୍ୟଲୋଚନ ସିଂହ ଯୋଗ ଦେଇଥିଲେ। ଅମୂଲ୍ୟ ବେହେରା, ଜ୍ୟୋତିର୍ମୟ ନାଥଶର୍ମା, ରିତେନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି, ପ୍ରକାଶ ଲଲା, ଲୋକନାଥ ମହାପାତ୍ର, ସଞ୍ଜୀବ ଭଦ୍ର ଓ ମହେଶ୍ୱର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରଞ୍ଜନ ସୁତାର ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଉଦାସ ଆଶ୍ରମ ପକ୍ଷରୁ ମହାନଦୀ ଆଳତି



ଚଣ୍ଡିଖୋଲ,୧୭।୧୧(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲରସ୍ଥିତ ଉଦାସ ଆଶ୍ରମ ପକ୍ଷରୁ କଟକ ବାଲିଯାତ୍ରା ଅବସରରେ ପୁଣ୍ୟତୋୟା ମା’ ମହାନଦୀଙ୍କ ପୂଜା ଓ ଆଳତି କରାଯାଇଛି। ଆଶ୍ରମର ମଠାଧିଶ ସ୍ୱାମୀ ଯଜ୍ଞେଶର ନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନଦୀ ଆମର ମା’ ତାର ତଟକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ନଦୀର ସୁରକ୍ଷା ଆମ ମାନଙ୍କ ଜୀବନ ସୁରକ୍ଷା ସହିତ ସମାନ ବୋଲି ସ୍ୱାମୀଜୀ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭବାନୀ ଶଙ୍କର ଚଇନି, ବୋର୍ଡ ଅଫ୍ ରେଭେନ୍ୟୁ କମିଶନର ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଅଧିକାରୀ ହରେକୃଷ୍ଣ ଶତପଥୀ, ତହସିଲଦାର ପ୍ରଜ୍ଞାନନ୍ଦ ମହାନ୍ତି, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଡାକ୍ତର ସରୋଜ ଜେନା ପ୍ରମୁଖ ମା’ଙ୍କ ଆଳତି ଓ ଯଜ୍ଞରେ ସାମିଲ ହୋଇଥିଲେ। ଆଶ୍ରମ ସେବକ ଦିବ୍ୟାଲୋଚନ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ହରିବୋଲ, ହୁଳହୁଳି ଓ ଶଙ୍ଖନାଦ ଧ୍ୱନିରେ ନଦୀତଟ ମୁଖରିତ ହୋଇଥିଲା।

# ଅବକାରୀ ଚଢ଼ାଉ, ଜଣେ ଗିରଫ

ଯାଜପୁରରୋଡ୍,୧୭।୧୧ (ପବିତ୍ର ରଞ୍ଜନ ମହାନ୍ତି): ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ନୂଆଗଡ଼ ଗୋଲେଇ ଛକରେ ଚଢ଼ାଉ କରାଯାଇ ୬୦୦ ଲିଟର ଦେଶୀମଦ ଓ ଏକ କାର ଜବତ କରାଯାଇଛି। ଏଥିସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ବାଲେଶ୍ୱର ଅଞ୍ଚଳର ରମାକାନ୍ତ ବେହେରା। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା କୋରେଇ ନୂଆଗଡ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ରମାକାନ୍ତ ଏକ କାର ନଂ.ଓଆର୍୨୨ସି୫୯୬୯ରେ ଦେଶୀମଦ ବିକିବାକୁ ଆସୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଏନେଇ ନଂ.୯୧/୨୪-୨୫ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ମାଳତି ମାଝୀ, ସୁଚିତ୍ରା ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ସର୍ପାଘାତରେ ୪ର୍ଥ ଶ୍ରେଣୀ ଛାତ୍ର ମୃତ

ଡେରାବିଶ,୧୭।୧୧(ବେବର୍ତ୍ତା ଅଜୟ ଦାସ): କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର (ପଲେଇ ସାହି) ଗ୍ରାମ ସରୋଜ କୁମାର ନାୟକଙ୍କ ପୁଅ କ୍ଷିତିଶ କୁମାର (୧୦)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ସେ ବଳଭଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଥିଲେ । ଆଜି ରବିବାର ଥିବାରୁ କ୍ଷିତିଶ ମଧ୍ୟାହ୍ନରେ ନିଜର କେତେକ ସାଙ୍ଗଙ୍କ ସହ ବାରିରେ ଖେଳୁଥିଲେ । ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ପଟ ହାତକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ, ଖଇରାବାଦ ଚାମ୍ପିୟନ


ଅତିଥିମାନେ ଖେଳାଳିମାନଙ୍କ ସହିତ ହାତ ମିଳାଉଛନ୍ତି।

ଧର୍ମଶାଳା,୧୭।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ମଜାର ପଡ଼ିଆରେ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମା’ମଙ୍ଗଳା ଆଥଲେଟିକ ଆସୋସିଏଶନକୁ ୧/୪ ଗୋଲରେ ପରାସ୍ତ କରି ଖଇରାବାଦ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ମ୍ୟାଚଟି ଅମିମାଂଶିତ ରହିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଯୋଉଁଥିରେ ଖାଇରାବାଦ ଫୁଟବଲ କ୍ଲବ ୪/୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଯାଜପୁର ଜିଲାର ୮ ଫୁଟବଲ ଟିମ ଭାଗ ନେଇଥିଲେ। ଖେଳକୁ ରାକେଶ ଜେନା ପରିଚାଳନା କରିଥିଲେ। ବିକାଶ ଦାସ ଓ ସୁମନ ଦାସ ଲାଇନରେ ସହାୟତା କରିଥିଲେ। ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଧର୍ମଶାଳା ଯୁବନେତା ରାଜେଶ ପାଳ, ଶରତ ଓଝା, ଲୋକନାଥ ମହାନ୍ତି, ଜଗଦିଶ ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସଙ୍ଗଠକ ସନ୍ୟାସୀ ମହାନ୍ତି, ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବ ସଙ୍ଗଠକ ପ୍ରଫୁଲ୍ଲ କୁମାର ରାଉତଙ୍କ ନେତୃତ୍ୱରେ ସୁମାନ ଦାସ, ରାକେଶ ଜେନା, ସୌମ୍ୟରଞ୍ଜନ ଦାସ, ସୁଶାନ୍ତ ପଣ୍ଡିତ, ପ୍ରକାଶ ମହାନ୍ତି, ଦେବବ୍ରତ ବେହେରା, ବିଜୟ ବେହେରା, ତପି ସାମଲ, ଧର୍ମେନ୍ଦ୍ରେ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ଅରୁଣ ସଭାପତି, ଚନ୍ଦ୍ରଶେଖର ସମ୍ପାଦକ

**ଓୟୁଜେ ପକ୍ଷରୁ ସାଧାରଣ ପରିଷଦ ବୈଠକ, ଦ୍ୱିବାର୍ଷିକ ନିର୍ବାଚନ**

ଯାଜପୁର ସଦର,୧୭।୧୧ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ବରୁଆଁ ସୀତାଦେଇ ପୀଠଠାରେ ଓୟୁଜେର ଯାଜପୁର ଶାଖାର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ରାଜ୍ୟ ଉପସଭାପତି ରାଜୀବ କୁମାର ମହାନ୍ତି, ଏନୟୁଜେ ସଭ୍ୟ ଅଭୟ ପତି, ଜିଲା ସାଧାରଣ ସମ୍ପାଦକ ପ୍ରବୋଧ କୁମାର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ସାଧାରଲୋକଙ୍କ ନ୍ୟାୟ ପାଇଁ କାର୍ଯ୍ୟ କରିବାକୁ ମତ ରଖିଥିଲେ। ସଂଘ ସଦସ୍ୟତା ଗ୍ରହଣ କରିବା, ସାମ୍ବାଦିକଙ୍କ ହକ ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ସଙ୍ଘ ପକ୍ଷରୁ ଉପସ୍ଥାପନା କରାଯିବାକୁ ସ୍ଥିର କରାଯାଇଥିଲା। ସମସ୍ୟା ସମ୍ପର୍କରେ ଜିଲାର ବିଭିନ୍ନ ବ୍ଲକ ସାମ୍ବାଦିକମାନେ ମତ ରଖିଥିଲେ। ଏହି ଅବସରରେ ସଦରଥାନା ଅଧିକାରୀ ଶଙ୍କର୍ଷଣ ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅରୁଣ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଉପସଭାପତି ଦେବବ୍ରତ ସାହୁ, ପ୍ରବୋଧ ମିଶ୍ର, ଜ୍ଞାନରଞ୍ଜନ ଓଝା, ବିଶ୍ୱଜିତ ପତି, ସହସମ୍ପାଦକ ହେମେଶ ଜେନା, ବିଜୟଲକ୍ଷ୍ମୀ ସାହୁ, ଜୋନାଲ ସମ୍ପାଦକ ମହେନ୍ଦ୍ର ସ୍ୱାଇଁ, ମାନସ ଜେନା, ପ୍ରଶାନ୍ତ ବିଶ୍ୱାଳ, ସୁବ୍ରତ ଜେନା, ସାଂଗଠନିକ ସମ୍ପାଦକ ତପନ ମହାନ୍ତି, ଲିଗାଲ ସେଲ ମାନସ ରଞ୍ଜନ ତ୍ରିପଠୀ, ୱେଲେଫେୟାର ପ୍ରଶାନ୍ତ ଜେନା, ଟ୍ରିବ୍ୟୁନାଲ ଦେବୀ ପ୍ରସନ୍ନ ନାୟକ, ଆବାହକ ଦେବେନ୍ଦ୍ର ପାଢ଼ୀ, ବିଶ୍ୱଭୂଷଣ ବିଶ୍ୱାଳ, ଆଶୁତୋଷ ମିଶ୍ର, ରାକେଶ ବାରିକ, ବିଶ୍ୱଭୂଷଣ ଜେନା, ଜଗମୋହନ ରାଉତ, ସୁବ୍ରତ ମଲିକ, ସତ୍ୟରଞ୍ଜନ ମଲିକ, ଅଭିମନ୍ୟୁ ଧଳ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ଶିବରାମ ଦାସ, ଅଜୟ ରାଉଳ, ଆଦିତ୍ୟ ମେକପ, ବିଜୟ ମହାନ୍ତି, ରଞ୍ଜିତ ରାଉତ, ନିରଞ୍ଜନ ପଣ୍ଡା, ରବୀନ୍ଦ୍ର ପରିଡ଼ା, ପ୍ରଶାନ୍ତ ଦ୍ୱିବେଦୀ, ଅଜୟ ରଣାଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭାପତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୁଶାନ୍ତ ବେହୁରିଆ ଧନ୍ୟବାଦ ଦେଇଥିଲେ।


ଓୟୁଜେ ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା ।

# ଅନଶନରୁ ଓହରିଲେ ସରପଞ୍ଚ ସମିତି ସଂଘ

## ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦୁର୍ବ୍ୟବହାର ଓ ଗଣ୍ଡଗୋଳ ଘଟଣା

ପଟ୍ଟାମୁଣ୍ଡାଇ,୧୭।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଦୁର୍ବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ଘଟଣାକୁ ନେଇ ସରପଞ୍ଚ ଓ ସମିତି ସଭ୍ୟ ସଂଘ ଚଳାଇଥିବା ଆମରଣ ଅନଶନ ରବିବାର ପ୍ରତ୍ୟାହୃତ ହୋଇଛି। ୫ ଦିନ ପରେ ଏହି ବିବାଦର ସମାଧାନ ହୋଇଛି। ସନ୍ଧ୍ୟାରେ କେନ୍ଦ୍ରାପଡା ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ସରପଞ୍ଚ ସମିତି ସଭ୍ୟ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ବ୍ଲକ ଅଫିସରେ ଉତ୍ତମ ପରିବେଶ ସହିତ ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରତିଶ୍ରୁତି ମିଳିଛି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ଗତ ୫ ତାରିଖରେ ତାଙ୍କ ଅଫିସରେ ବ୍ୟସ୍ତ ଥିବାବେଳେ ବଡ଼ପଡା ପଞ୍ଚାୟତ ମୂଳଗାଇ ଗ୍ରାମର ଜ୍ୟୋତି ପ୍ରକାଶ ପ୍ରଧାନ ତାଙ୍କ ସହଯୋଗୀଙ୍କ ସହିତ ଅଫିସରେ ପଶି ବିଡ଼ିଓଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ଚେୟାର ଉଠାଇ ପିଟିବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ସାହୁ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପଟ୍ଟାମୁଣ୍ଡାଇ ପୋଲିସ ଏକ ମାମଲା(ନଂ. ୩୨୭/୨୪) ରୁଜୁ କରିଥିଲା। ମାତ୍ର ଗଣ୍ଡଗୋଳକାରୀଙ୍କୁ ଗିରଫ କରିବା ବିଳମ୍ବ ହେବାରୁ ଏହାର ପ୍ରତିବାଦ ଗତ ୬ ତାରିଖରେ ବ୍ଲକ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଗତ ୭ରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ। ପରେ ୮ ତାରିଖରେ ଥାନାରେ ଧାରଣା ମଧ୍ୟ ଦିଆଯାଇଥିଲା। ମାତ୍ର ଏଥିରେ ବି ପୋଲିସ ଅଭିଯୁକ୍ତଙ୍କୁ



ଏସ୍‌ପି ଅନଶନକାରୀଙ୍କୁ ଫଳରସ ପ୍ରଦାନ କରୁଛନ୍ତି।

ଗିରଫ ନ କରିବାରୁ ଗତ ୫ ଦିନ ହେବ ସରପଞ୍ଚ ଓ ସମିତି ସଭ୍ୟ ସଂଘଙ୍କ ପକ୍ଷରୁ ଆମରଣ ଅନଶନ ଜାରି ରହିଥିଲା। ଶନିବାର ବିଜେଡି ପକ୍ଷରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ଫଳରେ ଦୀର୍ଘ ୧୨ଦିନ ହେବ ବ୍ଲକ ଅଚଳ ହୋଇପଡିଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଆସୁଥିବା ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିଲେ। ପରିସ୍ଥିତି ଦିନକୁ ଦିନ ଅଣାୟତ ହେଉଥିବା ବେଳେ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏହାକୁ ଦୃଷ୍ଟିରେ ରଖି ଛୁଟିରେ ଯାଇଥିବା ଏସ୍‌ପି କାମରେ ଯୋଗଦେବାପରେ ରବିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ଏ ନେଇ ଆଲୋଚନା କରିଥିଲେ। ସେଠାରେ ଅନଶନରତ ସରପଞ୍ଚ ଓ ସମିତି ସଭ୍ୟ ସଂଘର ଏକ ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୨ ପୋଲିସ କର୍ମଚାରୀ ମୁତୟନ କରାଯିବ। ଏହି ମାମଲାକୁ ନିଜେ ଅନୁଧ୍ୟାନ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଏସ୍‌ପି କଟାରିଆ ଅନଶନସ୍ଥଳକୁ ଯାଇ ଅନଶନକାରୀଙ୍କୁ ଫଳ ରସ ପିଆଇବା ପରେ ଏହି ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ଅର୍ବାନ ବ୍ୟାଙ୍କ ପରିସରରେ ସମବାୟ ସପ୍ତାହ ପାଳନ




ସମବାୟ ସପ୍ତାହ ପାଳନ ଉତ୍ସବରେ ଯୋଗଦେଇଥିବା ବ୍ୟାଙ୍କର କର୍ମକର୍ତ୍ତା।

କେନ୍ଦ୍ରାପଡ଼ା,୧୭।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ ପରିସରରେ ୭୧ ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ଗୁରୁବାର ପାଳନ କରାଯାଇଛି। ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ ଆନ୍ଦୋଳନରେ ଅର୍ବାନ ବ୍ୟାଙ୍କର ଭୂମିକା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ମଣ୍ଡଳ ସହ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ, ସମବାୟ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମବାୟ ଆନ୍ଦୋଳନରେ ବ୍ୟାଙ୍କ ପ୍ରତିଷ୍ଠାତା ଭାଗବତ ମହାନ୍ତିଙ୍କ ଭୂମିକା ସହ ବ୍ୟାଙ୍କର କାର୍ଯ୍ୟାଧାରାକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ମଣ୍ଡଳୀ, କର୍ମଚାରୀ ଓ ସମବାୟ ଆନ୍ଦୋଳନପ୍ରେମୀ ଯୋଗ ଦେଇଥିଲେ।

# ସାପକାମୁଡ଼ାରେ ୪ର୍ଥ ଶ୍ରେଣୀ ଛାତ୍ର ମୃତ

ଡେରାବିଶ,୧୭।୧୧
(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର (ପଲେଇ ସାହି) ଗ୍ରାମ ସରୋଜ କୁମାର ନାୟକଙ୍କ ପୁଅ କ୍ଷିତିଶ କୁମାର(୧୦)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ସେ ବଳଭଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଥିଲେ। ଆଜି ରବିବାର ଥିବାରୁ କ୍ଷିତିଶ ମଧ୍ୟାହ୍ନରେ ନିଜର କେତେକ ସାଙ୍ଗଙ୍କ ସହ ବାରିରେ ଖେଳୁଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ପଟ ହାତକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଖବର ଜଣାପଡିବା ପରେ ଶୋକର ଛାୟା ଖେଳିଯାଇଛି।

# ଆଳି ବିକାଶ ମଞ୍ଚର ପ୍ରତିଭା ସମ୍ମାନ ସମାରୋହ



ପ୍ରତିଭା ସମ୍ମାନ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣାରେ ଯୁବ ପ୍ରତିଭା।

ଆଳି,୧୭।୧୧ (ବନମାଳୀ ସେନାପତି)

ରବିବାର ଆଳି ବିକାଶ ମଞ୍ଚ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିକାଶ ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଅତୁଲ କୁମାର ବଳ କହିଲେ, ପ୍ରତିଭାବାନ ବ୍ୟକ୍ତି ବିନୟୀ ହେବା ଉଚିତ୍। ଯେଉଁମାନେ ଯେଉଁ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଚାଲିଛନ୍ତି ସେମାନେ ଏ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ସରଳ ଜୀବନ ଯାପନ ହିଁ ମଣିଷକୁ ଭଲ ଲୋକରେ ପରିଣତ କରିଥାଏ। ସମ୍ମାନୀତ ଅତିଥି ଭାବେ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ଧଳ, ଅନୁଷ୍ଠାନର ସାଧାରଣ ସମ୍ପାଦକ ତ୍ରିଲୋଚନ ଧଳ, ଉପଦେଷ୍ଟା ଜ୍ଞାନ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ବର୍ଷାରାଣୀ ସେନାପତି, ପ୍ରଣବ କୁମାର ପଣ୍ଡା,ପି.କେ.ହିତାଂଶୁ ଓ ଉମେଶ ଚନ୍ଦ୍ର ଲେଙ୍କା ଓ ଆଇ ଆଇ ଟି ପାଠ୍ୟକ୍ରମ ପାଇଁ ଚୟନ ହୋଇଥିବା କୁମାର ପ୍ରିୟଦର୍ଶୀ ସାମଲ, ୨୦୨୪ ଆଳି ବ୍ଲକ ମାଟ୍ରିକ ଟପ୍ପର ଲକ୍ଷ୍ମୀ ପ୍ରିୟା ପଣ୍ଡା, ରାଷ୍ଟ୍ରପତିଙ୍କ ଦ୍ୱାରା ସୌର୍ଯ୍ୟଚକ୍ରରେ ବିଭୂଷିତ ହୋଇଥିବା ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରା, ଭାର ଉତ୍ତୋଳନକାରୀ ବ୍ରୋଞ୍ଜ ମେଡାଲ ବିଜେତା ଶ୍ରୀସାଜ ମହାନ୍ତି,ଡାକ୍ତରୀ ପାଠ୍ୟକ୍ରମ ପାଇଁ କୃତକାର୍ଯ୍ୟ ହୋଇଥିବା ଅବିନାଶ ସାହୁ,ସ୍ୱାଗତ ପାଣ୍ଡବ, ସସ୍ମିତ ଦାସ, ଶ୍ରୀତିକାନ୍ତ ରାଉତ, ଦେବାଶିଷ ସାହୁ ପ୍ରମୁଖଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

# ଗାଡ଼ି ଧକ୍କାରେ ୨ ଯୁବକ ମୃତ

## ଛାଡ଼ଖାଇ ପାଇଁ ପାରାଦୀପରୁ ଘରକୁ ଫେରୁଥିଲେ

ମାର୍ଶାଘାଇ,୧୭।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶନିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ମନୋରଞ୍ଜନ ରାଉତ(୪୦)ଓ ସନଗାଁର ରମେଶ ବେହେରା(୪୩)। ଉଭୟ ପାରାଦୀପରେ ରହି ମାଛଧରା ବୋଟ୍‌ରେ ଚାଳକ ଓ ଖଲାସୀ ଭାବେ କାମ କରୁଥିଲେ। ଛାଡ଼ଖାଇ ଉପଲକ୍ଷେ ଦୁହେଁ ପାରାଦୀପରୁ ବିଳମ୍ବିତ ରାତିରେ ଏକ ବାଇକ୍‌ରେ ମାଛ ନେଇ ଗାଁକୁ ଆସୁଥିଲେ। ହେଲେ ସତେ ଯେମିତି ରାସ୍ତାରେ ତାଙ୍କୁ ମୃତ୍ୟୁ ଜଗି ରହିଥିଲା। ୫୩ନମ୍ବର ଜାତୀୟ ରାଜପଥର ଟିକରପଙ୍ଗା ଛକରେ ସେମାନଙ୍କ ପଛପଟୁ ପାରାଦୀପ ଆଡୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ମାରି ଫେରାର ହୋଇଯାଇଥିଲା।



ଦୁର୍ଘଟଣାଗ୍ରସ୍ତ ବାଇକ୍।

ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ଖବର ପାଇ ରାତିରେ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଇଛି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ମା'ସହିତ କେହି ତୁଳନୀୟ ନୁହନ୍ତି



ଶ୍ରଦ୍ଧାଞ୍ଜଳି ସଭାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ଅନ୍ୟମାନେ।

## ଶାନ୍ତିଲତା ପାଣିଙ୍କୁ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି

ପାଟକୁରା,୧୭।୧୧(ରବୀନ୍ଦ୍ରନାଥ ବାରିକ)

ଶନିବାର ଗରଦପୁର ବ୍ଲକ ଗରଦପୁର ଗ୍ରାମର ଶ୍ରୀବଳଦେବଜୀଉ ମନ୍ଦିର ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ସେବାୟତ ପ୍ରହ୍ଲାଦ ପାଣିଙ୍କ ସ୍ତ୍ରୀ ଶାନ୍ତିଲତା ପାଣିଙ୍କ ଦ୍ୱାଦଶାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମା'ଙ୍କ ଉଚ୍ଚତା ସ୍ୱର୍ଗଠାରୁ ଉଚ୍ଚ। ତାଙ୍କ ସହିତ କେହି ତୁଳନୀୟ ନୁହନ୍ତି ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପ୍ରଶାସନିକ ଅଧିକାରୀ ଶାନ୍ତନୁ ନାୟକ, ପ୍ରଗତିବାଦୀର ମୁଖ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ,ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ, ଅଧ୍ୟାପକ ଅଜୟ ରାଉତ, ଜିଲା ଯୁବବିଜେଡି ସଭାପତି ରାଜେଶ ଦାସ,ସମବାୟବିତ୍ ପ୍ରମୋଦ ସାହୁ, ଅବସରପ୍ରାପ୍ତ ପ୍ରଶାସକ ଗୋପେନ୍ଦ୍ର ମହାନ୍ତି, ଧରଣୀଧର ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନମୋହନ ଜେନା, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଡାକ୍ତର ନିରଞ୍ଜନ କର, ଡ଼ାକ୍ତର ହିମାଂଶୁ ଭୂଷଣ ଷଡ଼ଙ୍ଗୀ କବି ବିଜନ ରାୟ,ଭାଜପା ନେତା ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ଶାନ୍ତିଲତାଙ୍କ ସ୍ମୃତି ଚାରଣ କରିଥିଲେ।

# ଆଞ୍ଚଳିକ ବାଲୁବିଶି ଚକଲାର ସାଧାରଣ ଅଧିବେଶନ




ସାଧାରଣ ଅଧିବେଶନରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ପାଟକୁରା,୧୭।୧୧(ରବିନ୍ଦ୍ରନାଥ ବାରିକ)

ନିଖିଳ ଉତ୍କଳ ପାଟରା ସମିତି ପାଟବୈଶ୍ୟ ମହାସଭା,ପୁରୀର ଆଞ୍ଚଳିକ ବାଲୁବିଶି ଚକଲାର ସାଧାରଣ ଅଧିବେଶନ ଗରଦପୁର ବ୍ଲକ ତେଣ୍ଡାକୁ ପଞ୍ଚାୟତ ଆଳିଜଙ୍ଗା ଥାନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁବିଶି ଚକଲାର ସଭାପତି ଦିନବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାସଭାର ସଭାପତି ରୁଦ୍ର ନାରାୟଣ ପୃଷ୍ଟି, ଉପସଭାପତି ଆଲୋକ ଚନ୍ଦ୍ର ସାହୁ, ସମ୍ପାଦକ ଦିବାକର ସାହୁ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଅସୁରେଶ୍ୱର ଚକଲାର ସଭାପତି ନୃସିଂହ ପାତ୍ର, ସମ୍ପାଦକ ପ୍ରଫୁଲ୍ଲ ନାୟକ, ବାଲୁବିଶି ଚକଲାର ଥାନପତି, ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ଚକଲା ପ୍ରତିନିଧି ଯୋଗ ଦେଇଥିଲେ। ବାଲୁବିଶି ଚକଲାର ସମ୍ପାଦକ ଆଲୋକ ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଆଳିଜଙ୍ଗା ଥାନପତି ଶ୍ରୀକାନ୍ତ ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଳିଜଙ୍ଗା ଥାନର ଦଶଘର ଭାଇ ସୁବାସ ସେନାପତି, ଶିବ ପ୍ରସାଦ ବୈଶାଖ, ଦୀପକ ସେନାପତି, ଚନ୍ଦ୍ରକାନ୍ତ ସେନାପତି, ଦେବପ୍ରସାଦ ବୈଶାଖ, ଅକ୍ଷୟ ସେନାପତି ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଳିଜଙ୍ଗା ଥାନର ବୟୋଜ୍ୟେଷ୍ଠ ମୁରବୀ ବାବାଜୀ ସେନାପତିଙ୍କୁ ମହାସଭାର ସଭାପତି ରୁଦ୍ରନାରାୟଣ ପୃଷ୍ଟି ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ବାଲୁବିଶି ଚକଲାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିନବନ୍ଧୁ ସାହୁ ସଭାପତି, କରୁଣାକର କବି ଉପସଭାପତି, ଅଭିରାମ ଷେଣ୍ଟେ ସମ୍ପାଦକ, ଗୋପାଳ ସାହୁ ସହ ସମ୍ପାଦକ, ଅନ୍ତର୍ଯ୍ୟାମୀ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଆଳିଜଙ୍ଗା ଥାନପତି ଶ୍ରୀକାନ୍ତ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀ ବସ୍ କଣ୍ଡକ୍ଟରଙ୍କୁ ବଳାତ୍କାର ଅଭିଯୋଗ

ମହାକାଳପଡ଼ା, ୧୭।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ଥାନା ଜମ୍ବୁ-ମାର୍ଶାଘାଇ କେନାଲ ଜଗନ୍ନାଥ ମନ୍ଦିର ସମ୍ମୁଖ ସରକାରୀ ବସ୍‌ଷ୍ଟାଣ୍ଡରେ ଜଣେ ମହିଳା କଣ୍ଡକ୍ଟରଙ୍କୁ ଉପରିସ୍ଥ କର୍ମଚାରୀ ଅସଦାଚରଣ କରିଥିବା ଶନିବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ବସ୍‌ଷ୍ଟାଣ୍ଡ ଇନ୍‌ଚାର୍ଜ ଦିବ୍ୟଜ୍ୟୋତି ନାୟକ(୩୦)ଙ୍କ ବିରୋଧରେ ଏହି ଅଭିଯୋଗ ଆସିଛି। ଅଭିଯୋଗକାରୀ ଲକ୍ଷ୍ମୀ ବସ୍ କଣ୍ଡକ୍ଟର ଭାବେ କାମ କରୁଛନ୍ତି। ବସ୍‌ଷ୍ଟାଣ୍ଡ ଇନ୍‌ଚାର୍ଜ ନାୟକ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ବୋଲି ଥାନା ଅଧିକାରୀ ଧିରଜ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ମହାକାଳପଡ଼ା ଥାନା ପୋଲିସ ଏକ ମାମଲା(ନଂ.୨୩୦/୨୪) ରୁଜୁ କରି ତଦନ୍ତ ଚଳାଇଛି। ଦିବ୍ୟଜ୍ୟୋତିଙ୍କ ଘର କୁଦାନଗରୀ ଥାନା ଅଞ୍ଚଳରେ ହୋଇଥିବା ବେଳେ ମହିଳା କଣ୍ଡକ୍ଟରଙ୍କ ଘର କେନ୍ଦ୍ରାପଡ଼ା ଥାନା ଗରାପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି।

# ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀବିଜ୍ଞାନ ଆଲୁମ୍‌ନି ବୈଠକ

ପଟ୍ଟାମୁଣ୍ଡାଇ, ୧୭।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ଆଲମୁନି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ପ୍ରାଣୀ ବିଜ୍ଞାନ କକ୍ଷରେ ଆୟୋଜିତ ଆଲମୁନି ବୈଠକରେ ପୁରାତନ ଛାତ୍ର ସ୍ମୃତି ରଞ୍ଜନ ବେହେରା, ଶିକ୍ଷକନେତା ନିର୍ମଳ ଜେନା, ହେମନ୍ତ ନାୟକ, ଚିନ୍ମୟ ପାତ୍ର,ନିଗମ ବେହେରା, ଅମରେଶ ପରିଡା, ପ୍ରବୀର ସେଠୀ, ଆୟୁଷ୍ମାନ ରଥ ସତ୍ୟବ୍ରତ ସେଠୀ, ଛାତ୍ରୀ ସ୍ୱୀକୃତି ରାଉତ, ନିରୁପମା ବେହେରା , ପ୍ରିନ୍ସ ପ୍ରିୟା ଭୂୟାଁ, ମୋନାଲିସା ନାୟକ, ସୁକନ୍ୟା ପାତ୍ର, ରାଜଲକ୍ଷ୍ମୀ ନାୟକ, ସୌଜନ୍ୟା ଦାସ ପ୍ରମୁଖ ବହୁ ପୁରାତନ ଓ ନୂତନ ଛାତ୍ରୀଛାତ୍ର ଯୋଗ ଦେଇ କଲେଜ ଜୀବନର ସ୍ମୃତି ଚାରଣ କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ସ୍ୱାଗତଭାଷଣ ଦେଇ ଆଲମୁନିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ଅଧ୍ୟାପକ ସୁଶାନ୍ତ ରାଉତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ଓ ଶେଷରେ ଡେମନଷ୍ଟ୍ରେଟର ଗଣେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।




ଆଲୁମ୍‌ନି ବୈଠକରେ ପୁରାତନ ଛାତ୍ରୀଛାତ୍ର।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ରାଜନଗର,୧୭।୧୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ପୌରୋହିତ୍ୟ ଓ ସମ୍ପାଦକ ବିଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କର୍ମଚାରୀ ନଟବର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ବିଭିନ୍ନ ମୌଳିକ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ




ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା।

ଅନିଲ କୁମାର ବଳ, ସତ୍ୟବାଦୀ ଜେନା, ଉପେନ୍ଦ୍ର କୁମାର ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଗଣେଶ୍ୱର ନାୟକ, ସୁରେନ୍ଦ୍ର କୁମାର ପ୍ରଧାନ, ଅଭିରାମ ସାହୁ, କପିଳାସ ବଳ, ସୁରେନ୍ଦ୍ର ବଳ, ସର୍ବେଶ୍ୱର ମହାନ୍ତି, କ୍ଷୀରୋଦ କୁମାର ରାଉତ, ଘନଶ୍ୟାମ ବଳ, ରବିନ୍ଦ୍ର କୁମାର ମହାନ୍ତି, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ କୈଳାସ ରାଉତ ଧନ୍ୟବାଦ ଦେଇଥିଲେ।

# କେନାଲ ନାହିଁ, ଜଳକର ଦାବିକୁ ବିରୋଧ

କେନ୍ଦ୍ରାପଡ଼ା,୧୭।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ତହସିଲ ଅନ୍ତର୍ଗତ ଦୋବନ୍ଧା, ସୋବଳା, ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନପୁର, ନୀଳକଣ୍ଠପୁର, ତମାଳଶାସନ, ଅରୁଆ, କେଶପୁର ଅଞ୍ଚଳରେ ଥିବା ଜମିକୁ ଏପର୍ଯ୍ୟନ୍ତ କେନାଲ ନାହିଁ। ତେବେ ରାଜସ୍ୱ ବିଭାଗ ଏହି ଅଞ୍ଚଳର ଅଧିବାସୀଙ୍କୁ ଜଳକର ଦାବି କରୁଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହିତ କେନାଲ ଖନନ ଅଥବା ଜଳକର ଉଚ୍ଛେଦ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସାହୁ, ପାରେଶ୍ୱର ସାମଲ, ଛତିଶ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା ପ୍ରମୁଖ କହିଛନ୍ତି, ଏହି ମାମଲାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଏକ ଚାଷୀ ଆନ୍ଦୋଳନ ହେବ। ଦୀର୍ଘଦିନ ହେବ ରାଜସ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳର କ୍ଷେତକୁ ଜଳକର ଦେବା ପାଇଁ କରଧାର୍ଯ୍ୟ ହୋଇଛି। ଏହାକୁ ନେଇ ଆପତ୍ତି ଉଠିବା ପରେ ୧୯୯୭ ଜୁଲାଇ ୨୨ରେ ଚିଠି ନଂ. ୩୩୨୮୪ରେ ଜିଲାପାଳ ତଦନ୍ତ କରିବା ପାଇଁ ସୁପାରିଶ ହୋଇଥିଲା। ସେହିବର୍ଷ ଅଗଷ୍ଟ ୪ରେ ତତ୍କାଳୀନ ଜିଲାପାଳ ଚିଠି ନଂ. ୯୩୫୪ରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏନେଇ ପ୍ରକୃତ ଯାଞ୍ଚ ନ କରିବାରୁ ୧୯୯୮ ମସିହାରେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହି ଅଦାଲତ ପକ୍ଷରୁ କ୍ଷେତକୁ ଜଳସେଚନ ନ କରିବା ପର୍ଯ୍ୟନ୍ତ ଜଳକର ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେବେ ଠାରୁ ଗ୍ରାମବାସୀ କେବଳ ଭୂମିକର ଦେଇ ଆସୁଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ ସମୟରେ ରାଜସ୍ୱ ବିଭାଗ ବକେୟା ଜଳକର ଦାବି କରୁଛନ୍ତି। ଜଳକର ନ ଦେଲେ ଜାତି ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଉନାହିଁ। ଯାହା ଅନ୍ୟାୟ ଅଟେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ ହେବ। ତୁରନ୍ତ ଏନେଇ ରାଜସ୍ୱ ବିଭାଗ ତଦନ୍ତ କରି ଆବଶ୍ୟକୀୟ ପ୍ରମାଣପତ୍ର ଯୋଗାଇବା ବ୍ୟବସ୍ଥା କରିବ। ଏଥିସହ ଜଳସେଚନ ସମସ୍ୟା ଦୂର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉପଜିଲାପାଳ ପ୍ରଧାନ ମତ ଦେଇଛନ୍ତି।

**ସଂକ୍ଷେପରେ**

## ବିଦ୍ୟୁତ୍ ତାର ଚୋରି

ହିଞ୍ଜିଳିକାଟୁ,୧୭।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଅଞ୍ଚଳରେ ଓଡିଏସ୍ଏସ୍ପି-୪ ଯୋଜନାରେ ଗଣ୍ଡଲା ଗ୍ରାମରୁ ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟୁତ୍‌ତାର ସଂଯୋଗ କାର୍ଯ୍ୟ ଚାଲିଛି। କାର୍ଯ୍ୟ ନିର୍ମାଣାଧୀନ ଥିବାବେଳେ ପ୍ରାୟ ୩.୬ କିମି ଲମ୍ବ ତାରକୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟ କରୁଥିବା ଲେସର ପାୱାର ଆଣ୍ଡ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଅଧିକାରୀ ଲକ୍ଷ୍ମୀଧର ଦାଶ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୯୩୬/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କର ଓଡିଏସ୍ଏସ୍ପି-୪ ଯୋଜନାରେ ଗଣ୍ଡଲା ଗ୍ରାମର ୩୩/୧୧ କେଭି ସବ୍‌ଷ୍ଟେସନରୁ ଶାସନ ଆମ୍ବ ଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟୁତ୍‌ତାର ଟଣାଯାଇଥିଲା। ଗତ ୧୦ ତାରିଖରେ ନିମିଗାଁ ନିକଟରୁ ପ୍ରାୟ ୭ଶହ ମିଟର ତାର ଚୋରି ହୋଇଥିଲା। ପୁଣି ଥରେ ପ୍ରାୟ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଚୋରା ବନ୍ଧୁକ ଜବତ, ଜଣେ ଗିରଫ

ଦଶପଲ୍ଲା,୧୭।୧୧
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ଅଞ୍ଚଳରେ ପୋଲିସ ପକ୍ଷରୁ ଶନିବାର ରାତିରେ ଚଢାଉ କରାଯାଇ ଏକ ଚୋରା ବନ୍ଧୁକ ଜବତ କରାଯାଇଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ମହେନ୍ଦ୍ର ପ୍ରଧାନ(୫୮) । ସେ ବନ୍ଧୁକ ନେଇ ଯାଉଥିବାର ଖବର ପାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା ।ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ମାମଲା(ନଂ. ୨୭୮ /୨୪) ରୁଜୁ ହୋଇଛି । ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନୀତା ସାହୁ କହିଛନ୍ତି ।

## ଓୟୁଜେର ବାର୍ଷିକ ସମ୍ମିଳନୀ

### ଆଚାର୍ଯ୍ୟ ବିଶ୍ୱରଞ୍ଜନ ସଭାପତି, ପ୍ରଶାନ୍ତ ଜେନା ସମ୍ପାଦକ

ନୟାଗଡ଼,୧୭।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) ଦ୍ୱିବାର୍ଷିକ ସମ୍ମିଳନୀ ଓ ଛାଡଖାଇ ଭେଟଭାଟ ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସାଙ୍ଗଠନିକ ନିର୍ବାଚନ ଉପଦେଷ୍ଟା ସଞ୍ଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ସମ୍ମିଳନୀରେ ପରିବର୍ତ୍ତନଶୀଳ ଗଣମାଧ୍ୟମ ରୂପ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ବକ୍ତା ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ,ପୁରୀ ଏମ୍‌ପିଙ୍କ ପ୍ରତିନିଧି ଭାବେ ବରିଷ୍ଠ ଆଇନଜୀବି ପ୍ରିୟବ୍ରତ ପ୍ରହରାଜ, ରାଜ୍ୟ ଓୟୁଜେ ସମ୍ପାଦକ ପ୍ରସନ୍ନ ପାଇକରାୟ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଓୟୁଜେ ସମ୍ପାଦକ ଗୋପାଳ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଓୟୁଜେର ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଓୟୁଜେ ପର୍ଯ୍ୟବେକ୍ଷକ ଭାବେ ପ୍ରଶନ୍ନ ପାଇକରାୟ ଯୋଗ ଦେଇଥିଲେ। ଉପଦେଷ୍ଟା ସଞ୍ଜୟ ସ୍ୱାଇଁ ନୂତନ କର୍ମକର୍ତ୍ତା ଭାବେ ରାଜ୍ୟକୁ ରିପୋର୍ଟ ପ୍ରଦାନ କରିଥିଲେ। ଉପଦେଷ୍ଟା ଭାବେ ସଞ୍ଜୟ ସ୍ୱାଇଁ, ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନ,ଉପ ସଭାପତି ଆଲୋକ ସେନାପତି,ବ୍ରଜ ରଣସିଂହ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଜେନା, ସମ୍ପାଦକ ଦିନମଣି ମହାନ୍ତି ଓ ଆଲୋକ ମହାରଣା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ବିରଞ୍ଚି ନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋପାଳ ଚନ୍ଦ୍ର ବିଶ୍ୱାଳ,ସାଙ୍ଗଠନିକ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ,ଲିଜା କର, ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ୨୦ରୁ ଘରୋଇ ବସ୍ ଧର୍ମଘଟ

ପୁରୁଷୋତ୍ତମପୁର,୧୭।୧୧(ସିମାଞ୍ଚଳ ମିଶ୍ର)



ବୈଠକକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବସ୍ ମାଲିକମାନେ।

- ଲକ୍ଷ୍ମୀବସ୍‌ର ମନମୁଖିକୁ ବିରୋଧ
- ଘରୋଇ ବସ୍ ମାଲିକ ସଂଘର ଆନ୍ଦୋଳନ ଡାକରା

ଲକ୍ଷ୍ମୀବସ୍ ମନୋମୁଖୀ ଭାବେ ଚଳାଚଳ କରୁଛି। ଏଥିପାଇଁ ଘରୋଇ ବସ୍ ଚଳାଚଳ କ୍ଷତିଗ୍ରସ୍ତ ହେଉଛଇ। ଏହାର ପ୍ରତିବାଦ କରିଛନ୍ତି ଘରୋଇ ବସ୍ ମାଲିକ ସଂଘ। ଆସନ୍ତା ୨୦ ତାରିଖରୁ ଗଞ୍ଜାମ ଜିଲାରେ ବସ୍ ଚଳାଚଳ ବନ୍ଦ ପାଇଁ ସଂଘ ଡାକରା ଦେଇଛି। ପୁରୁଷୋତ୍ତମପୁର ମା' କନକେଶ୍ୱରୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ଘରୋଇ ବସ୍ ମାଲିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଏଥିରେ ସଂଘ ସଭାପତି ସନ୍ତୋଷ ପତି ଅଧ୍ୟକ୍ଷତା କରିଥିଲେ। ବେନିୟମ ଭାବେ ଲକ୍ଷ୍ମୀ ବସ୍ (ଏବେ ମୁଖ୍ୟମନ୍ତ୍ରୀ ବସ ସେବା) ଜିଲାର ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଛି। ଫଳରେ ଘରୋଇ ବସ୍ ମାଲିକମାନେ କ୍ଷତି ସହିବା ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ଅଭିଯୋଗ କରିଛି। ଏହା ବିରୋଧରେ ଆସନ୍ତା ୨୦ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ଘରୋଇ ବସ୍ ଧର୍ମଘଟ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଆବଶ୍ୟକ ହେଲେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସମାଲିକମାନେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବସ୍ ମାଲିକମାନେ ଅଭିଯୋଗ କରିଛନ୍ତି ଯେ, ଲକ୍ଷୀ ବସ୍ କୌଣସି ନୀତି ନିୟମ ଅନୁସାରେ ଚଳାଚଳ କରୁନି। ସବୁ ଗାଡିମୋଟର ଚଳାଚଳ କରିବା ସକାଶେ ପରିବହନ ବିଭାଗର ନିୟମାନୁଯାୟୀ ଏକ ନିର୍ଦ୍ଦିଷ୍ଟ ସମୟ, ରୁଟ୍ ରହିଥିବା ବେଳେ ଲକ୍ଷ୍ମୀ ବସ୍ କୌଣସି ସମୟ, ରୁଟ୍ ଅନୁସାରେ ଚଳାଚଳ କରୁନାହିଁ। ପଞ୍ଚାୟତ ହେଡକ୍ୱାଟର ଠାରୁ ବ୍ଲକ ହେଡକ୍ୱାଟରକୁ ଲକ୍ଷ୍ମୀବସ ଚଳାଚଳର ନିୟମ ଥିବା ବେଳେ ତାହାକୁ ଉଲ୍ଲଂଘନ କରି ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଏହି ବସ୍ ଚଳାଚଳ କରୁଛି। ଗ୍ରାମାଞ୍ଚଳ ଲୋକଙ୍କୁ ବସ୍ ସେବା ଯୋଗାଇଦେବା ଓ ଶୃଙ୍ଖଳାର ସହ ଉଭୟ ଲକ୍ଷ୍ମୀ ବସ୍ ଓ ଘରୋଇ ବସ୍ ଯେପରି ଚଳାଚଳ କରିବ ସେଥିଲାଗି ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନାକ୍ରମେ ହୋଇଥିବା ନିଷ୍ପତ୍ତି ଓ ନିର୍ଦ୍ଧାରଣ ହୋଇଥିବା ରୁଟ୍, ସମୟ ସାରଣୀର ନିୟମକୁ ଲକ୍ଷ୍ମୀ ବସ୍ କର୍ମଚାରୀ ମାନୁନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି। ଲକ୍ଷ୍ମୀବସ୍ ପରିଚାଳନା ଲାଗି ବ୍ଲକ ସ୍ତରରେ ରହିଥିବା କର୍ମଚାରୀ ସରକାର ଓ ପ୍ରଶାସନର ନାମ ନେଇ ଘରୋଇବସ୍ କର୍ମଚାରୀ ଓ ମାଲିକଙ୍କୁ ଦୁର୍ବ୍ୟବହାର କରିବା ସହ ପୋଲିସ କେସ୍‌ର ଧମକ ଦେଉଛନ୍ତି। ଏନେଇ ବାରମ୍ବାର ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଏଣୁ ଲକ୍ଷ୍ମୀ ବସର ଏପରି ମନୋମୁଖୀ କାର୍ଯ୍ୟ ବନ୍ଦ ନ ହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ଘରୋଇ ବସ୍ ମାଲିକ ସଂଘ ନିଷ୍ପତ୍ତି ନେଇଛି। ବୈଠକରେ ସଂଘ ସଂପାଦକ ଶରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଦର୍ଶନ ପ୍ରଧାନଙ୍କ ସହ ପୁରୁଷୋତ୍ତମପୁର, କୋଦଳା, ପୋଲସରା, ହିଞ୍ଜିଳି, ଶେରଗଡ, ହୁମ୍ମା, ଆସିକା, ବେଗୁନିଆପଡା, ଛତ୍ରପୁର, ସୋରଡା, ବ୍ରହ୍ମପୁର, ବୁଗୁଡା ଅଞ୍ଚଳର ବହୁ ବସ୍ ମାଲିକମାନେ ଉପସ୍ଥିତ ଥିଲେ।

## ଲଡୁବାବା ମନ୍ଦିରରେ ଯମଦ୍ୱିତୀୟା ଯାତ୍ରା

ଶରଣକୁଳ,୧୭।୧୧ (ଦୀପକ କର)

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳର ଲଡୁବାବା ମନ୍ଦିରରେ ଯମ ଦିତୀୟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀର ଗୋଟେ ଦିନପରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଦ୍ୱିତୀୟାରେ ଯମ ଦ୍ୱିତୀୟା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ମହାପ୍ରଭୁଙ୍କ ବିଜେ ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ନଗର ପରିକ୍ରମାରେ ଯାଇ ଚାଳିମଣ୍ଡପରେ ଚାଳିଭୋଗ ଲାଗିହୋଇଥାନ୍ତି। ରବିବାର ଶରଣକୁଳ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ୫୦ଟି ସଂକୀର୍ତ୍ତନ ଦଳ ଆସି ମହାପ୍ରଭୁଙ୍କ ବେଢ଼ାରେ ସଂକୀର୍ତ୍ତନ କରିଥିଲେ। ରବିବାର ସକାଳେ ଦୀପ ଲାଗିବା ପରେ ମହାପ୍ରଭୁଙ୍କ ଅବକାଶ ନୀତି ହୋଇ ସକାଳ ଧୂପ ହେବାପରେ ବାବାଙ୍କ କ୍ଷୀରାଭିଷେକ ହୋଇଥିଲା। ପରେ ଉଖୁଡ଼ା, ଗୋପାଳ, ଖୁରୁମା, କୋରା, ଖଇ, ତାଡିଆ, ଅମୃିକା, ନଡ଼ିଆ ଭୋଗ ଲାଗି ହୋଇଥିଲା । ଶ୍ରଦ୍ଧାଳୁଙ୍କ ଗହଳରେ ମହାପ୍ରଭୁ ମନ୍ଦିର ବେଢାରେ ୩ଥର ବେଢା ପରିକ୍ରମା କରିଥିଲେ । ନଗର ପରିକ୍ରମାରେ ବାହାରିଥିବା ଠାକୁରଙ୍କୁ ଚାଳିଭୋଗ ଲାଗିହୋଇଥିଲା। ଶେଷରେ ମନ୍ଦିର ବେଢାରେ ଯମଦ୍ୱିତୀୟା ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଙ୍କ ତତ୍ତ୍ୱାବଧାନରେ ଯାତ୍ରା ଦାୟିତ୍ୱରେ ଥିବା ସୁରେଶ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାର ଧକ୍କାରେ ୩ ଗୁରୁତର

ଓଡ଼ଗାଁ,୧୭।୧୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଭଞ୍ଜନଗର ରାସ୍ତାର ଗୋଡ଼ିପଲ୍ଲୀ ଛକ ନିକଟରେ କାର(ନଂ ଓଡି ୩୩ ଏଏନ ୪୫୫୦) ଧକ୍କାରେ ବାଇକ୍(ନଂ. ଓଡି ୨୫ ଇ ୪୩୫୭) ଚାଳକ, ତାଙ୍କ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି । ସେମାନେ ହେଲେ ସୁନାମୁହିଁ ଗ୍ରାମର ଗୌରହରି ପ୍ରଧାନ (୪୦), ସ୍ତ୍ରୀ ସୁକାନ୍ତି ପ୍ରଧାନ ଓ ଝିଅଙ୍କୁ ପ୍ରଥମେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ନୟାଗଡ଼ ଓ ସେଠାରୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଛି। ଗୌରହରି ରବିବାର ସକାଳେ ସ୍ତ୍ରୀ ପିଲାଙ୍କୁ ନେଇ ମଗରବନ୍ଧ ଶଶୁର ଘର ଗାଆଁକୁ ଯାଉଥିବା ବେଳେ ସକାଳ ପ୍ରାୟ ୧୦ଟା ବେଳେ ଗୋଡ଼ିପଲ୍ଲୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ତାଙ୍କ ବାଇକ୍ ସହିତ କାର ୬ ଫୁଟର ଖାଲ ଧାନ ଜମିକୁ ଖସିପଡିଥିଲା । ଓଡ଼ଗାଁ ପୋଲିସ ଗୁରୁତରମାନଙ୍କୁ ଡ଼ାକ୍ତରଖାନା ପଠାଇଛି ।

## କେନ୍ଦୁଘାଟି ବୁଲାଣିରେ ଟ୍ରାଭେଲର ଓଲଟି ଜଣେ ମୃତ,୬ ଆହତ

ମୋହନା,୧୭।୧୧(ମନ୍ମଥ ମିଶ୍ର)



ମୋହନା ଥାନା ଲିଲିଗଡ଼ ଅନ୍ତର୍ଗତ କେନ୍ଦୁଘାଟିର ଏକ ଡାହାଣ ପାର୍ଶ୍ୱ ବୁଲାଣିରେ ରବିବାର ଏକ ଟ୍ରାଭେଲର ଗାଡ଼ି ଓଲଟପଡିଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ନୟାଗଡ଼ ଥାନା ଅନ୍ତର୍ଗତ ଚାହାଲି ଗ୍ରାମର ସରୋଜିନୀ ବେହେରା। ଦୁଇ ଗୁରୁତର ଶାନ୍ତିଲତା ବେହେରା, ନିରଞ୍ଜନ ବେହେରାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଅନିତା ସାହୁ କହିଛନ୍ତି।

ଖବରରୁ ଜଣାପଡିଛି, ଭୁବନେଶ୍ୱରରୁ କୋରାପୁଟ ଜିଲା ଗୁପ୍ତେଶ୍ୱର ମନ୍ଦିରକୁ ତିନୋଟି ପରିବାରର ୧୪ ଜଣ ଟ୍ରାଭେଲର(ଓଡ଼ି୦୨ସିଏକ୍ସ-୩୭୧୦ )ରେ ଯାଉଥିଲେ। ଡ୍ରାଇଭରଙ୍କ ଦ୍ରୁତ ଗତି ଯୋଗୁ ଭୋର ପ୍ରାୟ ୪ଟାରେ କେନ୍ଦୁଘାଟିର ଏକ ବୁଲାଣିରେ ଟ୍ରାଭେଲରଟି ଓଲଟି ପଡି ଏହି ଦୁର୍ଘଟଣା ଘଟିଛି ବୋଲି ଯାତ୍ରୀମାନେ କହିଛନ୍ତି। ପରିବାର ପକ୍ଷରୁ ଗଣେଶ୍ୱର ବେହେରା ମୋହନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ. ୨୧୫/୨୪ରେ ଏକ ମାମଲା ରୁଜୁ ହୋଇଛି। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଭେଲରକୁ ଜବତ କରିଛି। ସରୋଜିନୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ପ୍ରେସ୍ ଦିବସ ପାଳିତ

ଆସିକା/ମୋହନା,୧୭।୧୧
(ସୁରେନ୍ଦ୍ର ନାଥ ସାହୁ/ମନ୍ମଥ ମିଶ୍ର)

ଆସିକାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଆସିକା ସାମ୍ବାଦିକ ସଂଘ ପକ୍ଷରୁ ହରିହର ପାଢୀଙ୍କ ଆବାହକତ୍ୱରେ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସରୋଜ ପାଢୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ବିଡିଓ ସାଗରିକା ଷଡଙ୍ଗୀ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଅଶ୍ୱିନୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଆସିକା ପ୍ରେସ୍ କ୍ଲବ ଓ ଆସିକା ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ମଧ୍ୟ ଏହି ଦିବସ ପାଳିତ ହୋଇଛି। ସେହିପରି ଗଜପତି ଜିଲା ମୋହନା ଜର୍ନାଲିଷ୍ଟ ୟୁନିୟନ ସଭାପତି ଅଶ୍ୱିନୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ଉପସଭାପତି ମନ୍ମଥ ମିଶ୍ର, ସମ୍ପାଦକ ମିହିର ଜ୍ୟୋତି, ସହ ସମ୍ପାଦକ ପିଣ୍ଟୁ ପ୍ରଧାନ, କୋଷାଧ୍ୟକ୍ଷ ମୁକ୍ତିମଣ୍ଡପ ଦଣ୍ଡସେନା, ସାଙ୍ଗଠନିକ ସମ୍ପାଦକ ପ୍ରେମାନନ୍ଦ ପୂଜାରୀ, ଆଇନ ପରାମର୍ଶଦାତା ତଥା ମୋହନା ଜେଏମଏଫସି ବାର ଆସୋସିଏସନ ସଭାପତି ସନ୍ତୋଷ ପାଢ଼ୀଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଏହି ଦିବସର ତାପର୍ଯ୍ୟ ଉପରେ ଆଲୋଚନା କରି ବର୍ତ୍ତମାନ ଗଣମାଧ୍ୟମର ଭୂମିକା, କର୍ତ୍ତବ୍ୟ ଓ ଦାୟିତ୍ୱବୋଧତା ଉପରେ ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ। ଖବରଦାତା ସୁବିତ ନାୟକ, ସୋନି ବେହେରା, ସମାଜିକ କର୍ମୀ ଜିତେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ପ୍ରେସ୍ ଦିବସରେ ଖବରଦାତା ସମ୍ବର୍ଦ୍ଧିତ

ଖଣ୍ଡପଡା,୧୭।୧୧
(ଅଜୟ କୁମାର ମହାରଣା)

ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅନୁଗୋଳ ଜିଲା ଅଧୀନ ତାଳଚେରଠାରେ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଅଧୀନ ଖଣ୍ଡପଡ଼ା ବ୍ଲକ୍‌ର ବରିଷ୍ଠ ଖବରଦାତା ଭବାନୀଶଙ୍କର ସିଂହସାମନ୍ତଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବରିଷ୍ଠ ଖବରଦାତା ଭବାନୀ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ କ୍ରିୟାନୁଷ୍ଠାନ କମିଟି ବୈଠକ



ଛତ୍ରପୁର, ୧୭।୧୧(ସନ୍ତୋଷ ପାଢ଼ୀ )

ଛତ୍ରପୁର ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ଜିଲା ନିର୍ମାଣ ଶ୍ରମିକ ସଂଘ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସେଣ୍ଟ୍ରାଲ ଓ ଆଞ୍ଚଳିକ ଟ୍ରେଡ ୟୁନିୟନର ପ୍ରତିନିଧିମାନେ ଯୋଗ ଦେଇ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ସହାୟତା କାର୍ଡ ଅନୁମୋଦନରେ ହେଉଥିବା ସମସ୍ୟା ନେଇ ଆଲୋଚନା କରିଥିଲେ। ଏଥିସହ ସମସ୍ତ ପ୍ରତିନିଧିମାନଙ୍କ ସର୍ବ ସମ୍ମତି କ୍ରମେ ଆଇଏନଟିୟୁସିର ଶ୍ରମିକ ନେତା ଇଜୁ ଆମିନ ଖାନଙ୍କୁ ଗଞ୍ଜାମ ଜିଲା ନିର୍ମାଣ ଶ୍ରମିକ ସଂଘ କ୍ରିୟାନୁଷ୍ଠାନ କମିଟିର ସଭାପତି ରୁପେ ଦାୟିତ୍ୱ ଦିଆଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ରୁପେ ଶ୍ରମିକ ନେତା ରାଜେନ୍ଦ୍ର ଦାସ (ଏଚଏମଏସ), ପ୍ରଶାନ୍ତ ପାଟ୍ଟଯୋଶୀ (ଏଆଇଟିୟୁସି), ପ୍ରବିଣ କୁମାର ଦାସ (ଏଆଇଟିୟୁସି), ଶଙ୍କର ସାହୁ, ରମେଶ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ବିଭିନ୍ନ ଟ୍ରେଡ ୟୁନିୟନର ସଭାପତି ସଂପାଦକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବିଜୟ ମୁଦୁଲି , ରବିନ୍ଦ୍ର କୁମାର ବେହେରା, ଲକ୍ଷ୍ମୀପ୍ରିୟା ବେହେରା, କାଳୁ ଚରଣ ନାୟକ, ହେମଲତା ନାୟକ, ପ୍ରତାପ ନାୟକ, ଜଗନ୍ନାଥ ପ୍ରଧାନ, ଶଙ୍କର ବେହେରା, ଅଭିମନ୍ୟୁ ନାୟକ, ରଘୁନାଥ ରେଡି , ମିନତି ପାତ୍ର, ପ୍ରିତମ ପଟ୍ଟନାୟକ, ଲୋକନାଥ ତ୍ରିପାଠୀ , ଶିବ ବେହେରା , ମମତା ନାୟକ, ସିମାଞ୍ଚଳ ନାହାକ ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ ।

## ଭକ୍ତି ସଙ୍ଗୀତ ପ୍ରତିଯୋଗୀତା

ଖଣ୍ଡପଡ଼ା,୧୭।୧୧
(ଅଜୟ କୁମାର ମହାରଣା)

ସଙ୍ଗୀତଧାରା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭକ୍ତି ସଂଗୀତ ପ୍ରତିଯୋଗୀତା ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗୀତଧାରା ଅନୁଷ୍ଠାନର ସଭାପତି ଡ଼.ବିଜୟ କୁମାର ଚୌଧୁରୀ, ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ରଥ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବ କଣ୍ଠଶିଳ୍ପୀମାନେ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଂଗୀତ ପରିବେଷଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ଗୁରୁ ପ୍ରଭାତ ଦାଶ, କଣ୍ଠଶିଳ୍ପୀ ଅଧ୍ୟାପକ ଡ଼. ଆଶୁତୋଷ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ସେମିଫାଇନାଲ୍ ପର୍ଯ୍ୟାୟ ପାଇଁ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରିଥିଲେ। ବିଚାରକମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ କଣ୍ଠଶିଳ୍ପୀ ଅଦିତି ତ୍ରିପାଠୀ, ସ୍ୱୟଂଶ୍ରୀ ନନ୍ଦ, ପ୍ରଦ୍ୟୁମ୍ନ ରଞ୍ଜନ ସାହୁ, ବର୍ଷାରାଣୀ ପ୍ରଧାନ ପ୍ରମୁଖ ସେମିଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସଂଗୀତଧାରାର ସଂଯୋଜକ ଲକ୍ଷ୍ମୀଧର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବ୍ଲକ୍‌ସ୍ତରୀୟ ପ୍ରତିଯୋଗୀତା ଶେଷ ପରେ ଭକ୍ତି ସଂଗୀତ ପ୍ରତିଯୋଗୀତାର ଫାଇନାଲ୍ ରାଉଣ୍ଡ ନୟାଗଡ଼ଠାରେ ଆଗାମୀ ଦିନରେ ଅନୁଷ୍ଠିତ ହେବ । ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଣ୍ଠଶିଳ୍ପୀଙ୍କୁ ଚଳିତ ବର୍ଷ ସଂଗୀତ କଲ୍ଲୋଳ ଉପାଧି ସହ ନଗଦ୍ ୧୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ବାବଦରେ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ପ୍ରମୋଦ ପଟ୍ଟନାୟକ କହିଛନ୍ତି ।

## ଟାଟା ଏସି ଓ ବାଇକ ମୁହାଁମୁହିଁ ଧକ୍କା

ନୟାଗଡ଼,୧୭।୧୧(ଲୋକନାଥ ମିଶ୍ର)

### ଜଣେ ମୃତ, ଅନ୍ୟ ବାଇକ ଆରୋହୀ ଗୁରୁତର

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୂଆ ବସଷ୍ଟାଣ୍ଡ ନିକଟରେ ରବିବାର ସନ୍ଧ୍ୟାରେ ଓ ନୟାଗଡ ସଦର ଥାନାର କିରିଆଲାଞ୍ଜିଠାରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ନୂଆବସଷ୍ଟାଣ୍ଡ ନିକଟରେ ଟାଟା ଏସି ଓ ବାଇକ ଦୁର୍ଘଟଣା ଘଟି ବାଇକ୍ ଚାଳକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଶ୍ରୀଧର ପ୍ରଧାନ(୩୦)। ଘର ଶରଣକୁଳ ଥାନାର ପଦ୍ମାଦେଇପୁର ଗାଁରେ। ନୟାଗଡ଼ରୁ ଦଶପଲ୍ଲା ଦିଗକୁ ଓଡି୦୨ ଟି ୫୦୮୨ପିକଅପ ଭ୍ୟାନ ଯାଉଥିବାବେଳେ ପଦ୍ମାଦେଇପୁର ଗାଁ ର ଶ୍ରୀଧର ପ୍ରଧାନ ବାଇକ ଯୋଗେ ନୂଆ ବସଷ୍ଟାଣ୍ଡରୁ ନିଜ ଘରକୁ ଫେରୁଥିଲେ। ନୂଆ ବସଷ୍ଟାଣ୍ଡ ନିକଟରେ ଉଭୟ ପରସ୍ପର ମୁହାଁମୁହିଁ ଧକ୍କା ହୋଇଥିଲେ। ଦୁର୍ଘଟଣା ପରେ ଟାଟା ଏସିର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ଦୁଇ ଗାଡିକୁ ଜବତ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେହିପରି ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର କିରିଆଲାଞ୍ଜି ବ୍ରିଜ ନିକଟରେ ରବିବାର ଅପରାହ୍ନରେ କାର ସହ ବାଇକ ଦୁର୍ଘଟଣା ହୋଇଛି। ଏଥିରେ ନୂଆଗାଁ ଥାନା,ରଗଡିମଡାର ଗାଁର ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ବାଇକ ଚାଳକଙ୍କ ନାମ ଜଣାପଡିନି। ଓଡି ୩୩ ୩୫୩୬ ନଂ କାର କନ୍ଧମାଳକୁ ଖୋର୍ଦ୍ଧା ଆସୁଥିଲା। ନୟାଗଡ଼ରୁ ବାଇକ ଯୋଗେ କିରିଆଲାଞ୍ଜିର ବାଇକ ଚାଳକ ଫେରୁଥିଲେ। ଦୁର୍ଘଟଣା ପରେ ନୟାଗଡ ସଦର ଥାନା ପୋଲିସ କାର ଓ ବାଇକ ଜବତ କରିଛି। କାର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ଏକ ମାମଲା (ନଂ.୨୧୭/୨୪)ରୁଜୁ କରି ତଦନ୍ତ କରୁଛି।

## କେ. ଆର୍ଯ୍ୟପଲ୍ଲୀ ଗ୍ରାମରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୧୭।୧୧ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ କେ. ଆର୍ଯ୍ୟପଲ୍ଲୀ ଗ୍ରାମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସନ୍ତୋଷ ବେହେରା ଓ ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ସମ୍ବର୍ଦ୍ଧନା ଅବସରରେ କେ. ଆର୍ଯ୍ୟପଲ୍ଲୀର ବହୁ ଗ୍ରାମବାସୀ ଭାଜପାରେ ସାମିଲ ହୋଇଥିଲେ। ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ବିକାଶ ଓ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ନାୟକଙ୍କ ସହ ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଜିଲା ସମ୍ପାଦକ ପଦ୍ମ ଚରଣ ସାହୁ, କେ. ଏଲେୟା, ଦଳର ଲିଗାଲ ସେଲ୍ ଆବାହକ ପ୍ରଦୀପ ପାଢ଼ୀ, ଯୁବନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ମହିଳା ଶ୍ରମିକ ସଂଘର ସଭାପତି, ସମ୍ପାଦକ, ମଣ୍ଡଳ ସଭାପତି ଏନ୍. ଦୀନବନ୍ଧୁ, ପି.ରାମବାବୁ, ପ୍ରଫୁଲ ପଣ୍ଡା, ପାର୍ବତୀ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୩୮୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ପାରଳାଖେମୁଣ୍ଡି,୧୭।୧୧(ଗିରିଧାରୀ ପରିଛା)

ଆର୍.ଉଦୟଗିରି ପୋଲିସ କଙ୍କଡାହାଡ଼ ଠାରୁ ତୁମନ ଗ୍ରାମ ମଝିରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ୨ଟି ବାଇକ୍ ଓ ଗୋଟିଏ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲେ। ବୋଲେରୋର ଖାନତଲାସୀ ବେଳେ ସେଥିରୁ ୩ କୁଇଣ୍ଟାଲ ୮୭ କେଜି ଗଞ୍ଜେଇ ମିଳିଥିଲା। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାହାକୁ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆର୍. ଉଦୟଗିରି ବ୍ଲକ ଟିକାମାଲା ଗ୍ରାମର ମନୁଆଲ ଆନନ୍ଦା ଓ ଆସମନ ଆନନ୍ଦା । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆବଶ୍ୟକସ୍ଥଳେ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯାଇ ତଦନ୍ତ କରାଯିବ। ଫେରାର ଥିବା ଅନ୍ୟ ଜଣକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

## ୨୫ ବର୍ଷ ପରେ ଖୋଲିଲା ପାଠାଗାର

ଦିଗପହଣ୍ଡି,୧୭।୧୧(ଅଶେଷ ନାଥ ମିଶ୍ର)



ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ୧୯୪୬ରେ ସ୍ଥାପିତ ରାଧାନାଥ ପାଠାଗାର ପରିଚାଳନାଗତ ଅବ୍ୟବସ୍ଥାରୁ ବହୁବର୍ଷ ଧରି ବନ୍ଦ ରହିଥିଲା। ଏପରିକି ପାଠାଗାର କୋଠା ମଧ୍ୟ ଭାଙ୍ଗି ଯାଇଥିଲା। ପାଠାଗାର ବନ୍ଦ ହେବାର ପ୍ରାୟ ୨୫ ବର୍ଷ ପରେ ଗ୍ରାମର ଯୁବକ ସଂଘର ଉଦ୍ୟମକ୍ରମେ ଶନିବାର ଏହାକୁ ପୁଣି କାର୍ଯ୍ୟକ୍ଷମ କରାଯାଇଛି। ମରାମତି ହୋଇଥିବା କୋଠାକୁ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ସାମାଜିକ କର୍ମୀ ଏମ.କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠାଗାର କୋଠାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ସଭ୍ୟା ଏମ. ସୁନୀତା ରେଡ୍ଡୀ, ପ୍ରଧାନଶିକ୍ଷକ ଡ. ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଟି.ରାମାରାଓ,ସୁଶାନ୍ତ କୁମାର ସେଠୀ, ଅରୁଣ କୁମାର ପ୍ରଧାନ ଏବଂ ଏମ୍. ବୁଦ୍ଧ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଜାନି, ଶିବ ସାହୁ, ତ୍ରିପତି ପାତ୍ରଙ୍କ ସହ ଗ୍ରାମର ଯୁବକ ସଂଘ କାର୍ଯ୍ୟକର୍ତ୍ତା ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପୂର୍ବତନ ସରପଞ୍ଚ ସ୍ୱର୍ଗତ ବି.କ୍ରିଷ୍ଣା ରାଓଙ୍କ ଉଦ୍ୟମରେ ୨୦୨୦ରେ ପାଠାଗାର କୋଠା ମରାମତି କରାଯାଇଥିଲା। ତାଙ୍କୁ ଆଧୁନିକରଣ କରିବା ସହ ସେଠାରେ ଏକ ପାଠାଗାର ଜନ ପ୍ରକୃତ ପ୍ରତିଷ୍ଠା କରାଯାଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା।

# ବୁଣାକାର ସମିତିରେ ଆର୍ଥିକ ଅନିୟମିତତା

**ରସୁଲପୁର, ୧୭।୧୧ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ୍ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁରେ ୨ କ୍ଲଷ୍ଟର ଅଧୀନରେ ୧୮ ବୁଣାକାର ସମିତି କାର୍ଯ୍ୟ କରୁଛି। ସେଥି ମଧ୍ୟରୁ ମା' ତାରିଣୀ ଓ ଶ୍ରୀବିଷ୍ଣୁ ତନ୍ତୁବାୟ ସମିତିରେ ଆର୍ଥିକ ଅନିୟମିତତା ହୋଇଛି ବୋଲି ବୁଣାକାର ରବୀନ୍ଦ୍ର ଗୁଇଁ ଅଭିଯୋଗ କରିଛନ୍ତି। ଏନେଇ ବୁଣାକାରମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ବୁଣାକାରଙ୍କ ସ୍ୱାର୍ଥକୁ ହାନି ପହଞ୍ଚାଇବା ପାଇଁ କେତେଜଣ ବ୍ୟକ୍ତି ଚକ୍ରାନ୍ତ କରି ଏଭଳି କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଉଛି। ଏଭଳି କରାଗଲେ ବୁଣାକାର ପରିବାର ପ୍ରତି ପ୍ରଶାସନ ଅଣଦେଖା କରିବା ସହ ଆଗକୁ ବୁଣାକାର ଉଦ୍ଦେଶ୍ୟରେ ଆସୁଥିବା ସୁବିଧା ସୁଯୋଗ ବନ୍ଦ ହୋଇଯିବ ବୋଲି ବୁଣାକାର ଆଶଙ୍କା କରୁଛନ୍ତି। ବ୍ୟକ୍ତିଗତ ଶତ୍ରୁତାକୁ ନେଇ ବୁଣାକାରଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବା ଭଳି କାର୍ଯ୍ୟ କରା ନ ଯାଉ ବୋଲି ସେମାନେ କହିଛନ୍ତି। ଅନିୟମିତତା ହୋଇଥିଲେ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମାତ୍ର ମିଥ୍ୟା କଥାକୁ ନେଇ ଗୋପାଳପୁରକୁ ବଦନାମ କରା ନ ଯାଉ ବୋଲି ବୁଣାକାରମାନେ ମତ ଦେଇଛନ୍ତି। ଏହାଛଡ଼ା ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଦୃଢ଼ ବିରୋଧ

## ବିରୋଧ କରିବାକୁ ମେଳି ବାନ୍ଧୁଛନ୍ତି ବୁଣାକାର

କରିବାକୁ ବୁଣାକାର ମେଳି ବାନ୍ଧିବା ଆରମ୍ଭ କଲେଣି।

ରବୀନ୍ଦ୍ରଙ୍କ ଅଭିଯୋଗରୁ ଜଣାଯାଏ ୨ ସମବାୟ ସମିତିରେ ପୋହି(ପିଏଚଓଆଇ) ଯୋଜନାରେ ଆର୍ଥିକ ଅନିୟମିତତା ହୋଇଛି। ସେହି ଯୋଜନାରେ ଆର୍‌ଏମ୍‌ବି( ରଅ ମାଟ୍ରିଆଲ ବ୍ୟାଙ୍କ)କୁ ବୁଣାକାରମାନଙ୍କ ସୂତା କାରବାର ପାଇଁ ଆସିଥିବା ଅର୍ଥ ତୋଷାରପାତ ହୋଇଛି। ଏହି ଯୋଜନା ଜରିଆରେ ବୁଣାକାରଙ୍କୁ କୁଶଳୀ ହେବା ପାଇଁ ତାଲିମ ପ୍ରଦାନ କରାଯାଇଥାଏ। ତାଲିମପ୍ରାପ୍ତ ବୁଣାକାରଙ୍କୁ ଷ୍ଟାଇପେଣ୍ଡ ବାବଦରେ ଅର୍ଥରାଶି ସେମାନଙ୍କ ଜମାଖାତାକୁ ପ୍ରଦାନ କରାଯାଏ। ବୁଣାକାର ସାମଗ୍ରୀ ଭାବରେ ତନ୍ତ ଓ ଅନ୍ୟ ବୁଣାବୁଣି ସାମଗ୍ରୀ ପ୍ରଦାନ କରାଯାଏ। ରିହାତି ଦରରେ ସୂତା ପ୍ରଦାନ କରାଯାଇଥାଏ। ଏସବୁ କାର୍ଯ୍ୟରେ ସ୍ୱଚ୍ଛତା ନ ଥିବା ଓ ଆର୍ଥିକ ଅନିୟମିତତା ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗକୁ ନେଇ କଟକ ବୟନ ମଣ୍ଡଳ ପକ୍ଷରୁ ଅନୁଧ୍ୟାନ ଜାରି ରହିଛି। ମଣ୍ଡଳ ପକ୍ଷରୁ ପ୍ରାଥମିକ ତଦନ୍ତବେଳେ



ଅଭିଯୋଗ ପଛରେ ସତ୍ୟତା ନାହିଁ ବରଂ ପାରିବାରିକ ଶତ୍ରୁତା କାରଣରୁ ଏଭଳି ହୋଇଥିବା ଜଣାପଡିଛି। ଅଭିଯୋଗକାରୀ ମା' ତାରିଣୀ ତନ୍ତୁବାୟ ସମିତିର ରକ୍ତ ସମ୍ପର୍କୀୟ ବୋଲି ସୂଚନା ମିଳିଛି। ତେବେ ବ୍ୟକ୍ତିଗତ ଶତ୍ରୁତାକୁ ସମିତି ସହ ଯୋଡ଼ାଗଲେ ବୁଣାକାରଙ୍କ କ୍ଷତି ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ବୁଣାକାର ଅବଗତ ହେବା ପରେ ହସ୍ତତନ୍ତ ଓ ବୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଭେଟି ଆଲୋଚନା କରିବେ ବୋଲି କହିଛନ୍ତି।

ଅଭିଯୋଗ ସମ୍ପର୍କରେ ମା' ତାରିଣୀ ତନ୍ତୁବାୟ ସମିତିର ସଦସ୍ୟ ଅଶୋକ କୁମାର ଗୁଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗର କୌଣସି ସତ୍ୟତା ନାହିଁ। ବୁଣାକାରଙ୍କ ସହାୟତା ସେମାନଙ୍କ ଜମାଖାତାକୁ ଯାଇଥାଏ। କାହାର ଟଙ୍କା କେହି ନେଇପାରିବେ ନାହିଁ। ସେ ସମସ୍ତ ତଦନ୍ତକୁ ଆହ୍ୱାନ କରୁଛନ୍ତି ବୋଲି ମତ ଦେଇଛନ୍ତି। ଶ୍ରୀବିଷ୍ଣୁ ତନ୍ତୁବାୟ ସମିତି ସଭାପତି ରମେଶ ଦାସଙ୍କୁ ପଚାରିବାରୁ ଅଭିଯୋଗକାରୀ କେଉଁ ତଥ୍ୟ ଆଧାରରେ ଅଭିଯୋଗ କରିଛନ୍ତି ବୋଲି ସେ ପ୍ରଶ୍ନ କରିବା ସହ ଅନିୟମିତତା ନେଇ ଅଭିଯୋଗକାରୀଙ୍କ ପାଖରେ ତଥ୍ୟ ଥିଲେ ତୁରନ୍ତ ଗଣମାଧ୍ୟମ ନିକଟରେ ଉପସ୍ଥାପନ କରନ୍ତୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗୋପାଳପୁର ଗାଁରେ ୨ କ୍ଲଷ୍ଟର କାର୍ଯ୍ୟ କରୁଛି। ଗୋଟିଏ କ୍ଲଷ୍ଟର ଅଧୀନରେ ଥିବା ୨ ସମିତି ନାଁରେ ଅଭିଯୋଗ ଆସୁଛି। ଅନ୍ୟ କ୍ଲଷ୍ଟର ଓ ସମିତି ଅଧୀନରେ କାହିଁକି ଅଭିଯୋଗ କରାଯାଉ ନାହିଁ ବୋଲି ସେ କହିବା ସହ ଏଥିରୁ ଅଭିଯୋଗକାରୀଙ୍କ ଉଦ୍ଦେଶ୍ୟରେ ସ୍ୱଚ୍ଛତା ନ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ପ୍ରକାଶ କରିଛନ୍ତି। କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି କହିଛନ୍ତି, ରବୀନ୍ଦ୍ରଙ୍କ ଅଭିଯୋଗ ତାଙ୍କର ହସ୍ତଗତ ହୋଇଛି। ତାହାକୁ ନେଇ ସେ ଅନୁଧ୍ୟାନ ଜାରି ରଖିଛନ୍ତି। ତେବେ ନିଜ ଭିତରେ ଗୋଡ଼ଟଣାଟଣି ନୀତି ଆପଣେଇଲେ ଆସନ୍ତା ଦିନରେ ସମୂହ ବୁଣାକାରଙ୍କ କ୍ଷତିହେବ। ଗୋପାଳପୁର ଗାଁରେ ବୁଣାକାରଙ୍କ ପାଇଁ ବିଭାଗ ମୁକ୍ତହସ୍ତରେ କାର୍ଯ୍ୟ କରିବାରେ ବାଧା ଉପୁଜିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।

# ୨୨୦ ବର୍ଷରେ କର୍ଣ୍ଣଦାଣ୍ଡିର କାର୍ତ୍ତିକେଶ୍ୱର ପୂଜା



ମଙ୍ଗଳପୁର ପଞ୍ଚାୟତସ୍ଥ କର୍ଣ୍ଣଦାଣ୍ଡି ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା କରାଯାଉଛି।

**ଝୁମ୍ପୁରୀ, ୧୭।୧୧ (ସରୋଜ ନାୟକ):**

ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥ କର୍ଣ୍ଣଦାଣ୍ଡି ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଶନିବାର ରାତି ୯ଟାରେ କଳସ ଶୋଭାଯାତ୍ରା ପରେ କାର୍ତ୍ତିକେଶ୍ୱରଙ୍କ ପୁଷ୍କରିଣୀରେ କଳସ ବୁଡ଼ା ଯାଇଥିଲା। ଏହାପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମୃଣ୍ମୟ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଥିବାବେଳେ ପୂଜାମଣ୍ଡପକୁ ବିଭିନ୍ନ ଆଲୋକ ମାଳାରେ ସଜାଯାଇଛି। ପୂଜାରେ ଗ୍ରାମର ମନ୍ମଥ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଜୟନ୍ତୀ ପଣ୍ଡା ସଂକଳ୍ପ କରିଥିବାବେଳେ ପୂଜକ ଗୋବର୍ଦ୍ଧନ ମହାପାତ୍ର ଏବଂ ଦିନେଶ ପଣ୍ଡା ପୂଜା କାର୍ଯ୍ୟ କରୁଛନ୍ତି। ବିଦେଶରେ ଥିବା ଯୁବତୀଯୁବକ ପୂଜା ପାଇଁ ଗାଁ ମୁହାଁ ହୋଇଥିବାବେଳେ ଝିଅ ଝିଆଣିଙ୍କ ଭିଡ଼ରେ ଗ୍ରାମ ଉତ୍ସବମୁଖର ହୋଇ ଉଠିଛି। ଚଳିତ ବର୍ଷ ଏହି ପୂଜା ୨୨୦ ବର୍ଷରେ ପଦାର୍ପଣ କରିଛି। ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। କାର୍ତ୍ତିକେଶ୍ୱରଙ୍କ ନିକଟରେ ଭକ୍ତଙ୍କ ଲାଗି ଦୁଇ ବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଦର୍ଶନ ପାଇଁ ପାଖ ପଡ଼ୋଶୀ ଗ୍ରାମର ସହସହ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପୂଜା ମଣ୍ଡପ ନିକଟରେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୨୨ରୁ ୨୪ ତାରିଖ ୩ ଦିନ ଧରି ଯାତ୍ରା ପରିବେଷଣ କରାଯିବ ବୋଲି ବାବା କାର୍ତ୍ତିକେଶ୍ୱର ପୂଜା କମିଟି ସଭାପତି ଦାମୋଦର ରାଉତ ଓ ସମ୍ପାଦକ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ସେହିପରି ପୂଜା ମଣ୍ଡପ ନିକଟରେ ବିଭିନ୍ନ ଉଠା ଦୋକାନୀଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବାରମଜା, ମଥୁରା କେକ ପୂଜାରେ ବିଶେଷ ଆକର୍ଷଣ ସାଜିଛି। ୨୪ ତାରିଖରେ ବିସର୍ଜନ ଓ ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଡିସେମ୍ବର ୧ରେ କୋରେଇ ଉନ୍ନୟନ ପରିଷଦର ବାର୍ଷିକୋତ୍ସବ

**ପାଣିକୋଇଲି, ୧୭।୧୧ (ବିକାଶ ମଲ୍ଲିକ):**

କୋରେଇ ବ୍ଲକର ଅଗ୍ରଣୀ ସାମାଜିକ ସଙ୍ଗଠନ କୋରେଇ ଉନ୍ନୟନ ପରିଷଦର ଦ୍ୱିତୀୟ ବାର୍ଷିକୋତ୍ସବ ଡିସେମ୍ବର ୧ ତାରିଖରେ ଶଙ୍ଖଚିଲାସ୍ଥିତ ମା' ହିଙ୍ଗୁଳାଙ୍କ ମନ୍ଦିର ପରିସର ମଣ୍ଡପରେ ପାଳନ କରାଯିବ। ଏନେଇ ପରିଷଦ ସଭାପତି ଶ୍ରୀଧର କୁମାର ଦାସଙ୍କ ସଭାପତିତ୍ୱରେ ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସମ୍ପାଦକ ଆଲୋକ କୁମାର ଦାସ ବାର୍ଷିକୋତ୍ସବ ନିମନ୍ତେ ପରିଷଦ ତରଫରୁ ନିଆଯାଇଥିବା କାର୍ଯ୍ୟପନ୍ଥା ପଠନ କରିବା ସହିତ ମଞ୍ଚର ସମସ୍ତ ସଦସ୍ୟଙ୍କ ପରାମର୍ଶ ଓ ସହଯୋଗ ଲୋଡ଼ିଥିଲେ। ପରିଷଦର ଉପଦେଷ୍ଟା ନୃସିଂହ ଚରଣ ଦଳାଇ, ଗୋକୁଳାନନ୍ଦ ମହାପାତ୍ର, ଗଣେଶ ମଲ୍ଲିକ, ଗୋକୁଳାନନ୍ଦ ମହାରଣା, ସୁରେନ୍ଦ୍ର କୁମାର ସେଠୀ, ସତ୍ୟରଞ୍ଜନ ସ୍ୱାଇଁ ଓ ଅମୂଲ୍ୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସଦସ୍ୟ ତାରିଣୀ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ କୋରେଇ ଉନ୍ନୟନ ପରିଷଦର କର୍ମକର୍ତ୍ତା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅକ୍ଷୟ



@ ବିକାଶ



@ ମହେଶ



@ ମଞ୍ଜୁ



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଲପାଳରେ କାର୍ତ୍ତିକେଶ୍ୱର ପୂଜା



**ବିଞ୍ଝାରପୁର, ୧୭।୧୧ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ବେଲପାଳ ଗ୍ରାମରେ ଶନିବାର ସନ୍ଧ୍ୟାରୁ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ବାବାଙ୍କ କଳସ ପୂଜା, ପ୍ରାଣ ପ୍ରତିଷ୍ଠା ପରେ ରବିବାର ପ୍ରତ୍ୟୁଷରୁ ଷୋଡ଼ଷ ଉପଚାର ପୂଜା ସହ ହୋମଯଜ୍ଞ, ବେଦ ପାଠ କରାଯାଇଛି। ଏହି ପୂଜା ଉତ୍ସବ ୮ଦିନ ବ୍ୟାପୀ ହେବାକୁ ଥିଲାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନସନ୍ଧ୍ୟା, ପାଲାପରିବେଷଣ ହେବବୋଲି ପୂଜା କମିଟି ସଭାପତି ବାଙ୍କ ବିହାରୀ ସାହୁ ସୂଚନା ଦେଇଛନ୍ତି। ପୂଜା କାର୍ଯ୍ୟକୁ ପୂଜା କମିଟି ସଦସ୍ୟ ପ୍ରକାଶ ସାହୁ, ଅଭିମନ୍ୟୁ ବେହେରା, ଦୁଃଶାସନ ବେହେରା ଓ ମନୋଜ ସାମଲ ପ୍ରମୁଖ ପରିଚାଳନା କରୁଛନ୍ତି।

# ଭାଗବତ ଅନୁଷ୍ଠାନର ସମ୍ବର୍ଦ୍ଧନା ସମାରୋହ

**ସିଂହପୁର, ୧୭।୧୧ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅଧୀନ ରାହାସ ଗୁହାଳି ଗ୍ରାମ କୀର୍ତ୍ତନମଣ୍ଡଳୀର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଭାଗବତ ଅନୁଷ୍ଠାନର ସଭ୍ୟମାନଙ୍କ ଦ୍ୱାରା କୀର୍ତ୍ତନ ମଣ୍ଡଳୀ ସଭ୍ୟ ତପନ ବେହେରା, କୈଳାସ ଚନ୍ଦ୍ର ସାମଲ, ସୁରେଶ ଚନ୍ଦ୍ର ସାମଲ, ବିନୋଦ ବିହାରୀ ସାମଲ, ବିଶ୍ୱନାଥ ରାଉତ, ପ୍ରଦୀପ ସାମଲ, ଘନଶ୍ୟାମ ଦାସ ଓ ରବୀନ୍ଦ୍ର ପଲାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଭାଗବତ ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଜସୁନ୍ଦର ସାମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ସାମଲ, ବିଷ୍ଣୁଚରଣ ସାମଲ, ପ୍ରମୋଦ ସାମଲ, ସର୍ବେଶ୍ୱର ସାମଲ, ପ୍ରହ୍ଲାଦ ସାମଲ, ଗୋବିନ୍ଦ ସାମଲ, ପୀତାମ୍ବର ଦାସ, ଧନେଶ୍ୱର ଦାସ ଓ ନିରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତଥିଲେ।



# ରାଜ୍ୟସ୍ତରୀୟ କ୍ରିକେଟ୍: ଖୋର୍ଦ୍ଧା କୁମାରବସ୍ତ୍ର ଚାମ୍ପିୟନ

**ଚଣ୍ଡିଖୋଲ/ଛତିଆ, ୧୭।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ):**

ଯାଜପୁର ଜିଲା ଛତିଆସ୍ଥିତ ଅମରାବତୀ ଖେଳ ପଡ଼ିଆରେ ୧୦ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଇନାଲ ଖେଳରେ ଭୁବନେଶର ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ହରାଇ ଖୋର୍ଦ୍ଧା କୁମାରବସ୍ତ୍ର କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। ଛତିଆ ପାଟଣା କ୍ରିକେଟ କ୍ଲବ ଅନୁକୂଲ୍ୟରେ ୪ର୍ଥ ମନ୍ମଥ ଓ ଗିରିଧାରୀ ମେମୋରିଆଲ କ୍ରିକେଟ ଖେଳ ଗତ ୭ ତାରିଖରୁ ଆରମ୍ଭ ହେଇଥିଲା। ଫାଇନାଲ ମ୍ୟାଚରେ ପ୍ରଥମେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ୨୦ ଓଭର ଖେଳି ୬ ଉଇକେଟ ହରାଇ ୨୦୬ ରନ କରିଥିଲା। ଜବାବରେ ଖୋର୍ଦ୍ଧା କୁମାର ବସ୍ତ୍ର ଟିମ ୧୭ ଓଭର ୩ଟି ବଲରେ ମାତ୍ର ୨ ଉଇକେଟ ହରାଇ ମ୍ୟାଚ ଜିତିଥିଲା।

ଉଦ୍‌ଯାପନୀ ସମାରୋହ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ




ବିଧାୟକ ଅମର କୁମାର ନାୟକ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଛତିଆରେ ଥିବା ୨ ଖେଳପଡ଼ିଆର ଉନ୍ନତିକରଣ କରାଯାଇ ପ୍ରତ୍ୟେକ ଖେଳାଳିଙ୍କ ଭିତ୍ତିଭୂମିର ବିକାଶ କରାଯିବ ବୋଲି କହିଥିଲେ। ବିକାଶ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟ ଦୀପକ କୁମାର ସାହୁ, ସୌମ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ସମୀର କୁମାର ରାଉତ ଓ ପୂର୍ବତନ ସରପଞ୍ଚ ନୀଳମଣି ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିକ୍ରମ କେଶରୀ ସାମଲ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ନିର୍ବିଶଙ୍କର ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବୋଲର ଭାବରେ ଆଇଏସ ଗିରି ଓ ବେଷ୍ଟ କ୍ୟାଚ ନିର୍ବିଶଙ୍କର ବାରିକଙ୍କୁ ମନୋନୀତ କରାଯାଇଥିଲା। ବେଷ୍ଟ କମେଣ୍ଟେଟର ଭାବେ ପ୍ରହ୍ଲାଦ ସାହୁ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ ଉଦ୍‌ଘାଟନୀ ସମାରୋହ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଓ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଖେଳ ପରିଚାଳନାରେ କ୍ଲବ୍‌ର ହୃଷୀକେଶ ନାଥ, ଗିରିଜା ଶଙ୍କର ଷେଣ୍ଟେ, ଭବାନୀ ଶଙ୍କର ଷେଣ୍ଟେ, ସୌମ୍ୟ ରଞ୍ଜନ ସାହୁ, ବ୍ରହ୍ମାନନ୍ଦ ନାୟକ, ଉମେଶ ଚନ୍ଦ୍ର ପାତ୍ର ଓ ନରେନ୍ଦ୍ର ବିଶାଳ ପ୍ରମୁଖ ସହଯୋଗ କରିଥିଲେ।

# କ୍ଷତିପୂରଣ ଦାବିରେ ଅଠରବାଙ୍କୀ ମୁଖ୍ୟ ଫାଟକ ୭ ଘଣ୍ଟା ବନ୍ଦ

## ଟ୍ରକ୍ ଧକ୍କାରେ ମାଛ ବ୍ୟବସାୟୀ ମୃତ

ପାରାଦୀପ,୧୭।୧୧(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କୀ ମୁଖ୍ୟ ଗେଟ ପାଖରେ ରବିବାର ପ୍ରାତଃ ୫ଟା୩୦ରେ ଦୁର୍ଘଟଣା ଘଟିଛି। ଜଣେ ମାଛ ବ୍ୟବସାୟୀ ଅଠରବାଙ୍କୀ ବାଲିପ୍ଲଟ ମାଛ ଗଦିରୁ ମାଛ ନେଇ ସାଇକେଲରେ ଗଲାବେଳେ ଏକ ଟ୍ରକ୍ (ଓଡି-୦୫-ଏପି-୬୬୬୭)ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବାଲିଝରା ବସ୍ତିର ମହେନ୍ଦ୍ର ଜେନା (୫୬)। ସେ ବସ୍ତି ଅଞ୍ଚଳରେ ସାଇକେଲରେ ବୁଲି ମାଛ ବ୍ୟବସାୟ କରନ୍ତି। କାର୍ତ୍ତିକ ମାସ ଯୋଗୁ ମାସେ ହେବ ବ୍ୟବସାୟ ବନ୍ଦ ଥିଲା। ରବିବାର ଛାଡ଼ଖାଇ ଥିବାରୁ ସେ ରାତି ୩ଟାରୁ ଉଠି ବାଲିପ୍ଲଟରୁ ମାଛ ସଂଗ୍ରହ କରି ବାଲିଝରା ଅଭିମୁଖେ ଯାଉଥିଲେ। ଅଠରବାଙ୍କୀ ଗେଟ୍ ପାଖରେ ଏକ ଯାତ୍ରୀବାହୀ ବସ୍ ସେତେବେଳେ ଲୋକ ଉଠାଉ ଥିଲା। ବସ୍ ପାଖରେ ଅତିକ୍ରମ କରିବାବେଳେ ଡାହାଣ ପଟେ ଏକ ଟ୍ରକ୍ ପଶି ଯାଇଥିଲା। ସେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସେତେବେଳେ ଟ୍ରକ୍‌ର ପଛ ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବାଲିଝରା ଲୋକେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ଜିଲା ପ୍ରଶାସନ ପକ୍ଷରୁ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜଗତ୍‌ସିଂହପୁର ଏସପି ଭବାନୀଶଙ୍କର ଉଦ୍‌ଗାତା ପହଞ୍ଚି ଲୋକଙ୍କ ସହ ଆଲୋଚନା କରି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ପରେ ପାରାଦୀପ ଆଦର୍ଶ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ୍‌କୁ ଜବତ କରିଛି।

ସୂଚନାଯୋଗ୍ୟ,୧୯୯୯ରେ ମୃତ ମହେନ୍ଦ୍ରଙ୍କ ବଡ଼ଭାଇ ଯୋଗୀ ଜେନାଙ୍କ ସମାନ ଜାଗାରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଥିଲା। ଗୋଟିଏ ଜାଗାରେ ଦୁଇ ଭାଇଙ୍କ ସମାନ ଧରଣର ମୃତ୍ୟୁ ବାଲିଝରା ବସ୍ତିରେ ଚର୍ଚ୍ଚାର ବିଷୟ ପାଲଟିଛି।



କ୍ଷତିପୂରଣ ଦାବିରେ ବାଲିଝରା ବସ୍ତିଲୋକେ ମୃତଦେହ ରଖି ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ବର୍ଷର ଶିଶୁପୁତ୍ର ମୃତ

କୁଜଙ୍ଗ,୧୭।୧୧(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଗ୍ରାମରେ ପୋଖରୀରେ ବୁଡ଼ି ଯିବାରୁ ଜଣେ ଦୁଇ ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ପୋତାନଈ ପଞ୍ଚାୟତ ରେପୁର ଗ୍ରାମର ନିକୁଞ୍ଜ ବାରିକ ଓ ସ୍ତ୍ରୀ ସୁରମା ବାରିକଙ୍କ ସାନ ପୁଅ ଶୁଭାଶିଷ। ସୁରମାଙ୍କ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ୨ ପୁଅ ସହ କୁଜଙ୍ଗ ଥାନ ଅନ୍ତର୍ଗତ ଗୋପିଆକୁଦ ଗ୍ରାମରେ ଥିବା ଭଉଣୀ ଘରେ ରହୁଛନ୍ତି। ରବିବାର ଅପରାହ୍ନରେ ଶୁଭାଶିଷଙ୍କୁ ଘରବାଡ଼ିରେ ଶୌଚ କରାଇ ମଇଳା ଫୋପାଡ଼ିବାକୁ ସୁରମା କିଛି ଦୂର ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ଶୁଭାଶିଷ ପୋଖରୀରେ ପଡ଼ିଯାଇଥିଲେ। ମଇଳା ଫୋପାଡ଼ି ଫେରିବା ପରେ ପୁଅଙ୍କୁ ନ ପାଇ ସୁରମା ପୋଖରୀରେ ଖୋଜାଖୋଜି କରି ପୁଅକୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁଭାଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁଭାଶିଷଙ୍କ ବାପା ନିକୁଞ୍ଜ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାହିତ୍ୟିକ ଡ. ଶ୍ରୀରାମ ଦାଶଙ୍କ ଜୟନ୍ତୀ

ଜଗତ୍‌ସିଂହପୁର, ୧୭।୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂପୁର ଜିଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ତଥା ସୁବକ୍ତା ଡ. ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ଦାଶ ଓଡ଼ିଆ ଓ ଇଂଲିଶ୍‌। ଭାଷାରେ ଅନେକ ଗଳ୍ପ, ଉପନ୍ୟାସ, କବିତା ଓ ଜୀବନୀ ଆଦି ରଚନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପୁସ୍ତକ 'ୟୁରୋପରେ ମୋର ଅନୁଭୂତି' ରଚନା କରି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହି ଅବସରରେ କଲେଜ ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଓ ବରିଷ୍ଠ କର୍ମଚାରୀ ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜନଜାତିର ଉତ୍‌ଥାନ ପାଇଁ ବିର୍ସାମୁଣ୍ଡା ଭଗବାନ୍ ଥିଲେ

ପାରାଦୀପ,୧୭।୧୧(ଶରତ ରାଉତ)

ପାରାଦୀପ ମଧୁବନ ଅଞ୍ଚଳରେ ରବିବାର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଯାଇଛି। ଏଥିରେ ପାରାଦୀପର ବରିଷ୍ଠ ନାଗରିକ ରବୀନ୍ଦ୍ର ଦାସ, ଡେପୁଟି ସେକ୍ରେଟାରୀ ପାରାଉ ଟୁଡୁ, ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ଧୁନଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ବିର୍ସାମୁଣ୍ଡା ଅନୁସୂଚିତ ଜନଜାତିଙ୍କ ପାଇଁ ଭଗବାନ ଥିଲେ ବୋଲି ଟୁଡୁ କହିଥିଲେ।

# 'ଓଡ଼ିଆ ଅସ୍ମିତାର ବିଜୟ ହୋଇନି, ଅହଂକାର ପରାଜୟ ହୋଇଛି'

ନାଉଗାଁ,୧୭।୧୧(ସୁଧା ବେହୁରା)

ଓଡ଼ିଆ ଅସ୍ମିତାର ବିଜୟ ହୋଇନି, କିନ୍ତୁ ଅହଂକାରର ପରାଜୟ ହୋଇଛି। ଲୋକ ଅହଙ୍କାରୀକୁ ବିଦା କରିଛନ୍ତି। ଅସ୍ମିତା ଲାଗି ସମ୍ଭାବନା ଦେଖି ଲୋକେ ଭାଜପାକୁ କ୍ଷମତାକୁ ଆଣିଛନ୍ତି। ଏଥିପାଇଁ ଭାଜପାକୁ ବହୁ ପରିଶ୍ରମ କରିବାକୁ ପଡ଼ିବ। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ବିଜେଡିକୁ କଡ଼ା ସମାଲୋଚନା କରିବା ସହ ଭାଜପାକୁ ସତର୍କ ବାଣୀ ଶୁଣାଇଛନ୍ତି। ବିଜେଡି ନିଜ ଅହଙ୍କାର ପାଇଁ ହାରିଛି, ମାତ୍ର ଅସ୍ମିତା ପାଇଁ ଭାଜପା ଜିତି ନାହିଁ। ଅସ୍ମିତା ସମ୍ଭାବନାକୁ ନେଇ ରାଜ୍ୟବାସୀ ଭାଜପାକୁ ଜିତାଇଛନ୍ତି। ପାର୍ଟି ବଡ଼ ନୁହେଁ, ମାଟି ବଡ଼। ସମସ୍ତେ ଯତ୍ନବାନ ହୋଇ ମାଟି ପାଇଁ କାର୍ଯ୍ୟକଲେ ଜାତିର ବିକାଶ ସହ ସମାଜର ମଙ୍ଗଳ ହେବ ବୋଲି ସୌମ୍ୟରଞ୍ଜନ କହିଥିଲେ। ତାଙ୍କର ବୟାନ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ସରୋଜ ନାୟକ, ପ୍ରାଧ୍ୟାପକ ଲଳିତ କୁମାର ଲେଙ୍କା, ସାମାଜିକ କର୍ମୀ ନିରଞ୍ଜନ ବେହୁରା, ପୂର୍ବତନ ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ ସ୍ୱର୍ଗତ ଡାକ୍ତର ତ୍ରିଲୋଚନ ଜେନାଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯିବା ସହ ଗୌରହରୀ ସଂକୀର୍ତ୍ତନ ମଣ୍ଡଳ ସଦସ୍ୟ ରବୀନ୍ଦ୍ର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଷଦର ସଦସ୍ୟମାନେ ପରିଚାଳନା କରିଥିଲେ।

## ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ



ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।



ଶିଳ୍ପପତି ନବୀନ ଜିନ୍ଦଲ ରବିବାର ପାରାଦୀପ ବନ୍ଦର ଗସ୍ତ କରି ବ୍ୟବସାୟୀକ କାରବାରର ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି। (ଫଟୋ: ଶରତ ରାଉତ)

# ଝିଅ, ପୁଅ ସହ ଦଳିତ ମହିଳାଙ୍କୁ ହତ୍ୟା ଧମକ: ଥାନାରେ ମାମଲା

ନାଉଗାଁ,୧୭।୧୧(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ମହିଁଷାମୁଣ୍ଡା ଗ୍ରାମର ଜଣେ ଦଳିତ ମହିଳା ଓ ତାଙ୍କ ଝିଅ, ପୁଅଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦିଆଯାଇଛି। ଏ ନେଇ ନାଉଗାଁ ଥାନାରେ ଶନିବାର ଅଭିଯୋଗ ହୋଇଛି। ସେମାନେ ହେଲେ ଝୁନିଲତା ସେଠୀ ଓ ତାଙ୍କ ଝିଅ ପୁଅ। ଝୁନିଲତାଙ୍କ ଅଭିଯୋଗକୁ ଭିତ୍ତିକରି ରବିବାର ପୋଲିସ ମାମଲା (ନଂ. ୨୯୫/୨୪) ରୁଜୁ କରିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ କହିଛନ୍ତି।

ଝୁନିଲତାଙ୍କ ଅଭିଯୋଗ ମୁତାବକ, ତାଙ୍କ ନାବାଳିକା ଝିଅ, ପୁଅ ଓ ସମ୍ପର୍କୀୟ ନଣନ୍ଦ ଶନିବାର ନନ୍ଦିଗ୍ରାମସ୍ଥିତ ନନ୍ଦିକେଶ୍ୱର ପୀଠକୁ ପୂଜା କରିବାକୁ ଯାଇଥିଲେ। ମନ୍ଦିରରୁ ଫେରିବା ସମୟରେ ସେମାନେ ରାସ୍ତା ପାର୍ଶ୍ୱରେ ଥିବା ଏକ ପାଣିଟାଙ୍କି ନିକଟରେ କିଛି ସମୟ ପାଇଁ ଠିଆ ହୋଇଥିଲେ। ଏହି ସମୟରେ ଝିଅ ଓ ନଣନ୍ଦଙ୍କୁ ଉକ୍ତ ଗ୍ରାମର ମିଲୁ ପାଢ଼ୀ, ଶିକୁନା ମହାନ୍ତି, ଶାଲୁ ମହାନ୍ତିଙ୍କ ସମେତ ଅନ୍ୟ କେତେ ଜଣ ଅଟକାଇ ଟଣାଓଟରା କରିଥିଲେ। ଏହାକୁ ଝୁନିଲତାଙ୍କ ପୁଅ ବିରୋଧ କରିବାରୁ ଅଭିଯୁକ୍ତମାନେ ଝିଅ, ପୁଅ ଓ ନଣନ୍ଦଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପିଲାମାନେ ଭୟଭୀତ ହୋଇ ଘରେ ଆସି ଏହି ବିଷୟରେ ଜଣାଇବା ପରେ ଝୁନିଲତା ଓ ତାଙ୍କ ପଡ଼ୋଶୀ ନନ୍ଦିଗ୍ରାମକୁ ଯାଇ ଅଭିଯୁକ୍ତମାନଙ୍କ ମା'ବାପାଙ୍କୁ ଜଣାଇଥିଲେ। ଏହି ସମୟରେ ସେମାନେ ଜାତିଆଣ ଆକ୍ଷେପ କରି ହତ୍ୟା ଧମକ ଦେବାରୁ ଝୁନିଲତା ଥାନାରେ ଅଭିଯୋଗ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅକ୍ଷୟ



@ ବିକାଶ



@ ମହେଶ



@ ମଞ୍ଜୁ



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛାଡ଼ଖାଇରେ ଜମିଲା ଆମିଷ ବେପାର

ଜଗତ୍‌ସିଂହପୁର, ୧୭।୧୧
(ପ୍ରମୋଦ କୁମାର ନାୟକ)

କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଅର୍ଥାତ୍ ଗତ ୧୬ ତାରିଖରେ ଛାଡ଼ଖାଇ ପାଳନ ହେବା କଥା। ମାତ୍ର ଶନିବାର ସହ ସଂକ୍ରାନ୍ତି ହୋଇଥିବାରୁ ଲୋକେ ଛାଡ଼ଖାଇ କରିପାରି ନ ଥିଲେ। ରବିବାର ଧୁମଧାମରେ ଛାଡ଼ଖାଇ ପାଳନ କରିଛନ୍ତି। ଏନେଇ ସକାଳୁ ସ୍ଥାନୀୟ ସୋମନାଥ ହାଟ ନିକଟ ମାଛ ମାର୍କେଟ ସମେତ ଗାନ୍ଧୀ ଛକ ଓ ଅନ୍ୟ ସ୍ଥାନରେ ମାଛ, ଚିକେନ ଓ ଖାସି ମାଂସ କିଣିବା ପାଇଁ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ଚଳିତବର୍ଷ ବିଭିନ୍ନ ପ୍ରକାର ଦେଶୀ, ଆନ୍ଧ୍ର ଓ ସାମୁଦ୍ରିକ ମାଛ ମିଳିଥିଲା। ଚିଙ୍ଗୁଡ଼ି, କଙ୍କଡା ଓ ଗୁଣ୍ଡମାଛ ମଧ୍ୟ ମିଳିଥିଲା। ଦର ଅଧିକ ଥିଲେ ସୁଦ୍ଧା ଲୋକଙ୍କୁ ବାଧିଲା ଭଳି ବଢ଼ି ନ ଥିଲା। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ପ୍ରତିକ୍ରିୟାରେ କହିଛନ୍ତି ଅନ୍ୟ ଦିନ ପରି ରୋହି, ଭାକୁର ମିଳିବାରେ କୌଣସି ଅସୁବିଧା ନ ଥିଲା। କେବଳ ଦର ସାମାନ୍ୟ ଅଧିକ ଥିଲା। ଯେଉଁ ମାଛ କିଲୋଗ୍ରାମ ପ୍ରତି ଦର ୧୮୦ ଟଙ୍କା ଥିଲା ତାହା ୨୦୦ ଟଙ୍କାରେ ବିକ୍ରି ହେଉଥିଲା। ଦେଶୀ ରୋହି, ଭାକୁର ଦର କିନ୍ତୁ ୨୨୦ରୁ ୨୪୦ ଟଙ୍କା ଭିତରେ ଥିଲା। ଏହାବାଦ୍ ଜଳଙ୍ଗ, ମିରକାଳି, ଖଅଙ୍ଗା, ପାଣିଆଖିଆ, ସୁନାଚାନ୍ଦି ଓ ଚିଙ୍ଗୁଡ଼ି ମଧ୍ୟ ଆଶାଜନକ ମିଳିଥିଲା। ମାଛ ମାର୍କେଟ୍ ସମେତ ଚିକେନ କାଉଣ୍ଟର ଓ ଖାସି ମାଂସ ଦୋକାନରେ ମଧ୍ୟ ଭିଡ଼ ଜମିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଲୋକେ ଆମିଷ କିଣି ପରିବାରରେ ଖୁସି ମନାଇଥିବା ଜଣାପଡ଼ିଛି।



ଛାଡ଼ଖାଇ ପାଇଁ ମାଛ କିଣିବାକୁ ଜଗତ୍‌ସିଂହପୁର ସୋମନାଥ ମାଛ ମାର୍କେଟରେ ଲୋକଙ୍କ ଭିଡ଼।

# ଟ୍ରାଫିକ୍ ଜାମ୍‌ରେ ଫସିଲେ ଲୋକେ




ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।



ଷଣ୍ଢକୁଦ ସଂଯୋଗ କରୁଥିବା ଡମ୍ବଲାର ରାଡାର ପାଖ ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଛି।

ପାରାଦୀପ,୧୭।୧୧(ଶରତ ରାଉତ)

ପାରାଦୀପ ବତିଘର ପାଖ ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି। ଛୁଟିଦିନ ଥିବାରୁ ସନ୍ଧ୍ୟା ପରଠାରୁ ବାଲିଯାତ୍ରା ପଡ଼ିଆରେ ଅଧିକ ଗହଳି ହୋଇଛି। ଏହାର ସୁଯୋଗରେ ସାଇକେଲ୍ ଷ୍ଟାଣ୍ଡ ଲିଜ୍‌ଧାରୀମାନେ ଲୋକଙ୍କୁ ଶୋଷଣ କରୁଥିବା ନେଇ ଏକାଧିକ ଅଭିଯୋଗ ହେଲାଣି। ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଟେଣ୍ଡରରେ ସାଇକେଲ ୫ ଟଙ୍କା, ବାଇକ୍ ୨୦ ଟଙ୍କା, ୩ ଚକିଆ ୩୦ ଟଙ୍କା ଓ ୪ ଚକିଆ ୫୦ ଟଙ୍କା ନେବେ ବୋଲି ଦର୍ଶାଯାଇଛି। କିନ୍ତୁ ଲିଜ୍‌ଧାରୀମାନେ ବାଇକ୍ ପିଛା ୫୦ ଟଙ୍କା ଓ କାର ପାଇଁ ୧୦୦ ଟଙ୍କା ଲେଖାଏଁ ନେଉଛନ୍ତି ବୋଲି ରାହାମା ଅଞ୍ଚଳର କାରଚାଳକ ପ୍ରଦ୍ୟୁମ୍ନ ବରାଳ ଗଣମାଧ୍ୟମ ଆଗରେ କହିଛନ୍ତି। ଏପରିକି ଯେଉଁ ଅଞ୍ଚଳରେ ଷ୍ଟାଣ୍ଡ କରାଯାଇଛି। ତା' ନିକଟରେ ଥିବା କଲୋନୀ, ହନୁମାନ ମନ୍ଦିର ରାସ୍ତା, ଡମ୍ବଲାର ରାଡାର ରାସ୍ତା ମଧ୍ୟ କବଜା କରି ପାର୍କିଂ କରାଇଛନ୍ତି। ଘଟଣା ସମ୍ପର୍କରେ ବାଲିଯାତ୍ରା କମିଟିର ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କୁହନ୍ତି, ଲୋକମାନେ ପୋଲିସରେ ଅଭିଯୋଗ କରନ୍ତୁ।

## କଳିଙ୍ଗ ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟା

### ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକାଲ ନାଇଟ୍

ଶେଷ ସନ୍ଧ୍ୟାରେ ସାମୟିକ ସଭାରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଏଏମ୍‌ଏନ୍‌ଏସ କମ୍ପାନୀ ଇଡି ସୁରେଶା ଜି, ସିଆଇଏସ୍‌ଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମ୍ୟୁଜିକାଲ ବ୍ୟାଣ୍ଡ ସମେତ ଅନ୍ୟ ଲୋକଗୀତ, ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା।

### ହୀନସ୍ତା ହେଲେ ଷଣ୍ଢକୁଦ ବାସିନ୍ଦା

ପାରାଦୀପର ସବୁଠାରୁ ବୃହତ ବସ୍ତି ଷଣ୍ଢକୁଦ। ଏହା ବାଲିଯାତ୍ରା ପଡ଼ିଆ ନିକଟ ବେଳାଭୂମି ପାଖରେ ରହିଛି। ବସ୍ତି ଲୋକଙ୍କ ମୁଖ୍ୟ ଯାତାୟାତ ମାଧ୍ୟମ ହେଉଛି ବତିଘର ପାଖ ରାସ୍ତା। ଅନ୍ୟ ଗଳି ରାସ୍ତା ହେଲା ଡମ୍ବଲାର ରାଡାର ପାଖ। ବାଲିଯାତ୍ରା ପାଇଁ ବତିଘର ରାସ୍ତା ବନ୍ଦ ରହିଛି। ଡମ୍ବଲାର ରାସ୍ତାରେ ଅର୍ଦ୍ଧେକ ଅଞ୍ଚଳ ଷ୍ଟାଣ୍ଡ ଲିଜ୍‌ଧାରୀ ଗାଡ଼ି ରଖିଛନ୍ତି। ଏହାଦ୍ୱାରା ଷଣ୍ଢକୁଦ ଲୋକମାନେ ସନ୍ଧ୍ୟା ପରଠାରୁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଧ କିମି ରାସ୍ତା ପାରି ହେବାକୁ ପ୍ରାୟ ଘଣ୍ଟା ସମୟ ଲାଗୁଛି।ଫଳରେ ଷଣ୍ଢକୁଦ ବସ୍ତିରେ ରହୁଥିବା ପ୍ରାୟ୨୫ ରୁ୩୦ହଜାର ଲୋକ ଗୃହବନ୍ଦୀ ହୋଇଯାଇଛନ୍ତି ବୋଲି ସେଠାକାର ବାସିନ୍ଦା ଆଲୋକ ସାମଲ କହିଛନ୍ତି।

# ସମବାୟ ସଂସ୍ଥାର ଚିତ୍ର ବଦଳୁ ନ ଥିବାରୁ ଉଦ୍‌ବେଗ

ନୟାଗଡ଼,୧୭।୧୧(ଲୋକନାଥ ମିଶ୍ର)



ସମବାୟ ସପ୍ତାହ ସମାବେଶରେ ମଞ୍ଚାସୀନ ଅତିଥି।

- ସମବାୟ ସପ୍ତାହ ଅବସରରେ ସମାବେଶ
- ସମବାୟ ଆନ୍ଦୋଳନ ପାଇଁ ବିଧାୟକଙ୍କ ପ୍ରସ୍ତାବ
- କୃଷିଋଣ ରିକୋଭରି ନେଇ କହିବାରୁ ବିରୋଧ
- ପ୍ରତିବାଦ ଦେଖି କଥା ବଦଳାଇଲେ ବ୍ୟାଙ୍କ ସମ୍ପାଦକ
- ରଣପୁରର ୩୩ ପଞ୍ଚାୟତର ସୋସାଇଟି ଖୋର୍ଦ୍ଧା ନୁହେଁ ନୟାଗଡ଼ରେ ରହୁ

ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ବିକଶିତ ଓଡ଼ିଶା ଗଠନରେ ସମବାୟର ଭୂମିକା ଉପରେ ଅନୁଷ୍ଠିତ ସମାବେଶ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଯୋଗ ଦେଇଥିବା ଅଧିକାଂଶ ବକ୍ତା ସମବାୟ ସଂସ୍ଥାର ବିକଶିତ ହେଉ ନ ଥିବାବେଳେ ଅବ୍ୟବସ୍ଥା ବଢ଼ି ଚାଲିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ସେହିପରି ସମବାୟକୁ ସଜାଡିବାକୁ ହେଲେ ସମବାୟ ଆନ୍ଦୋଳନ ଦରକାର ବୋଲି ମତ ପ୍ରକାଶ ପାଇଛି । ଅନ୍ୟପକ୍ଷେ କୃଷିଋଣ ରିକୋଭରି ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଗୁରୁତ୍ୱ ଦେଇଥିବାବେଳେ ପ୍ରତିବାଦ ଦେଖିବାକୁ ମିଳିଛି । ଅପରପକ୍ଷେ ଅତିଥି ଆସିବାରେ ବିଳମ୍ବ ଯୋଗୁ ସମାବେଶ ଦେଢ଼ଘଣ୍ଟା ପରେ ଆରମ୍ଭ ହୋଇ ଥିଲା । ଫଳରେ ଅନେକ ଫେରି ଯିବାର ଦେଖିବାକୁ ମିଳିଥିଲା । ପରେ ଅତିଥି ଭାଷଣ ଦେଉଥିବା ବେଳେ ସମବାୟ ବିଭାଗର କର୍ମକର୍ତ୍ତା, କର୍ମଚାରୀ, ଚାଷୀ ମଧ୍ୟ ଚାଲି ଯାଇଥିଲେ । ସେହିପରି ରଣପୁରର ୩୩ ପଞ୍ଚାୟତର ସୋସାଇଟିକୁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରେ ନ ରଖି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ରଖାଯାଉ ବୋଲି ଦାବି ଉଠିଥିଲା ।

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ କହିଥିଲେ ମହାରାଷ୍ଟ୍ର, ଗୁଜୁରାଟ ପରି ରାଜ୍ୟରେ ସମବାୟ ସଂସ୍ଥା ଉନ୍ନତିର ଚରମ ସୀମାରେ ପହଞ୍ଚିଛି । ମହାରାଷ୍ଟ୍ର, ଗୁଜୁରାଟ, ଆନ୍ଧ୍ର, ଛତିଶଗଡ ପରି ରାଜ୍ୟରେ ଜାତୀୟକରଣ ବ୍ୟାଙ୍କ ୭୦ରୁ ୮୦ ପ୍ରତିଶତ କୃଷିଋଣ ଦେଉଛନ୍ତି । ସମବାୟ ସଂସ୍ଥା ମାତ୍ର ୨୦ରୁ ୨୫ ପ୍ରତିଶତ ଋଣ ଦେଉଛନ୍ତି । କିନ୍ତୁ ଆମ ନୟାଗଡ଼ ହେଉ ଅଥବା ଓଡ଼ିଶାରେ ସମବାୟ ସଂସ୍ଥା ୭୦ରୁ ୮୦ ପ୍ରତିଶତ ଋଣ ଦେଉଛି । ଜାତୀୟକରଣ ବ୍ୟାଙ୍କ ମାତ୍ର ୨୦ରୁ ୨୫ ପ୍ରତିଶତ ଋଣ ଦେଉଛି । ଉପରୋକ୍ତ ରାଜ୍ୟଗୁଡିକରେ ସମବାୟ ସଭାପତି ହେବାକୁ ଆଗ୍ରହୀ ଥିବାବେଳେ ସରପଞ୍ଚ, ସମିତି ସଭ୍ୟ ଜିଲାପରିଷଦ ହେବାକୁ ଆଗ୍ରହୀ ନୁହଁ । କିନ୍ତୁ ଓଡ଼ିଶାରେ ତା'ର ଓଲଟା ସ୍ଥିତି । ତେବେ ଗୋଟିଏ କଥା ସତ ଆମେ କୃଷିଋଣ ଦେଉନେ । କୃଷିଋଣ ଦେଲେ ବ୍ୟାଙ୍କରେ ଲାଭ ହେବ। ବଡ ବ୍ୟାଙ୍କ ହେବ । ଏଣୁ ସମବାୟ ଆନ୍ଦୋଳନ ହେବା ଦରକାର । ଏହା ଉପରେ ଆଲୋଚନା ହେବା ଦରକାର। କ'ଣ କଲେ ଚାଷୀଙ୍କର ଉନ୍ନତି ହେବ ସେନେଇ ସମବାୟ କର୍ମକର୍ତ୍ତା ପ୍ରସ୍ତୁତି ହେବା ଆବଶ୍ୟକ । ସମବାୟ ବିଭାଗର ଅଧିକାରୀମାନେ କର୍ମଶାଳା କରାଇବା ଦରକାର । ଆଗରୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପଚାରୁଥିଲେ। ଏବେ ପଚାରୁ ନାହାନ୍ତି । ଡାଇରେକ୍ଟର ଦେଖିଲେ ବୁଲିକି ପଳାଉଛନ୍ତି। ସମବାୟର ମାର୍କେଟିଂ ବ୍ୟବସ୍ଥା ନାହିଁ ବୋଲି କହିଥିଲେ।

ମୁଖ୍ୟବକ୍ତାରୂପେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ସମବାୟ ବିଭାଗର ଉନ୍ନତି କଳ୍ପେ ମତ ରଖିଥିଲେ । ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ କହିଥିଲେ ଜିଲାର ବିଭିନ୍ନ ସୋସାଇଟିରେ ଅନିୟମିତତା ଦେଖା ଦେଇଛି । ସମବାୟ ସଂସ୍ଥା ଚାଷୀଙ୍କ ପାଇଁ କାମ କରିବା ଦରକାର । ଚାଷୀଙ୍କୁ ଏଥିରେ ସାମିଲ କରି ଆଗକୁ ବଢ଼ିବା ଦରକାର । ରଣପୁର ବ୍ଲକର ୩୭ ପଞ୍ଚାୟତରୁ ୪ଟି ପଞ୍ଚାୟତର ସୋସାଇଟି ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କରେ ରହିଛି । ଅବଶିଷ୍ଟ ୩୩ ପଞ୍ଚାୟତର ସୋସାଇଟି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଛି । ଗୋଟିଏ ଜିଲାର କିଛି ସୋସାଇଟି ଦୁଇଟି ଜିଲାର କେନ୍ଦ୍ର ସମବାୟ ବ୍ୟାଙ୍କରେ ରହୁଥିବାରୁ ଅବ୍ୟବସ୍ଥା ଦେଖା ଦେଉଛି । ଏଣୁ ୩୩ ପଞ୍ଚାୟତର ସୋସାଇଟି ନୟାଗଡ଼କୁ ଫେରାଇବାର ବ୍ୟବସ୍ଥା କରାଯାଉ । ଓଡିଶା ରାଜ୍ୟ ସମବାୟ ବିଭାଗ ଲିଗର ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ଯୋଗ ଦେଇ ସମବାୟ ବିଭାଗର ନୀତି ନିୟମ ଉପରେ କହିଥିଲେ । ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ଅଜୟ କୁମାର ପଟ୍ଟନାୟକ କହିଥିଲେ ୨୦୨୪ ସୁଦ୍ଧା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ୩୮୦ କୋଟି ଟଙ୍କା ଡିପୋଜିଟ୍ ରହିଛି । ୩୦ ସେପ୍ଟେମ୍ବର ସୁଦ୍ଧା ଋଣ ଅଛି ୬୫୦ କୋଟି । ଏଥିରେ ୬୨୦ ଚାଷୀ ଋଣ । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଡିପୋଜିଟ୍ ନ କରି ବେସରକାରୀ ବ୍ୟାଙ୍କରେ ଡିପୋଜିଟ୍ କରାଯାଉଛି । ସବୁ ପ୍ରକାର କାର୍ଯ୍ୟକ୍ରମରେ ଆମେ ଭାଗ ନେଉଥିଲେ ମଧ୍ୟ ଜାତୀୟକରଣ ବ୍ୟାଙ୍କୁ ପ୍ରାଧାନ୍ୟ ଦିଆ ଯାଉଛି । ଆମର ଡିପୋଜିଟ୍ ବଢ଼ାଇବା ଦରକାର । ଆମର ଦୁଇଟା କାମ ଡିପୋଜିଟ୍ ଆଣିବା ଓ ତାକୁ ଋଣରେ ଲଗାଇବା। ଆମର ସୁଧ କମି ଯାଉଛି । କାଗଜପତ୍ର ଠିକ ଥିଲେ ୨ଦିନରେ ଋଣ ଦେଇଦେବୁ । ଆମେ କାହାରିକୁ ହଇରାଣ କରିବୁ ନାହିଁ । ଋଣ ବଢ଼ାଇବାକୁ ବଢ଼ିବ । ଡାଇରେକ୍ଟର, ମ୍ୟାନେଜମେଣ୍ଟ ଓ ପାକ୍ସର ସହଯୋଗ ମିଳିଲେ ନୟାଗଡ଼ ଜିଲାର ବିକାଶ ହେବ । ତେବେ ୧୦ରୁ ୧୨ ବର୍ଷ ହେଲା ହେଲା ଋଣ ରିକୋଭରି ହେଉନି । ସରକାର ମାଗଣା ଋଣ ଦେଉଛନ୍ତି ଦର୍ଶାଇ କୃଷିଋଣ ପରିଶୋଧ କରାଯାଉନି । କୃଷିଋଣ ପରିଶୋଧ ପାଇଁ ଚାଷୀଙ୍କ ଭିତରେ ସଚେତନତା କରିବାକୁ ପଡିବ ।

ସମ୍ପାଦକଙ୍କ ଋଣ ରିକୋଭରି ଶୁଣି କେତେଜଣ ସଭାପତି ପ୍ରତିବାଦ କରିଥିଲେ । ଆପଣ କେତେଦିନ ହେଲା ଆସିଲେଣି । ରିକୋଭରି କିଏ କରିବ । ଯାହା ଦରକାର ଅଛି କୁହନ୍ତୁ । ଯାହା ଦରକାର ନାହିଁ କୁହନ୍ତୁ ନାହିଁ କହି ପ୍ରତିବାଦ କରିବା ପରେ ସମ୍ପାଦକଙ୍କ କଥା ବଦଳି ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାନେତ୍ରୀ ମୌସୁମୀ ସାହୁ ମଞ୍ଚାସୀନ ଥିଲେ । ଡିଆରସିଏସ୍ ଅନନ୍ତ କୁମାର ନାୟକ ଅତିଥି ପରିଚୟ ଦେଇଥିବାବେଳେ ଡେପୁଟି ଅଡିଟର ଜେନେରାଲ ଅକ୍ଷୟ ଦଳେଇ ପ୍ରାଥମିକ କୃଷି ସମବାୟ ସମିତିଗୁଡିକ ସମୀକ୍ଷାର ପ୍ରାସଙ୍ଗୀତକା ଉପରେ ଟିପ୍ପଣୀ ଦେଇଥିଲେ । ଏଆରସିଏସ୍ ପ୍ରାର୍ଥନା ପ୍ରୀୟଦର୍ଶନୀ ପ୍ରାଥମିକ କୃଷି ସମବାୟ ସମିତି ଉପରେ କହିଥିଲେ । ପରେ ବିଭିନ୍ନ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ, ଶ୍ରେଷ୍ଠ କୃଷି ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା ।

# ଜିଲାସ୍ତରୀୟ ଗୀତା ସୁଗୀତା କର୍ତ୍ତବ୍ୟ କାର୍ଯ୍ୟକ୍ରମ


ଗୀତା ସୁଗୀତା କର୍ତ୍ତବ୍ୟ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ନୟାଗଡ଼,୧୭।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ଗୀତା ସୁଗୀତା କର୍ତ୍ତବ୍ୟ କାର୍ଯ୍ୟକ୍ରମ ତଥା ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକର ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ୭୦ରୁ ଅଧିକ ଛାତ୍ରୀଛାତ୍ର ଗୀତାର ଚତୁର୍ଥ ଅଧ୍ୟାୟକୁ ଆବୃତ୍ତି କରିଥିଲେ।ପ୍ରଜ୍ଞାନ ମିଶନ ଓଡ଼ିଶା ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠା କାର୍ଯ୍ୟକାରିଣୀ ସଦସ୍ୟା ମନୋରମା ପରିଡ଼ା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ସଂଯୋଜକ ହରେକୃଷ୍ଣ ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଚନ୍ଦ୍ରଭାନୁ ବରାଡ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଅଧ୍ୟାପିକା ଶୁଭଲକ୍ଷ୍ମୀ ସାହୁ, ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ,ଶିକ୍ଷୟିତ୍ରୀ ଲକ୍ଷ୍ମୀ ଚନ୍ଦନା ବିଶାଳ , ରଜନୀ ରାଉତ, ଋତୁପର୍ଣ୍ଣା ମହାନ୍ତି,ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଆଲୋକ କୁମାର କର ,ଗୋବିନ୍ଦ ଚନ୍ଦ୍ର ସାହୁ, ସର୍ବେଶ୍ୱର ପଟ୍ଟନାୟକ,କେଦାର ଚନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ ,ଭାସ୍କର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଭାବେ ବନବିହାରୀ ସାହୁ,ଶାନ୍ତନୁ କୁମାର ସ୍ୱାଇଁ ଓ ଡ.ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଶେଷରେ ସାମୁହିକ ଶାନ୍ତି ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବସ ଚକାତଳେ ପଡ଼ି ୨ ଯୁବକ ମୃତ

ନୟାଗଡ଼/ରଣପୁର, ୧୭।୧୧
(ଲୋକନାଥ ମିଶ୍ର/ ସୁକାନ୍ତ ଡାକୁଆ)

## ୨ ବାଇକ୍ ମୁହାଁମୁହିଁ ଧକ୍କା

ନୟାଗଡ଼ ଜିଲା ରଣପୁର ଥାନାର ରଣପୁର ସୁନାଖଳା ରାସ୍ତାର ଲୋଧାଚୁଆ ଛକଠାରେ ରବିବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବସ ଚକାତଳେ ପଡି ୨ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରଣପୁର ଥାନା ରଣପୁରର କାଳିଆ ମହାପାତ୍ର(୩୦) ଓ ଚାନ୍ଦପୁର ଥାନା ଚାନ୍ଦପୁରର ବିଜୟ ସାହୁ(୩୨) । ଅନ୍ୟପକ୍ଷେ ରଣପୁର ଥାନା ନୂଆଗାଁର ସୁଶାନ୍ତ ରଣାଙ୍କୁ ଆହତ ଅବସ୍ଥାରେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ରଣପୁର ଥାନା ପୋଲିସ ୨ ବାଇକ ଜବତ କରିଥିବାବେଳେ ବସ୍ ଡ୍ରାଇଭର ସୁନାଖଳା ଫାଣ୍ଡିରେ ଆତ୍ମସମର୍ପଣ କରି ବସକୁ ପୋଲିସ ଜିମା ଦେଇଛନ୍ତି । ସୂଚନା ଅନୁଯାୟୀ, ଶନିବାର ଏକ ଘରୋଇ ବସ୍(ନଂ.ଓଡି୦୨ ବି ଏଚ ୦୯୩୨) ରଣପୁରରୁ ସୁନାଖଳା ଅଭିମୁଖେ ଯାଉଥିଲା। ପ୍ରାୟ ସନ୍ଧ୍ୟା ୭ଟାରେ ଲୋଧାଚୁଆ ଛକରେ ଏକ ବାଇକ୍(ନଂ.ଓଡି୨୫ କ୍ୟୁ ୮୩୩୦) ସହ ଅନ୍ୟ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା ।ଏହି ସମୟରେ ଉପରୋକ୍ତ ବସ୍‌ଟି ସେହି ରାସ୍ତା ଯାଉଥିଲା । ୨ ବାଇକ୍ ଚାଳକ ଦୁର୍ଘଟଣାରେ ଛିଟିକି ବସ ଚକା ତଳେ ପଡି ଯାଇଥିଲେ । ଏଥିରେ ନୂଆଗାଁର ସୁଶାନ୍ତ ରଣା ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିବାବେଳେ ଗୁରୁତର ଆହତ ହୋଇଛନ୍ତି । ଦୁଇ ମୃତଦେହକୁ ପୋଲିସ ଜବତ କରି ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି । ସୋମବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ବିଦ୍ୟୁତ ସବ୍‌ଷ୍ଟେଶନକୁ ଧକ୍କା ଦେଲା କାର

ଖଣ୍ଡପଡ଼ା,୧୭।୧୧
(ଅଜୟ କୁମାର ମହାରଣା)

ଶନିବାର ବିଳମ୍ବିତ ରାତିରେ ଦ୍ରୁତଗତିରେ କଣ୍ଟିଲୋ ଅଭିମୁଖେ ଯାଉଥିବା ଏକ କାର ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ଧକ୍କା ଦେଇଛି । ଏଥିଯୋଗୁ ବହୁ ବିଦ୍ୟୁତ୍ ତାର ଛିଡ଼ ପଡିଛି । ସୂଚନା ଅନୁଯାୟୀ, ଫତେଗଡ-କଣ୍ଟିଲୋ ରାଜ୍ୟରାଜପଥ ପଥରଚକଡା(ମିଲ ଛକ) ରାସ୍ତାପାର୍ଶ୍ୱରେ ଥିବା ୧୧କେଭି ବିଦ୍ୟୁତ ସବ୍‌ଷ୍ଟେଶନକୁ ଏକ କାର ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ ଖୁଣ୍ଟ ବଙ୍କା ହୋଇ ଟ୍ରାନ୍ସଫର୍ମରଟି ଖସିଯିବା ଅବସ୍ଥାରେ ରହିଛି । ବିଦ୍ୟୁତ ତାରଗୁଡିକ ଛିଣ୍ଡି ଇତସ୍ତତ ହୋଇ ଓହଳି ପଡିଥିଲା । ଖବର ପାଇ ବିଦ୍ୟୁତ କର୍ମଚାରୀମାନେ ବିଦ୍ୟୁତ ଲାଇନକୁ ବିଚ୍ଛିନ୍ନ କରି ବିପଦପୂର୍ଣ୍ଣ ବିଦ୍ୟୁତ ତାର ଗୁଡିକୁ ସଜାଡିଥିଲେ । ସୂଚନା ଅନୁଯାୟୀ, ଶନିବାର ମଧ୍ୟରାତିରେ ଏକ ଯାତ୍ରାପାର୍ଟିର କଳାକାରମାନେ ଓଡି ୦୫ବିଏସ୦୧୪୪ ନମ୍ବର କାରରେ କଣ୍ଟିଲୋ ଅଭିମୁଖେ ଆସୁଥିଲେ । ଦ୍ରୁତଗାଡି ଚାଳନା ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ସବ୍‌ଷ୍ଟେଶନକୁ କାରଟି ଧକ୍କା ଦେଇଥିଲା । କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଓ ସହଯୋଗୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଫାଣ୍ଡିକୁ ଆଣିଛନ୍ତି ।

# ସିପିଏମ୍‌ର ନୟାଗଡ଼ ଜିଲା ସମ୍ମିଳନୀ


ଜିଲା ସମ୍ମିଳନୀରେ ସିପିଏମ୍‌ର କର୍ମକର୍ତ୍ତା।

ରଣପୁର,୧୭।୧୧( ସୁକାନ୍ତ କିଶୋର ଡାକୁଆ)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୧୧ତମ ନୟାଗଡ଼ ଜିଲା ସମ୍ମିଳନୀ ତଥା ଖୋଲା ଅଧିବେଶନ ରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଡବଲ ଇଞ୍ଜିନ ସରକାର ଦେଇ ଥିବା ପ୍ରତିଶ୍ରୁତି ପାଳନ କରିବାକୁ ବକ୍ତାମାନେ ଦୃଢ଼ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ପାର୍ଟିର ଲାଲ ପତାକାକୁ ଜିଲା ସମ୍ପାଦକ ଶରତ ବେହେରା ଉତ୍ତୋଳନ କରଥିଲେ । ତଳ ମଣିନାଗଠାରୁ ଶତାଧିକ ଲୋକ ଲାଲ ପତାକା ଧରି ଏକ ପଟୁଆର ବାହାରି ରଣପୁର ବଜାର ପରିକ୍ରମା କରି ପଞ୍ଚୁଦୋଳ ପଡ଼ିଆରେ ପହଞ୍ଚି ଥିଲା । ପାର୍ଟିର ବରିଷ୍ଠ ନେତା ହରିଶ୍ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଏକ ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡବଲ ଇଞ୍ଜିନ ମୋହନ ସରକାର ଦେଇ ଥିବା ନିର୍ବାଚନ ପ୍ରତିଶ୍ରୁତି ତୁରନ୍ତ ପାଳନ କରି ବିଧବା-ବାର୍ଦ୍ଧକ୍ୟ ଭତ୍ତା ମାସକୁ ୩୦୦୦ ଟଙ୍କା,୩୦୦ ୟୁନିଟ ବିଦ୍ୟୁତ୍ ଛାଡ଼, ସବୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଏକକାଳୀନ ୫୦ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଶହେ ଦିନରେ ଦରଦାମ କମେଇ ଦେବାର ପ୍ରତିଶ୍ରୁତି ଦେଇ ଭାଜପା ସରକାର ଚରମ ବିଫଳ ହୋଇ ଥିଲା ବେଳେ ଗରୀବ ଜନତାଙ୍କ ପେଟକୁ ନାତ ମାରି ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଆକାଶଛୁଆଁ ଦର ବୃଦ୍ଧି କରିଚାଲିଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଓଡିଶାରେ ବିଜେଡି ଯୋଗୁ ଭାଜପା ଅଶୁଭ ଶକ୍ତି କ୍ଷମତା ଦଖଲ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ପାର୍ଟିର ନେତା ସୁରେଶ ପାଣିଗ୍ରାହୀ,ଦୁଷ୍ମନ୍ତ ଦାସ,ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା,ହରିଶ୍ଚନ୍ଦ୍ର ମିଶ୍ର,ଗୋଲକ ମୁଦୁଲି,ନିତ୍ୟାନନ୍ଦ ପରିଡା,ସୁରେଶ ସ୍ୱାଇଁ,ସରୋଜ ନାୟକ ଓ ଦୁଃଶାସନ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅକ୍ଷୟ


@ ବିକାଶ


@ ମହେଶ


@ ମଞ୍ଜୁ


@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଳିସାହି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି।

ନୂଆଗାଁ,୧୭।୧୧(ଧନେଶ୍ୱର ସାହୁ)

## ଭଞ୍ଜନଗର ଫୁଟବଲ କ୍ଲବ୍ ୪-୧ ରେ ବିଜୟୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ଠାରେ ଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ତରଫରୁ ରବିବାର ୫୨ତମ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଉଦଘାଟନୀ ଦିବସ ମ୍ୟାଚରେ ଭଞ୍ଜନଗର ଦଳ ବିଜୟ ଲାଭ କରିଛି । ମାଳିସାହି ଭଞ୍ଜ ଅଥଲେଟିକ କ୍ଲବ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୧୭ ତାରିଖଠାରୁ ୨୪ ତାରିଖ ଯାଏ ଅନୁଷ୍ଠିତ ହେବ । ରବିବାର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ମ୍ୟାଚରେ ଭଞ୍ଜନଗର ଫୁଟବଲ କ୍ଲବ ଏବଂ ଖୋର୍ଦ୍ଧା କେରଙ୍ଗ ଅହମ୍ମଦିଆ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ସମୟସୀମା ମଧ୍ୟରେ କେହି ଗୋଲ ଦେଇ ନ ପାରିବା ହେତୁ ଖେଳ ଡ୍ର ରହିଥିଲା। ଏହାପରେ ପେନାଲଟିକର ସହଯୋଗ ନିଆଯାଇଥିଲା। ସେଥିରେ ଭଞ୍ଜନଗର ଫୁଟବଲ କ୍ଲବ ୪-୧ ଗୋଲରେ ବିଜୟ ହୋଇଛି। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ପ୍ରଥମ ଦିବସ ମ୍ୟାଚର ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ବିଦ୍ୟାଧର ନାୟକ, ବାପି ମହାପାତ୍ର ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଦେବୁ ପ୍ରସାଦ, ଜଗନ୍ନାଥ ମାହୁନ୍ତ, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସୋମବାର ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗବାଲୀ କ୍ଲବ ଓ କଟକ ବାଙ୍କୀ ସ୍ପୋର୍ଟସ ଆଥଲେଟିକ କ୍ଲବ ମଧ୍ୟରେ ମୁକାବିଲା ହେବ ।




ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ରବିବାର ନାଗପୁର ଭାଜପା ପ୍ରାର୍ଥୀ ସମୀର ମେଘେଙ୍କ ସମର୍ଥନରେ ଅଭିନେତ୍ରୀ ଭାଗ୍ୟଶ୍ରୀ ରୋଡ୍ ଶୋ' କରୁଛନ୍ତି।

# ଦୋଷୀଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ହରିଚନ୍ଦନ

**ଶ୍ରୀମନ୍ଦିର ଜମି ବେଆଇନ ଭାବେ ବିକ୍ରି ହେବା ପ୍ରସଙ୍ଗ**

- **ଯେଉଁମାନେ ଜଗନ୍ନାଥଙ୍କ ଜମି ବିକିଛନ୍ତି ସେମାନଙ୍କୁ ଦଣ୍ଡିତ କରଯାଉ: ତାରା**
- **ଶ୍ରୀମନ୍ଦିର ୟୁନିଫର୍ମ ପଲିସିରେ ପଡ଼ି ରହିଥିବା ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ: ଶୁଭାଶିଷ**

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ପୁରୀରେ ମହାପ୍ରଭୁଙ୍କ ଜମି ନେଇ ଏକ ବଡ଼ କେଳେଙ୍କାରୀ ସାମ୍ନାକୁ ଆସିବା ପରେ ଏହାକୁ ନେଇ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଜମି ଦଲାଲ୍ ମହାପ୍ରଭୁଙ୍କ ୧୦୯ଟି ପ୍ଲଟକୁ ବେଆଇନ ଭାବେ ଜବରଦଖଲ କରି ଅନ୍ୟମାନଙ୍କୁ ହସ୍ତାନ୍ତର କରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶନିବାର ବାସେଳି ସାହି ଥାନାରେ ଲିଖିତ ଅଭିଯୋଗ ହେବାପରେ ରବିବାର ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ଯେଉଁମାନେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସହିତ ଖୁବ୍‌ଶୀଘ୍ର ରାଜ୍ୟରେ ଏଭଳି ସମସ୍ୟା ଯେଉଁଠି ସବୁ ରହିଛି ତା'ର ମଧ୍ୟ ସମାଧାନ ହେବ ବୋଲି ସେ କହିଛନ୍ତି। ଏହାସହ ଏହାର ସମାଧାନ ହେବାପରେ ଏକ କର୍ପସ ପାଣ୍ଠି ଗଠନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ବିଜେଡି ଏବଂ କଂଗ୍ରେସ ରାଜ୍ୟ ସରକାରକୁ ଟାର୍ଗେଟ କରିଛନ୍ତି।

ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବାସେଳି ସାହି ଥାନାର ଯେଉଁ ଘଟଣାଟି ନଜରକୁ ଆସିଲା ସେ ବାବଦରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଜଗନ୍ନାଥଙ୍କ ଜମି ବିକ୍ରି କରିବାର ଅଧିକାର କାହାର ନାହିଁ। ଯଦି ବାସେଳି ସାହି ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ଏହି ଘଟଣାରେ ସବ୍ ରେଜିଷ୍ଟ୍ରାରଙ୍କଠାରୁ ଆରମ୍ଭ କରି ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ମହାପ୍ରଭୁଙ୍କ ଇଞ୍ଚେ ଜମି କେହି ବିକ୍ରି କରିଦେବ ସେକଥାକୁ କୌଣସି ମତେ ଗ୍ରହଣ କରାଯିବନି। ଜଗନ୍ନାଥଙ୍କ ଅନେକ ଜମି ରାଜ୍ୟର ବିଭିନ୍ନ ଆଡ଼େ ଜବରଦଖଲ ହୋଇରହିଛି। ସେଗୁଡ଼ିକ ୟୁନିଫର୍ମ ପଲିସି ଆଧାରରେ ସମାଧାନ କରାଯିବ। ସେ ଦଖଲ ପ୍ରକ୍ରିୟାରୁ ସବୁ ଜମି ମୁକ୍ତ କରାଯିବ। ଏହାସହ ଏକ ବଡ଼ କର୍ପସ ପାଣ୍ଠି ତିଆରି କରାଯିବ। ସେହି ପ୍ରକ୍ରିୟାକୁ ସରକାର ଖୁବ୍‌ଶୀଘ୍ର ଯାଉଛନ୍ତି, ତା'ର କ୍ରିୟାନ୍ୱୟନ ଆରମ୍ଭ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଜଗନ୍ନାଥଙ୍କ ବହୁ ଜମି ବିଭିନ୍ନ ଜାଗାରେ ଜବରଦଖଲ ହୋଇ ରହିଛି। ସେଗୁଡିକ ତୁରନ୍ତ ହାତକୁ ନେଇ ତା'ର ସମାଧାନ କରାଯିବାର ଆବଶ୍ୟକତା ରହିଛି। ସରକାର ନିଷ୍ପତ୍ତି ନିଅନ୍ତୁ ଯେଉଁ ଜାଗାରେ ଜଗନ୍ନାଥଙ୍କ ଜମି ହଡପ ହୋଇଛି କିମ୍ବା ଜବରଦଖଲ ବା ଯେଉଁମାନେ ମାଡ଼ ବସିଛନ୍ତି, ସେଗୁଡିକର ସମାଧାନ କରି ତାହା ବିକ୍ରି କରାଯାଉ। ନ ହେଲେ ସେମାନଙ୍କ ସହିତ ସରକାର କିଛି ସେଟେଲମେଣ୍ଟ କରନ୍ତୁ। ସେଥିରୁ ଯେଉଁ ଅର୍ଥ ମିଳିବ ସେଥିରେ ଏକ କର୍ପସ ପାଣ୍ଠି ପ୍ରସ୍ତୁତ ହେଉ। ଯେଉଁମାନେ ଜଗନ୍ନାଥଙ୍କ ଜମି ବିକ୍ରି କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ତାରା କହିଛନ୍ତି।

ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ମହାପ୍ରଭୁଙ୍କୁ ନେଇ ରାଜନୀତି କରିବା ଛଡ଼ା ଏମାନଙ୍କର ଆଉ କିଛି କଥା ନାହିଁ। ଶ୍ରୀକ୍ଷେତ୍ର ଲୋକଙ୍କ ସମସ୍ୟା ସହିତ ଏ ସରକାର ଜଡ଼ିତ ନାହାନ୍ତି। ଶ୍ରୀମନ୍ଦିର ୟୁନିଫର୍ମ ପଲିସିରେ ବହୁ ଲୋକଙ୍କ ଜମିଜମା ସମସ୍ୟା ସମ୍ବନ୍ଧୀୟ ସମାଧାନ କରିନାହାନ୍ତି। ଶ୍ରୀମନ୍ଦିର ମ୍ୟାନେଜମେଣ୍ଟ କମିଟି ଫର୍ମେସନ କରିପାରୁନାହାନ୍ତି। ଯଦି ମହାପ୍ରଭୁଙ୍କ ଜମି ବିକ୍ରି ହେଇଛି ତେବେ ରାଜସ୍ୱ ବିଭାଗକୁ ଧରି ତା'ର ତଦନ୍ତ କରାନ୍ତୁ। ଯଦି ଲୋକଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ଶ୍ରୀମନ୍ଦିର ୟୁନିଫର୍ମ ପଲିସିରେ ପଡି ରହିଥିବା ସମସ୍ୟାର ସମାଧାନ କରନ୍ତୁ ବୋଲି ଶୁଭାଶିଷ କହିଛନ୍ତି।

# ୧୦ ଲକ୍ଷ ଯୁବକଙ୍କୁ ସଦସ୍ୟ କରିବ ଯୁବ ବିଜେଡି

**'ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜେଡିର ଲଢ଼େଇ ଜାରି ରହିବ'**

ଭୁବନେଶ୍ୱର,୧୭।୧୧(ଅନିଲ ଦାସ)



ଯୁବ ବିଜେଡି ପକ୍ଷରୁ ଶଙ୍ଖଭବନଠାରେ ଆୟୋଜିତ ଡିଜିଟାଲ କର୍ମଶାଳାରେ ବରିଷ୍ଠ ନେତା ଦେବୀ ମିଶ୍ରଙ୍କ ସମେତ ଯୁବ ନେତାମାନେ।

ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବା ବେଳେ ରବିବାର ଶଙ୍ଖଭବନଠାରେ ବିଜୁ ଯୁବ ଜନତା ଦଳ ତରଫରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଡିଜିଟାଲ କର୍ମଶାଳା ଅନୁଷ୍ଠିତ ହୋଇଛି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ମୁଜିବୁଲା ଖାନ, ସୁଭାଶିଷ ଖୁଣ୍ଟିଆ, ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ ଏବଂ ବିଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ନିଜର ବକ୍ତବ୍ୟ ରଖି ଦଳର ଏହି ବରିଷ୍ଠ ନେତାମାନେ କହିଛନ୍ତି, ସଭାପତି ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ କାଳରେ ରାଜ୍ୟରେ ଅନେକ ପ୍ରଗତି ହୋଇଛି । ବିଜୁ ଜନତା ଦଳ ଗତ ନିର୍ବାଚନରେ ପରାଜୟ ବରଣ କରିଥିଲେ ମଧ୍ୟ ସମୁଦାୟ ଭୋଟ ହାସଲରେ ୧ ନମ୍ବର ସ୍ଥାନ ବଜାୟ ରଖିଛି। ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢ଼େଇ କରୁଥିଲା ଏବଂ ଆଗାମୀ ଦିନରେ ମଧ୍ୟ ଏହାକୁ ଜାରି ରଖିବ ବୋଲି ଦଳୀୟ ନେତାମାନେ କହିଛନ୍ତି ।

କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ବିଜୁ ଯୁବ ଜନତା ଦଳର ସଦସ୍ୟ ଭାଗ ନେଇଥିଲେ। ଆରମ୍ଭ ହୋଇଥିବା ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ୧୦ ଲକ୍ଷ ଯୁବକଙ୍କୁ ନୂତନ ସଭ୍ୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବୈକୁଣ୍ଠ ନାୟକଙ୍କୁ ଡିଜିଟାଲ ସଦସ୍ୟ ଗ୍ରହଣ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆପ୍ ଛାଡ଼ିଲେ ଦିଲ୍ଲୀ ମନ୍ତ୍ରୀ କୈଳାସ ଗେହଲଟ

ନୂଆଦିଲ୍ଲୀ,୧୭।୧୧



କୈଳାସ ଗେହଲଟ

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ବରିଷ୍ଠ ନେତା ତଥା ଦିଲ୍ଲୀ ମନ୍ତ୍ରୀ କୈଳାସ ଗେହଲଟ ରବିବାର ଦଳ ଛାଡ଼ିଛନ୍ତି। ସେ ସରକାର ଏବଂ ଦଳରୁ ଇସ୍ତଫା ଦେଇଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଗେହଲଟଙ୍କ ଇସ୍ତଫା ଦଳ ପାଇଁ ବଡ଼ ଝଟକା ହୋଇଛି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ଗେହଲଟ ଦଳ ଛାଡ଼ିବା ପଛରେ ଭାଜପାର ଷଡ଼ଯନ୍ତ୍ର ରହିଥିବା ଆପ୍ ଅଭିଯୋଗ କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗ ଚଢ଼ାଉ ଯୋଗୁ ଚାପରେ ସେ ଦଳ ଛାଡ଼ିଛନ୍ତି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ନଜଫଗଡ଼ ବିଧାୟକ ୫୦ ବର୍ଷୀୟ ଗେହଲଟ ଦିଲ୍ଲୀ ସରକାରରେ ଗୃହ, ପରିବହନ, ଆଇଟି, ମହିଳା ଓ ଶିଶୁବିକାଶ ଆଦି ବିଭାଗର ମନ୍ତ୍ରୀ ଥିଲେ। ଆପ୍ ଆବାହକ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କୁ ସେ ଲେଖିଥିବା ଇସ୍ତଫାପତ୍ରରେ ଦଳ ଗମ୍ଭୀର ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଥିବା ଜଣାଇଛନ୍ତି। ରାଜନୈତିକ ଆକାଂକ୍ଷା ଆମେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ବଳିଯାଇଛି। ବହୁ ନିର୍ବାଚନୀ ପ୍ରତିଶ୍ରୁତି ଆମେ ପୂରଣ କରିପାରି ନାହୁଁ। ଆମେ ଆମ ଆଦ୍‌ମୀରେ ବିଶ୍ୱାସ କରୁଛେ କି ନାହିଁ, 'ଶିଷମହଲ' ଭଳି ବିବାଦ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିବା ଗେହଲଟ କହିଛନ୍ତି। ତେବେ ଗତ ଅଗଷ୍ଟ ୧୫ ପତାକା ଉତ୍ତୋଳନକୁ ନେଇ ଦଳୀୟ ନେତୃତ୍ୱଙ୍କ ସହ ଗେହଲଟଙ୍କ ବିବାଦ ଆରମ୍ଭ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଜେଲରେ ଥିବାରୁ ଶିକ୍ଷାମନ୍ତ୍ରୀ ଆତିଶୀଙ୍କୁ ଜାତୀୟ ପତାକା ଉତ୍ତୋଳନ ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ଗୃହମନ୍ତ୍ରୀ କୈଳାସ ଗେହଲଟଙ୍କ ବଦଳରେ ଶିକ୍ଷାମନ୍ତ୍ରୀଙ୍କୁ ପତାକା ଉତ୍ତୋଳନ ଅନୁମତି ଦେବା ଠିକ୍ ନୁହେଁ ବୋଲି ଉପରାଜ୍ୟପାଳ ଭି.କେ. ସାକ୍ସେନା କହିଥିଲେ। ଏକାଧିକ ବିବାଦ ଆପ୍‌କୁ ଅଡୁଆରେ ପକାଇଥିବା ଗେହଲଟ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେଇଁ ଶୋଇଥିବ ଯେ**
**ତାକୁ ଉଠାଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ ଚାପ ନିଧଡ଼କ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିରା ଦରବାରେ ନ ଲୁଚେ ଆଣ୍ଠୁ,**
**ଧନ ଯାକ ନେଇ ଭୂଇଁରେ ପୋତୁ।**

ସାଧାରଣତଃ କୃପଣ ବ୍ୟକ୍ତି ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ କଞ୍ଜୁସି ଦେଖାଇଥାନ୍ତି। ଏପରିକି ଭଲରେ ଖାଇବା ଓ ପିନ୍ଧିବାରେ ମଧ୍ୟ ଅନେକ କାଣ୍ଟଛାଣ୍ଟ କରିଥାନ୍ତି। ଧନ ଥାଇ ମଧ୍ୟ କୃପଣ ସ୍ୱଭାବ ବ୍ୟକ୍ତି ନିଜକୁ ସର୍ବଦା ନିର୍ଦ୍ଧନ ବୋଲି ଦେଖେଇ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଲାଗି ଆଇନ ପ୍ରଣୟନ କରାଯିବ: ମନମୋହନ

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ଓଡ଼ିଆ ଭାଷା ସୁରକ୍ଷା ଓ ସମୃଦ୍ଧି ବିଷୟରେ ଏକ ଆଲୋଚନାଚକ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ଓ ଏହାର ସାମ୍ପ୍ରତିକ ସମସ୍ୟାବଳୀ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଭାରତବର୍ଷରେ ଭାଷାଭିତ୍ତିକ, ଜନସାଂଖ୍ୟିକ, ସମାଜତାତ୍ତ୍ୱିକ ଓ ଆଇନଗତ ମାର୍ଗରେ ବିଚାର କଲେ ଓଡ଼ିଆ ଭାଷା ଦୀର୍ଘ ୨,୫୦୦ ବର୍ଷ ଧରି ନିରବଚ୍ଛିନ ଭାବେ ପ୍ରଚଳିତ ହୋଇଆସିଛି । ଓଡ଼ିଆ ଭାଷାର ଗବେଷଣା କାଳେ ଗ୍ରହଣ କରାଯିବା ସମୟରେ ଭାଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହେବା ବିଧେୟ। ଏ ପର୍ଯ୍ୟନ୍ତ ଠିକ୍ ଭାବେ ଓଡ଼ିଆ ଭାଷା-ସାହିତ୍ୟର ଉପଯୁକ୍ତ ପ୍ରଗତି ହୋଇପାରିନାହିଁ। ଓଡ଼ିଆ ଅସ୍ମିତାର ପ୍ରସଙ୍ଗ ଚର୍ଚ୍ଚା ହେଉଥିବାବେଳେ ଓଡ଼ିଆ ଭାଷାର ସାହିତ୍ୟ ରଚନା ତଦନୁସାରେ ହେବା ଆବଶ୍ୟକ। ଏବର ସୃଜନଶୀଳ ସାହିତ୍ୟ ରଚନା ସମୟରେ ଯଥାର୍ଥରେ ମୌଳିକ ସାହିତ୍ୟ ରଚନାର ଆବଶ୍ୟକତା ରହିଛି। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାରୀ ସ୍ତରରେ ଯଥେଷ୍ଟ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆମାନେ ସମ୍ମୁଖୀନ ହେଉଥିବା ଭିନ୍ନ ଭିନ୍ନ ସମସ୍ୟା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ପ୍ରାୟ ୫୦ଟି ବିଧାନସଭା କ୍ଷେତ୍ରରେ ଓଡ଼ିଆ ଭାଷାଭାଷୀ ଭୋଟରମାନଙ୍କ ପ୍ରଭାବ ରହିଛି। ରାଜ୍ୟ ସଭାପତି ସାମଲ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଏହି ଅବସରରେ ଆବଶ୍ୟକ ଆଇନ ପ୍ରଣୟନ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି। ନୂତନ ଭାବେ ଏକ ଭାଷା କମିଶନ ଗଠନ କରିବାକୁ ସରକାର ଉଦ୍ୟମ କରିବେ ବୋଲି ଆଶା ପ୍ରକଟ କରିଛନ୍ତି। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କ ଭାଷା ସଂସ୍କୃତି ଓ ପରମ୍ପରାର କିପରି ସୁରକ୍ଷା ହୋଇପାରିବ, ସେ ସମ୍ପର୍କରେ ସରକାର ଉପଯୁକ୍ତ ଯୋଜନା ପ୍ରସ୍ତୁତ କରି କ୍ରିୟାନ୍ୱୟନ କରିବା ଆବଶ୍ୟକତା ବିଷୟରେ ସେ ଆଲୋକପାତ କରିଛନ୍ତି।


# 'ବିଧାୟକ ଚାହିଁବାରୁ ଦାଦାଙ୍କୁ ଛାଡ଼ିଲି' : ଅଜିତ



ଅଜିତ ପାଓ୍ୱାର

ମୁମ୍ବାଇ,୧୭।୧୧

ଆସନ୍ତା ୨୦ରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାରି ମଧ୍ୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାଓ୍ୱାର ରବିବାର ବାରାମତିରେ ଏକ ଦଳୀୟ ନିର୍ବାଚନୀ ଜନସଭାକୁ ସମ୍ବୋଧନ କରି ଦାଦା ଶରଦ ପାଓ୍ୱାରଙ୍କଠାରୁ ଅଲଗା ହେବାର କାରଣକୁ ଉଲ୍ଲେଖ କରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକଙ୍କୁ ସମ୍ବୋଧନ କରି ଅଜିତ କହିଛନ୍ତି, ''ଅନେକଙ୍କ ଧାରଣା ରହିଛି, ମୁଁ ପାଓ୍ୱାର ସାହେବଙ୍କୁ ଏହି ବୟସରେ ଧୋକା ଦେଇଛି। ଏହା ଏକ ଭୁଲ୍ ଧାରଣା। ମୁଁ ତାଙ୍କୁ ଛାଡ଼ି ନାହିଁ। ୨୦୧୯ରୁ ୨୦୨୨ ମଧ୍ୟରେ ରାଜ୍ୟରେ ଚାଲିଥିବା ମହା ବିକାଶ ଅଘାଡ଼ି ସରକାରଙ୍କ ଦ୍ୱାରା ଅନୁମୋଦିତ ବହୁ ବିକାଶମୂଳକ ପ୍ରକଳ୍ପ ଶିନ୍ଦେ ସରକାରରେ ଅଟକି ରହିଥିଲା। ତେଣୁ ଏଗୁଡ଼ିକୁ ପୁଣି ଥରେ ଆରମ୍ଭ କରିବା ପାଇଁ ସରକାରରେ ଯୋଗ ଦେବା ଜରୁରୀ ବୋଲି ବିଧାୟକମାନେ ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଦଳୀୟ ବିଧାୟକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ୨୦୨୩ ଜୁଲାଇରେ ସେ ଦାଦା ଶରଦଙ୍କଠାରୁ ନିଜ ରାସ୍ତା ଅଲଗା କରି ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ସରକାରରେ ସାମିଲ ହେଇଥିଲେ।''




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନୀତିବିହୀନ ରାଜନୀତି କେବଳ ଛଳନା: ନବୀନ

**ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ**

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)



ସୂଚନାଭବନଠାରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ୯୧ତମ ଜୟନ୍ତୀ ଅବସରରେ ଅତିଥିବୃନ୍ଦ।

ରାଜନୀତି ହେଉଛି କ୍ଷମତାର ଶିଡି। ଲୋକଙ୍କ କଲ୍ୟାଣ ପାଇଁ କାମ କରିବାକୁ ଏହା ଏକ ସୁଯୋଗ। ଲୋକଙ୍କ ଭଲ ପାଇବା ଆଗରେ କ୍ଷମତା, ପଦ ମର୍ଯ୍ୟାଦା ତୁଚ୍ଛ। ନୈତିକତାବିହୀନ ରାଜନୀତି କେବଳ ଛଳନା ପଦବାଚ୍ୟ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ରବିବାର ସୂଚନାଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ଯୋଗଦେଇ କହିଲେ, ଓଡ଼ିଶା ସୀମା ଆନ୍ଦୋଳନରେ ଅଧିକରୁ ଅଧିକ ଛାତ୍ରଙ୍କୁ ସାମିଲ କରିବାରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଗୁରୁଦାୟିତ୍ୱ ତୁଲାଇଥିଲେ। ସାମାଜିକ ନ୍ୟାୟ ପାଇଁ ଛାତ୍ର ଜୀବନରୁ ସେ ବାମପନ୍ଥୀ ବିଚାରଧାରାରେ ବିଶ୍ୱାସ ରଖୁଥିଲେ। ମୁଖ୍ୟବକ୍ତା ଭାବେ ସମାଜ ବିଜ୍ଞାନୀ ଯୋଗେନ୍ଦ୍ର ଯାଦବ କହିଲେ, ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କୁ ମନେପକାଇବାର ଅର୍ଥ ସମ୍ବିଧାନର ଆତ୍ମାକୁ ମନେ ପକାଇବା। କାରଣ ବର୍ତ୍ତମାନ ଭାରତୀୟ ଗଣରାଜ୍ୟକୁ ଭାଙ୍ଗିବାକୁ ଉଦ୍ୟମ କରାଯାଉଛି। ସ୍ୱାଧୀନତା ପରେ ବିଭିନ୍ନ ବିଚାରଧାରାର ଲୋକେ ଏକତ୍ର ହୋଇ ସମ୍ବିଧାନ ପ୍ରତିଷ୍ଠା କରିଥିଲେ। ହେଲେ ୧୯୭୦ ମସିହା ପରେ ଆଧୁନିକ ବିଚାରଧାରା ଅଚାନକ ଉଭାନ ହୋଇଯାଇଛି ବୋଲି ସେ କହିଛନ୍ତି। ଏହାପରେ ମୁଖ୍ୟ ଅତିଥି ନବୀନ କହିଲେ, ସମାଜବାଦୀ ଆଦର୍ଶରେ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କର ଗଭୀର ବିଶ୍ୱାସ ଥିଲା। ଏହି ଆଦର୍ଶ ତାଙ୍କ ଜୀବନ ଓ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା। ସଂଗ୍ରାମ ହିଁ ଥିଲା ତାଙ୍କର ସବୁଠାରୁ ବଡ ପରିଚୟ। ତାଙ୍କ ପିଢିର ରାଜନେତାଙ୍କ ଅଭାବ ଆଜି ସମସ୍ତେ ଅନୁଭବ କରୁଛନ୍ତି। ଗରିବ ଲୋକ, ଆଦିବାସୀ ଭଉଣୀଭାଇ, ଚାଷୀଙ୍କ ଅଧିକାର ପାଇଁ ସେ ସଂଗ୍ରାମ କରୁଥିଲେ। ରାଜନୀତି ହେଉଛି ଲୋକଙ୍କୁ ନିସ୍ୱାର୍ଥପର ସେବା ଦେବାର ପ୍ରତିବଦ୍ଧତା। ଏହା ବକ୍ସିପାତ୍ରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା ବୋଲି ନବୀନ କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବକ୍ସିପାତ୍ରଙ୍କୁ କ୍ରାନ୍ତିକାରୀ ନେତା ଭାବେ ସମ୍ବୋଧନ କରିଥିଲେ। ଏହି ଅବସରରେ ରାଜ୍ୟରେ ମଦ ବିରୋଧୀ ଆନ୍ଦୋଳନ ପାଇଁ ପ୍ରମିଳା ସ୍ୱାଇଁ ଏବଂ ସାମ୍ବାଦିକତା କ୍ଷେତ୍ରରେ ଶ୍ରୀମୟ କରଙ୍କୁ 'ହରିଶ୍ଚନ୍ଦ୍ର ବକ୍ସିପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଭାରତରେ ସୁନା, ରୁପା ଦର ଶସ୍ତା

**ନୂଆଦିଲ୍ଲୀ,୧୭।୧୧**

■୫୦୦୦ ଟଙ୍କା କମିଲା ସୁନା
■ଲକ୍ଷେ ତଳେ ରୁପା ଦର



କ୍ରମାଗତ ଭାବେ ସୁନା ଓ ରୁପା ଦର ହ୍ରାସ ପାଇବା କାରଣରୁ ଘରୋଇ ବଜାରର ଗ୍ରାହକ ବେଶ୍ ଉତ୍ସାହିତ ଅଛନ୍ତି। ଏପରିକି ଚଳିତ ବିବାହ ଋତୁ ପାଇଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଭିଡ଼ ଓ କାରବାର ଯଥେଷ୍ଟ ବୃଦ୍ଧି ପାଇଛି। ଏପରିକି ପାର୍ବଣ ସମୟରେ (ଦଶହରା, ଧନତେରସ ଏବଂ ଦୀପାବଳି) ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ପ୍ରାୟ ୮୦,୫୦୦ ଟଙ୍କାରେ ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ୍ ପିଛା ୭୩,୫୦୦ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮ କ୍ୟାରେଟ ସୁନା ଦର ପ୍ରାୟ ୫୫ରୁ ୬୦ ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୧,୦୭,୦୦୦ଟଙ୍କାରେ କାରବାର ହେଉଥିଲା। ହେଲେ ଗତ ୩ ସପ୍ତାହ ମଧ୍ୟରେ ନୂଆଦିଲ୍ଲୀ ବଜାରରେ ସୁନା ୫୦୦୦ ଟଙ୍କା ହ୍ରାସ ପାଇଥିଲାବେଳେ ରୁପା ୮୦୦୦ରୁ ଅଧିକ ଟଙ୍କା କମିଛି ବୋଲି ବିଭିନ୍ନ ଅଳଙ୍କାର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଭାରତ ବର୍ତ୍ତମାନ ଅନ୍ୟ ଦେଶ ଓ ରାଷ୍ଟ୍ରର ସୁନା ଦର ଠାରୁ ଢେର କମ ଦରରେ କାରବାର କରୁଛି। ଏପରିକି ଅନ୍ତରାଷ୍ଟ୍ରୀୟ ବଜାରରେ ସୁନାର ଚାହିଦା ଓ ଭୂ-ରାଜନୈତିକ କାରଣରୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଓମାନ, ୟୁଏଇ, ସିଙ୍ଗାପୁର ଠାରୁ ଭାରତର ସୁନା ଦର ଶସ୍ତା ବୋଲି କୁହାଯାଉଛି। ସେହିପରି ଚଳିତ ସପ୍ତାହରେ ମଧ୍ୟ ସୁନା ଦର ପୂର୍ବ ସପ୍ତାହ ଅପେକ୍ଷା ୨.୫% ହ୍ରାସ ହୋଇଛି। ଏପରିକି ଭାରତରେ ସୁନା ଦର କ୍ରମାଗତ ଭାବେ ହ୍ରାସ ପାଉଛି ହେଲେ ଇସ୍ରାଏଲ ଏବଂ ଗାଜାରେ ଭୂ ରାଜନୈତିକ ଉତ୍ତେଜନା ଲାଗି ରହିଥିବାରୁ ଭାରତ ତୁଳନାରେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ସୁନା ଯଥେଷ୍ଟ ଅଧିକ ରହିଛି। ଉଲ୍ଲେଖଯୋଗ୍ୟ, ଓମାନ, ୟୁଏଇ, ସିଙ୍ଗାପୁରରେ ରବିବାର ସୁନା ଦର ଯଥାକ୍ରମେ ପ୍ରତି ୧୦୦ ଗ୍ରାମ୍ ପିଛା ୨୨୦୦ରୁ ୨୫୫୦ ଡଲାର ରହିଥିଲାବେଳେ ଭାରତରେ ସୁନା ୧୦ ଗ୍ରାମ ପିଛା ୬୯,୫୦୦ରୁ ୭୫,୫୦୦ ଟଙ୍କା ରହିଛି। ଏପରିକି ନୂଆଦିଲ୍ଲୀରେ ରବିବାର ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ପ୍ରାୟ ୭୫,୮୨୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ୬୯,୫୨୩ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮କ୍ୟାରେଟ ସୁନା ଦର ପ୍ରାୟ ୫୦ରୁ ୫୫ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୯୯,୦୦୦ ଟଙ୍କାରେ କାରବାର ହେଉଛି। ଏପରିକି ଭୁବନେଶ୍ୱରରେ ମଧ୍ୟ ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ପ୍ରାୟ ୭୫,୬୫୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ୍ ପିଛା ୬୯,୩୫୦ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮କ୍ୟାରେଟ ସୁନା ଦର ପ୍ରାୟ ୫୦ ରୁ ୫୫ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୯୯,୦୦୦ ଟଙ୍କାରେ କାରବାର ହେଉଛି।

# ବିଓଆଇର ନୂତନ ଶାଖା



**ଭୁବନେଶ୍ୱର,୧୭।୧୧**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନୂତନ ଶାଖା (କୋଏଲ ନଗର ଶାଖା) ନିକଟରେ ସୁନ୍ଦରଗଡ଼ ଜିଲ୍ଲା ଅଧୀନ ରାଉରକେଲାର କୋଏଲ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଓଆଇର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଅଞ୍ଚଳ ଆଞ୍ଚଳିକ ପ୍ରବନ୍ଧକ ଶ୍ରିଜିତ୍ ଶଙ୍କର ବେହେରା, ଉପ ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ର ଏବଂ କୋଏଲ ନଗର ଶାଖାର ଶାଖା ପ୍ରବନ୍ଧକ ସୁସ୍ମିତା ସୋରେଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରାଉରକେଲାର କୋଏଲ ନଗର ଅଞ୍ଚଳରେ ଏହି ନୂତନ ଶାଖା ସ୍ଥାନୀୟ ଲୋକମାନଙ୍କର ଆର୍ଥିକ ଏବଂ ବ୍ୟବସାୟିକ କାରବାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କ୍ରିଷ୍ଣ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ବ୍ୟାଙ୍କର ବିଭିନ୍ନ ପ୍ରକାରର ଯୋଜନା କିପରି ଲୋକମାନଙ୍କ ପାଖରେ ସୁଚାରୁରୂପେ ପହଞ୍ଚ ପାରିବ, ସେ ସମ୍ପର୍କରେ ଆଞ୍ଚଳିକ ପ୍ରବନ୍ଧକ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକ ବନ୍ଧୁଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ଅଞ୍ଚଳରେ ବିଓଆଇର ଏହା ୬୫ତମ ଶାଖା ହୋଇଥିଲାବେଳେ ରାଜ୍ୟରେ ମୋଟ ୨୬୩ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଏସ୍‌ବିଆଇର ନୂତନ ଅଭିଯାନ

**ନୂଆଦିଲ୍ଲୀ,୧୭।୧୧**

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ନୂତନ ଅଭିଯାନ 'ଜାଗୃତି ଯାତ୍ରା-୨୦୨୪'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ହେବାକୁ ଥିବା ୮୦୦୦ କିମି ବ୍ୟାପୀ ୧୫ଦିନିଆ ଉଦ୍ୟୋଗୀ ଯାତ୍ରାର ଅଦ୍ୟ ଆରମ୍ଭ ହୋଇଯାଇଛି। ସେହିଭଳି ଏସ୍‌ବିଆଇ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା, ଉଦ୍ୟୋଗୀ ହେବାର ଅଭିଳାଷ ଅନୁସନ୍ଧାନ କରିବାକୁ ଚାହୁଁଥିବା ୫୦୦ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହେବ। ଏପରିକି ସେମାନଙ୍କୁ ବିଶେଷଜ୍ଞଙ୍କ ମେଣ୍ଟରଶିପ୍ ଓ ପ୍ରତ୍ୟକ୍ଷ ତାଲିମ ସହାୟତା ପ୍ରଦାନ କରାଯିବ। ଯୁବ ଉଦ୍ୟୋଗୀଙ୍କ ଅଭିବୃଦ୍ଧିକୁ ସୁଦୃଢ଼ କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବାକୁ ଏସ୍‌ବିଆଇ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏସ୍‌ବିଆଇର ଏମ୍‌ଡି ରାଣା ଆଶୁତୋଷ କୁମାର ସିଂହ କହିଥିଲେ, ଉଦ୍ୟମିତା ଏକ ଆତ୍ମନିର୍ଭରଶୀଳ ଓ ପ୍ରଗତିଶୀଳ ଭାରତର ମୂଳଦୁଆ ବୋଲି ଆମର ବିଶ୍ୱାସ ରହିଛି। ୨୦୪୭ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଆମେ କାର୍ଯ୍ୟ କରୁଥିବାବେଳେ ସାରା ଦେଶରେ ନବସୃଜନ ଓ ଅଭିବୃଦ୍ଧି ଆଗକୁ ବଢ଼ାଇବା ଲାଗି ଯୁବ ଉଦ୍ୟୋଗୀମାନେ ଆବଶ୍ୟକ କରୁଥିବା ଦକ୍ଷତା, ସମ୍ବଳ ଓ ସୁଯୋଗ ପ୍ରଦାନ କରିବା ଆବଶ୍ୟକ ରହିଛି। ଭାରତର ଭବିଷ୍ୟତକୁ ଆକାର ପ୍ରଦାନ କରୁଥିବା ନୂଆପିଢ଼ିର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଲାଗି ଆମର ରହିଥିବା ସହଯୋଗିତାକୁ ଜାଗୃତି ଯାତ୍ରା ସହିତ ଆମ ସହଯୋଗିତା ପ୍ରତିଫଳିତ କରୁଛି। ଜାଗୃତି ଯାତ୍ରା ଭଳି ଅଭିଯାନକୁ ସମର୍ଥନ କରି ଆମେ ଏକ ସଫଳ ଉଦ୍ୟୋମିତା ବ୍ୟବସ୍ଥା ପ୍ରତି ଅବଦାନ ଦେବାକୁ ଚାହୁଁଛୁ,ଯାହା ସମସ୍ତଙ୍କ ପାଇଁ ସ୍ଥାୟୀ ବିକାଶ ଓ ସମୃଦ୍ଧିକୁ ଆଗକୁ ବଢ଼ାଇବ।

# ଆଇଆଇଟିଏଫ୍‌ରେ ଏଲ୍‌ଆଇସିର ଆକର୍ଷଣୀୟ ଷ୍ଟଲ୍

**ନୂଆଦିଲ୍ଲୀ,୧୭।୧୧ (ଅଭୟ ଦାଶ)**



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଆୟୋଜିତ ୪୩ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର (ଆଇଆଇଟିଏଫ୍) ରେ ଲାଇଫ ଇନସ୍ୟୁରାନ୍ସ କର୍ପୋରେଶନ ଅଫ ଇଣ୍ଡିଆ (ଏଲ୍‌ଆଇସି ଇଣ୍ଡିଆ ବା ଏଲ୍‌ଆଇସି) ର ଆକର୍ଷଣୀୟ ଷ୍ଟଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସି ଇଣ୍ଡିଆର ଇଡି (ସିସି) ଆଦିତ୍ୟ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସି ଇଣ୍ଡିଆର ନର୍ଦର୍ନ ଜୋନ ଜେଡଏମ ପି. ଏସ୍. ବଜାଜଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୪ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଲକ୍ଷାଧିକ ଲୋକ ଓ ଅନେକ ଏଲଆଇସି ହିତାଧିକାରୀ ମଧ୍ୟ ଆସିବାକୁ ଥିବାବେଳେ ନିଗମର ସେବା, ସୁବିଧା ଓ ନୂତନ ଉତ୍ପାଦ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ ସହ ଅବଗତ କରାଇବା ପାଇଁ ଏହି ଷ୍ଟଲ କରାଯାଇଥିବା ନିଗମ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।ସେହିଭଳି ନିଗମର ୬୮ତମ ପୂର୍ତ୍ତି ଉତ୍ସବ ଅବସରରେ ଅନେକ ପ୍ରକାର ଯୋଜନା ଓ ସୁବିଧା ସାଙ୍ଗକୁ ନୂଆ ନିଯୁକ୍ତି ଓ ଏଜେଣ୍ଟ ଭଳି ମହତ୍ତ୍ୱପୂର୍ଣ୍ଣ ସୁବିଧାର ଲାଭ ଆଶାୟୀ ବ୍ୟକ୍ତିବିଶେଷମାନେ ଉଠାଇପାରିବେ।

# ଏନ୍‌ପିଏସ୍‌ରେ ଅବଦାନ ରାଶି ଦାଖଲ ସୁବିଧାର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୭।୧୧**

ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ୍ ଅଫ୍ ଇଣ୍ଡିଆ ବା ଏନପିସିଆଇର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନବିଏସ୍‌ଏଲ୍) ପକ୍ଷରୁ ଭିମ୍ ଆପ୍ ଜରିଆରେ ନ୍ୟାଶନାଲ୍ ପେମେଣ୍ଟ ସିଷ୍ଟମ୍ ବା ଏନ୍‌ପିଏସ୍‌ରେ ଅବଦାନ ରାଶି ଦାଖଲ ସୁବିଧାର ଶୁଭାରମ୍ଭ କରାଯାଇଛି, ଯାହା ଫଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ପେନ୍‌ସନ୍ ପାଣ୍ଠିରେ ଯୋଗଦାନର ସରଳୀକରଣ ହୋଇପାରିଛି। ଏକ ନିରବଚ୍ଛିନ୍ନ, ସୁରକ୍ଷିତ ଓ ସରଳ ଅବସରକାଳୀନ ସଞ୍ଚୟ ସମାଧାନ ପ୍ରଦାନ କରିବା ଲାଗି ଏହା 'ଭାରତ କନେକ୍ଟ'କୁ ବ୍ୟବହାର କରୁଛି। ଏନବିଏସଏଲର ମୁଖ୍ୟ ବ୍ୟବସାୟ ଅଧିକାରୀ ରାହୁଲ ହାଣ୍ଡା କହିଛନ୍ତି, ଭୀମରେ ଏନପିଏସ ଯୋଗଦାନ ଯୋଡ଼ିବା ସହିତ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଆର୍ଥିକ ସେବାକୁ ଅଧିକ ଉପଲବ୍ଧ କରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ଭୀମରେ ସିଧାସଳଖ ଏନପିଏସ ଯୋଗଦାନକୁ ସକ୍ଷମ କରି ଆମେ ସମସ୍ତଙ୍କ ପାଇଁ ସକ୍ରିୟ ଅବସର ଯୋଜନା ଏବଂ ଦୀର୍ଘମିଆଦୀ ନିରାପତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛୁ।

# ଟ୍ରେଡଫିନ୍‌ର ପ୍ରଥମ ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୭।୧୧**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ରୋଜଗାର ଭିତ୍ତିକ ଶିକ୍ଷାନୁଷ୍ଠାନ 'ଟ୍ରେଡଫିନ'ର ପ୍ରଥମ ବାର୍ଷିକ ଉତ୍ସବ ରବିବାର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ସେକ୍ରେଟାରୀ ରଶ୍ମିରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଷ୍ଟକ୍ ମାର୍କେଟ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସେହିଭଳି ଅନୁଷ୍ଠାନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ବେହେରା କହିଥିଲେ, ଇକ୍ୟୁଟିଜ୍-ଆଇଜେଡ୍ ଅନୁଷ୍ଠାନ ବିଗତ ଚାରିବର୍ଷ ହେବ ନିଜର ପାଠ୍ୟକ୍ରମ ଜରିଆରେ ରାଜ୍ୟର ଅନେକ ଶିକ୍ଷିତ ବେକାରଙ୍କୁ ରୋଜଗାରକ୍ଷମ କରାଇପାରିଛି। ବର୍ତ୍ତମାନ ଭିନ୍ନକ୍ଷମମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରି ରୋଜଗାରକ୍ଷମ କରିବା ଏବଂ ଗୃହିଣୀମାନଙ୍କୁ ୫୦% ରିହାତିରେ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ ସହିତ ଘରେ ରହି ଉପାର୍ଜନକ୍ଷମ କରାଇବା ଆମର ଲକ୍ଷ୍ୟ ରହିଛି। ସେହିପରି ଆଜିଠାରୁ ପ୍ରଥମ କରି ତିନୋଟି ନୂତନ କୋର୍ସ ଯଥା- ଇଣ୍ଡେକ୍ସ ଅପସନ୍ କୋର୍ସ, ଭାରତୀୟ ଷ୍ଟକ୍ ମାର୍କେଟ କୋର୍ସ ଏବଂ ଆଡଭାନ୍ସ ଫୋରେକ୍ସ କୋର୍ସ ଶିକ୍ଷା ପ୍ରଦାନ କରାଯିବ। ଏତଦ୍ୱାରା ଛାତ୍ରୀଛାତ୍ରମାନେ ଏଠାରୁ ଶିକ୍ଷା ଗ୍ରହଣ କରି ଆର୍ଥିକ ସ୍ୱଚ୍ଛଳ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଯଶବୀର ସାମଲ, ଜନସମ୍ପର୍କ ଅଧିକାରୀ ସୂର୍ଯ୍ୟକାନ୍ତ ଓଝା ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ବିଭିନ୍ନ କୋର୍ସ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।


**GOVERNMENT OF ODISHA** e-mail:serwsbd2003@yahoo.com
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.4419, Dt.16.11.2024
**1st Corrigendum**

**No.O-664:** In continuation to this office Bid Identification No-CCERWCSBD Online-13/2024-25 invited vide this office Notice No.4196, Dtd.24.10.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 05.11.2024 at 11.00 AM to 20.11.2024 upto 5.00 P.M. | Extended upto 27.11.2024 5.00 PM |
| 2 | Date and Time of seeking tender clarification if any | 19.11.2024 upto 1.00 PM | 26.11.2024 upto 1.00 PM |
| 3 | Date & Time of opening of tender (Technical Bid) | 21.11.2024 at 11.00 AM | 28.11.2024 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0021/2425 Sd./- Chief Construction Engineer, Rural Works Circle, Sunabeda



**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar - 751010 (Odisha), Tel - 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)
No.CAD-1621
**Tender Call Notice No. OCC/CWS/PROC/KIP-12(P-II)/37/2024-25 dtd. 14.11.2024**

Type of work : Supply of Anchor bar for casting of cantilever portion of pier of spillway of kanupur irrigation project.
Total No. of work : 01 (One)
Period of supply : 07 (Seven) days

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (As per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/KIP-12(P-II)/37/2024-25 dtd.14.11.2024 | Rs. 4720/- (Non-refundable) | 16.11.2024 10.00 A.M. to 25.11.2024 1.00 P.M. | 16.11.2024 10.00 A.M. to 25.11.2024 3.30 P.M. |

Date of opening of the Tender : **25.11.2024 at 4.00 P.M.**
Further details can be seen from the website **(www.odishaconstruction.com)**
**Amendment/corrigendum/cancellation, if any shall be posted on-line only (OCCL website).**
Sd./- Senior Manager (Mech.)-I
OCC Ltd., Bhubaneswar
OIPR-34163/11/0031/2425



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
No.CAD-1623: **E-Procurement Notice**

| Sl. | Bid Document No. | Name of Work | Availability of Tender Documents | Bid Due Date |
|---|---|---|---|---|
| 1 | OMC/E-PROC /C&P/ 038/ 2024-25, Dtd.14.11.2024 | Supply and Installation of Library furniture at Harekrushna Mohatab State Library, Bhubaneswar | 16.11.2024 | 07.12.2024 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR-30005/11/0107/2425 Sd./- Head (C&P)



See Career Appointment on every Wednesday & Saturday



**PUBLIC NOTICE**
No. 6250 Date: 13.11.2024
**Announcement of Award for Acquisition of Land for Construction of National Highway for Landowners/Persons interested therein and payment of Compensation Amount**

No. XXXIV-: Attention of all landowners/interested persons is invited to the Notification dated 23.08.2022 issued under Section 3A of the NH Act, 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3D of the NH Act, 1956 and published in the following Newspapers:

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | "Dharitri" & "Odia Bhaskar" | 29.09.2022 |
| 2 | Section 3D | "Pragatibadi" & "Nitidina" | 13.08.2023 |

It is informed that the undersigned had announced the Award in respect of the said land of Mouza: chinajuri, Khuntpali & Gambharipali under Section 3G of the NH Act, 1956 vide notice dated 17.09.2024 in pursuant to Letter No. 762 dated 07.08.2024 of the MoRTH, Govt. of India, Bhubaneswar.
The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza: Dunguripali at the disposal of the undersigned. Notices have also been issued to the concerned landowners/interested persons as required under Section 3E of the NH Act, 1956.
Accordingly, all the concerned landowner/interested persons of Chinajuri, Khuntpali & Gambharipali mouzas are hereby informed/notified through this additional Public Notice that the Compensation amount is hereby offered to all the landowners. Further, it may be noted that:
- The compensation amount in respect of all such landowners of Mouza: Chinajuri, Khuntpali & Gambharipali, who have already submitted their Bank account detailed are being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Account details;
- All other claimants entitled to receive the compensation amount may contact the undersigned for any difficulty on any working day between 11 am to 5.00 pm within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deemed to have been paid on expiry of this period of sixty days from the date of publication of notice.
The concered village landowners/persons interested therein is further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

Sd./- Competent Authority for
Land Acquisition-cum-Additional
Tahasildar, Rampur
Tahasil Office, Rampur, Dist.: Subarnapur
Date: 13.11.2024
OIPR-24323/14/0003/2425



**GOVERNMENT OF ODISHA** No.O-660:
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail Id: rw_cuttack@yahoo.co.in, Ph.No.0671-2440662, Fax No.0671-2440653
**1st Corrigendum to Tender Call Notice No.**
**Tender-Online-RWD Ctc-07/2024-25, Dt.01.11.2024**
Due to unavoidable circumstances the dates are changing as follow:-
1.Availability of tender online for Bidding from dt.21.11.2024 at 11.00 hours to dt.27.11.2024 upto 17.00 hours instead of dt.12.11.2024 at 11.00 hours to dt.22.11.2024 upto 17.00 hours. 2. Last date of time of seeking tender clarification on dt.26.11.2024 upto 17.00 hours instead of dt.21.11.2024 upto 17.00 hours. 3. The date and time of opening of technical bid on dt.28.11.2024 at 11.00 hours instead of dt.25.11.2024 at 11.00 hours.
All other terms & conditions remain unchanged.
Sd./- Superintending Engineer
OIPR-25053/11/0012/2425 Rural Works Division, Cuttack



No.C-1011
WATCO
**OFFICE OF THE GENERAL MANAGER**
**WATCO DIVISION, CUTTACK**
Telephone/e-mail/Fax:0671-2547115/gmwatcoctc@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No.GMWATCO(W)-09/2024-25**
**Dtd.13.11.2024**
Name of the Work:- Supply, Installation, testing and commissioning of Clear water Pump motor and 100HP VFD for 9.5 MLD & 7MLD WTP, Mundamal, Vyasanagar Municipality, Jajpur Road.
1. Estimated Cost : Rs.65.20 Lakhs (Approx.)
2. Period of Completion : 6 (Six) Months
3. Date & Time of availability of bid document in the portal : From 11 A.M. of 19.11.2024 to 5.00 P.M. of dt.27.11.2024
4. Last date/time of receipt of bids in the portal : 27.11.2024 upto 05.00 P.M.
5. Date & Time of opening of bids : 28.11.2024 at 12.30 P.M.
6. Name and address of the Officer Inviting Bid : The General Manager, WATCO Division,Cuttack-753003, Odisha, Ph.(0671) 2547115 email:gmwatcoctc@gmail.com
7. The bidders have to participate in ONLINE bidding only.
For details can be seen from the website www.tendersodisha.gov.in.
Sd./- General Manager
OIPR-13170/11/0014/2425 WATCO Division, Cuttack



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, ANANDAPUR**
No. A-559 At/P.O.: Salapada, Dist.: Keonjhar, PIN - 758020
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID: PI63533)**
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**RFB No. OIIPCRA-AND/W2-6/2024-25 Date: 08.11.2024**

| | | |
|---|---|---|
| Name of Work | : | Modernization to Distribution System of Kalimati MIP, under M.I. Division, Anandapur |
| No. of works | : | 01 Minor Irrigation Tanks |
| Estimated Cost | : | Rs.1049.03 Lakhs Approx. (Total estimated cost of 01 tanks Rs.1049.03) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 18.11.2024 from 10.00 Hrs. to 20.12.2024 upto 15.00 Hrs. in the e-procurement website **(https://tendersodisha.gov.in)** |
| Date of Pre-Bid Meeting | : | 26.11.2024 as per Para - 7 of DTCN |
| Last date & time of receipt of bid | : | Upto 20.12.2024, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.20.12.2024 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | **https://dowrodisha.gov.in** **https://octdms.in** |
| Name & Address of the OIT | : | Superintending Engineer, M.I. Division, Anandapur, At/P.O.: Salapada, Dist.: Keonjhar, PIN - 758020 E-Mail: **mianandapur@yahoo.co.in** |
| Further details can be seen from the e-Procurement market place in | : | **https://tendersodisha.gov.in** |

**Superintending Engineer, M.I. Division, Anandapur**
Sd./- Superintending Engineer
OIPR-32108/11/0016/2425 M.I. Division, Anandapur



**OFFICE OF THE DISTRICT MANAGER, OSCSC LTD., JAGATSINGHPUR**
**No.4017/ Dt.16.11.2024**
**QUOTATION / TENDER CALL NOTICE**
**No.CAD-1620:** Sealed quotations / tenders are invited from interest reputed Agencies /Tour Operators or private individuals for providing one no. of AC Petrol/ Diesel driven vehicle (Scorpio/Bolero) having sitting capacity not more than 09 including driver, which shall conform the Terms and conditions (Appendix-A) for official use in the Office of the CSO-Cum-District Manager, OSCSC Ltd., Jagatsinghpur on monthly rent basis.
1. The service provider shall have a valid OGST registration to participate in the tendering.
2. The vehicle must be in road worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, Pollution Certificate, Valid Contract carriage Permit, proof of up to date tax payment etc. which are mandatory for playing of vehicle.
3. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
4. The driver should be well behaved, gentle and obedient in nature.
5. A sum of Rs.5,000/- shall be deposited by the intending bidders in shape of Account Payee Bank Draft drawn in favour of the District Manager, OSCSC Ltd., Jagatsinghpur and submitted alongwith the tender paper as security deposit. After completion tender process, the amount will be refunded to unsuccessful bidders.
6. The monthly rate of hire charge be quoted separately in the general bid information (excluding fuel and lubricants).
7. The vehicles must achieve a fuel efficiency of 10 (Ten) Kms per litre.
8. The details of the make and year of manufacture of the vehicle, registration no. mileage (KMs covered per litre) and name of the driver with Driving License no. and period of validity should be specifically provided in the general bid information to be furnished with the quotation/Tender (Appendix-B).
9. The Quotation completed in all respect should reach the undersigned on or before 30.11.2024 by 5 PM and shall be opened on the date at 02.12.2024 at 4 PM in presence of the bidders or their authorized representatives.
10. The application form of Quotation/tender containing General Bid information & terms and conditions for hiring of vehicles etc. will be available with the CSO-cum-District Manager, OSCSC Ltd., Jagatsinghpur in the office on payment of Rs.1000/- from dt.16.11.2024 to 30.11.2024 upto 5 PM or can be downloaded from odisha from Odisha Govt. website www.Jagatsinghpur.Odisha.gov.in & www.oscsc.in from dt.16.11.2024 to 30.11.2024. In case the application form is downloaded from Govt. website, the applicant shall furnish a Demand Draft in favour of the District Manager, OSCSC Ltd., Jagatsinghpur for an amount Rs.1000/- (Rupees One thousand) only towards the cost of application along with the application.
11. The maximum hire charges per month excluding taxes will be Rs.31000/- vehicle of similar category or higher segment (Scorpio/Bolero) having same mileage can be engaged. Vehicles of higher segment having mileage 10 KM per litre of fuel may be given preference as per decision of Tender committee.

Sd./- District Manager
OIPR-07020/11/0003/2425 O.S.C.S.C. Ltd., Jagatsinghpur

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ବବଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ହକି ଦଳର ବିଜୟ ଐତିହାସିକ: କ୍ରୀଡ଼ାମନ୍ତ୍ରୀ

## ଭବ୍ୟ ସ୍ୱାଗତ

**ଭୁବନେଶ୍ୱର ୧୭।୧୧ (ତପନ ସ୍ୱାଇଁ)**

ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଓଡ଼ିଶା ଦଳକୁ ରବିବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଯୁବ କ୍ରୀଡ଼ାବିତ୍ ଓ ପ୍ରଶଂସକ ମାନେ ଉପସ୍ଥିତ ରହି ଓଡ଼ିଶା ହକି ଦଳର ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ଏକ ବସ୍‌ଯୋଗେ ଖେଳାଳିମାନଙ୍କୁ କଳିଙ୍ଗ ଷ୍ଟାଡିୟମ ଅଣାଯାଇଥିଲା। ସେଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ''ପୁରୁଷ ହକି ଦଳର ଏହି ବିଜୟ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଐତିହାସିକ। ଆପଣମାନେ ସମସ୍ତେ ହେଉଛନ୍ତି ଆମ ଗର୍ବ ଓ ଗୌରବ ଏବଂ ଓଡ଼ିଶାର ପ୍ରତ୍ୟେକ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ। ଆଗକୁ ମଧ୍ୟ ଏହି ବିଜୟ ଗାଥା ଜାରି ରହୁ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଗୁଡ଼ିକରେ ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ଓଡ଼ିଶାକୁ ଆପଣମାନେ ଗର୍ବିତ କରିବେ ବୋଲି ମୋର ଆଶା। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଶା ସରକାର ସଦାସର୍ବଦା ଚେଷ୍ଟିତ ଏବଂ ଖେଳାଳି ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ''। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୧୪ତମ ଜାତୀୟ ସିନିୟର ପୁରୁଷ ହକିର ଫାଇନାଲରେ ଓଡ଼ିଶା ୫-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।




କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଓଡ଼ିଶା ହକି ଦଳର ଖେଳାଳି।

# ପୁରୀ ବକ୍ସିଂ ଏକାଡେମୀରେ ଲଭଲିନା



ପୁରୀ ବକ୍ସିଂ ଏକାଡେମୀରେ ପିଲାମାନଙ୍କ ସହ ଲଭଲିନା ବୋର୍ଗୋହେନ।

**ପୁରୀ,୧୭।୧୧(ଅଜିତ କୁମାର ମହାନ୍ତି)**

ପୁରୀ ଜିଲ୍ଲା କ୍ରୀଡା ପରିସରରେ ଥିବା ପୁରାତନ ବକ୍ସିଂ ପ୍ରଶିକ୍ଷଣ ଅନୁଷ୍ଠାନ ପୁରୀ ବକ୍ସିଂ ଏକାଡେମୀକୁ ରବିବାର ପରିଦର୍ଶନ କରିଛନ୍ତି ଲଭଲିନା ବୋର୍ଗୋହେନ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ତଥା ଅର୍ଜୁନ ପୁରସ୍କାର ବିଜେତା ଲଭଲିନା ଖେଳାଳିଙ୍କ ସହ କିଛି ସମୟ ମଧ୍ୟ ବିତାଇଥିଲେ।

ଲଭଲିନା ପହଞ୍ଚିବା ପରେ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମହାପ୍ରଭୁଙ୍କ ଚତୁର୍ଦ୍ଧା ପ୍ରତିମୂର୍ତ୍ତି ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏକାଡେମୀର ଛାତ୍ରୀଛାତ୍ରଙ୍କୁ ଭେଟିବା ସହ ସମସ୍ତେ ବେଶ ପରିଶ୍ରମୀ ବୋଲି କହିଥିଲେ ଲଭଲିନା। ବକ୍ସିଂ ଏକାଡେମୀର ଭିତ୍ତିଭୂମି ଏତେଟା ସୁଦୃଢ ନ ଥିବା ବେଳେ ଆଗାମୀ ଦିନରେ ଏଠାରେ ସରକାରୀ କ୍ରୀଡା ଛାତ୍ରାବାସ ଖୋଲିବାକୁ ଯାଉଥିବା ବେଳେ ଏହା ବେଶ ସହାୟକ ହେବ ବୋଲି ଆଶା ଥିବା କହିଥିଲେ ଲଭଲିନା। ଏହି ବକ୍ସିଂ ଏକାଡେମୀରୁ ଆଗାମୀ ଦିନରେ ଅନେକ ଜାତୀୟ ସ୍ତରର ବକ୍ସର ବାହାରିବେ ବୋଲି କହିଥିଲେ ଲଭଲିନା। ଭାଗିରଥି ବାରିକ, ପ୍ରଦୀପ ଦାସ, ଅକ୍ଷୟ ନାୟକ, ମାନସ ଜେନା, ରାଜୁ ନାୟକ,ଜାବିର ଖାଁ ପ୍ରମୁଖ ଲଭଲିନାଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ରହିଥିଲେ।

# ହର୍ଷିତ, ଲଳିତ, ଆରିଶ୍ ଚାମ୍ପିୟନ

## ଅଲ୍ ଓଡ଼ିଶା ଓପନ ଚେସ୍

**ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର ଭୁବନେଶ୍ୱର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାର ସିନିୟରରେ ହର୍ଷିତ ରଞ୍ଜନ ସାହୁ, ଜୁନିୟରରେ ଲଳିତ ରଞ୍ଜନ ସାହୁ ଓ ସବ୍-ଜୁନିୟରରେ ଆରିଶ୍ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ପୂରା ୫ ପଏଣ୍ଟ ପାଇ ଶୀର୍ଷସ୍ଥାନ ଅଧିକାର କରିଥିଲେ। ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ହର୍ସ ରାଜ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ସେହିପରି ଜୁନିୟରରେ ଲଳିତ ଏକାକୀ ୫ ପଏଣ୍ଟ ପାଇଥିବାବେଳେ ରୋହିତ ମଲିକ ଓ ଅତୁଲ ପାଣିଗ୍ରାହୀ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। ସବ୍-ଜୁନିୟରରେ ଆରିଶ୍ ନନ୍ଦ ଗୋସ୍ୱାମୀ, ମନୀଶ ମିଶ୍ର ଓ ଆଦିତ୍ୟ ଜେନା ପ୍ରଥମ ତିନି ସ୍ଥାନରେ ରହିଥିଲେ। ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ ନିର୍ଦ୍ଦେଶକ ସିକତା ଦାସ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ଭୁବନେଶ୍ୱର କ୍ଲବର କାର୍ଯ୍ୟକାରୀ କମିଟି ସଦସ୍ୟ ତୁତୁଲ କିଶୋର ଦାସ, ସିକତା ଦାସ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଜେଏମ୍ ସ୍ପୋର୍ଟ୍ସରେ ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ରବିବାର ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ମିନି, ସବ୍-ଜୁନିୟର, ଜୁନିୟର ଓ ସିନିୟର ଆଦି ୪ ବର୍ଗରେ ଆୟୋଜିତ ହୋଇଥିଲା। ୮ ବର୍ଷରୁ କମ୍ ମିନି ଗ୍ରୁପ୍‌ରେ କେବଳ ଫ୍ଲୋର ଏକ୍ସରସାଇଜ୍ ହୋଇଥିଲା। ୧୦ ବର୍ଷରୁ କମ୍ ଗ୍ରୁପ୍‌ରେ ବାଳକମାନେ ଫ୍ଲୋର ଏକ୍ସରସାଇଜ୍ ସହ ଭଲ୍ଟ ଟେବୁଲ ଏବଂ ବାଳିକାମାନେ ବାଲାନ୍ସ ବିମ୍‌ରେ ଭାଗ ନେଇଥିଲେ। ସବ୍-ଜୁନିୟର, ଜୁନିୟର ଓ ସିନିୟର ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ବାଲାନ୍ସ ବମ୍, ଭଲ୍ଟ ଓ ଅନ୍‌ଇଭେନ୍ସ ବାର୍ ଆଦି ୪ ଆପାରେଟୁସରେ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍‌ଟିଂ ଟେବୁଲ ସହିତ ପାରାଲାଲ ବାର୍, ହୋରାଇଜେଣ୍ଟାଲ ବାର୍, ପୋମେଲ ହର୍ସ ଓ ରୋମାନ ରିଙ୍ଗ୍ ପ୍ରଭୃତି ୬ ଆପାରେଟୁସରେ ମୁକାବିଲା ହୋଇଥିଲା। ଚମତ୍କାର କୌଶଳ ପ୍ରଦର୍ଶନ କରି ଭବାନୀ ଶଙ୍କର ବେଉରା, ଦିବ୍ୟାଞ୍ଜଳି ମହନ୍ତ, ଦିବ୍ୟାଂଶ ପାଣିଗ୍ରାହୀ, ବେଦ ଶକଲାନି, ପ୍ରିୟମ ପ୍ରଭାତି, ଜୀଶନ ଅହମଦ ଖାଁ, ଆରାଧ୍ୟ ମଲିକ, ମହମ୍ମଦ ବରକତ ଅଲୀ, ସିଦୀକ୍ଷା ସାହୁ, ଜେଲମ ରିତିକା ଦାସ ପ୍ରମୁଖ ବିଭିନ୍ନ ବିଭାଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏମାନଙ୍କ ମଧ୍ୟରୁ ଦିବ୍ୟାଂଶ, ଜୀଶନ, ଆରାଧ୍ୟା ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଆସୋସିଏଶନ ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ, କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ମୀନତି ସାହୁ, ମହାଶ୍ୱେତା ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଜେଏମ ସ୍ପୋର୍ଟ୍ସ ଏକାଡେମୀ ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନ ଉପସଭାପତି ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଆଇନଜୀବୀ ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଭିଭାବକ ଓ କୋଚ୍‌ମାନେ ସହଯୋଗ କରିଥିଲେ।

# କାର୍ଲସେନଙ୍କୁ ଡବଲ ଟାଇଟଲ

**କୋଲକାତା, ୧୭।୧୧ (ପି.ଟି.):** ବିଶ୍ୱର ୧ ନମ୍ବର ମାଗ୍ନସ କାର୍ଲସେନ୍ ଏଠାରେ ଚାଲିଥିବା ଟାଟା ଷ୍ଟିଲ୍ ଚେସ୍ ଇଣ୍ଡିଆ ଟୁର୍ନାମେଣ୍ଟରେ ରବିବାର ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ବ୍ଲିଜ୍ ପ୍ରତିଯୋଗିତା ଜିତିଛନ୍ତି। ଏଥିସହିତ ସେ ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ଡବଲ ସଫଳତା ହାସଲ କରିଛନ୍ତି। କିଛି ଦିନ ପୂର୍ବେ ଏଠାରେ ରାପିଡ୍ ଟାଇଟଲ ଜିତିଥିବା ନରଓ୍ୱେର ଏହି ୩୩ ବର୍ଷୀୟ ଚେସ୍ ତାରକା ପ୍ରତିଯୋଗିତାର ଅନ୍ତିମ ପୂର୍ବରାଉଣ୍ଡରେ ସେ ଭାରତୀୟ ଚେସ୍ ପ୍ରତିଭା ଅର୍ଜୁନ ଏରିଗେସିଙ୍କ ବିପକ୍ଷରେ ନାଟକୀୟ ବିଜୟ ସହ ଅପରାଜେୟ ୧୨ ପଏଣ୍ଟ ଅର୍ଜନ କରିବାରେ ସମର୍ଥ ହୋଇଥିଲେ। ଫାଇନାଲ ରାଉଣ୍ଡରେ ଭିଦିତ ଗୁଜରାଠୀଙ୍କ ହରାଇ କାର୍ଲସେନ ୧୩ ପଏଣ୍ଟ ସହ ବ୍ଲିଜ ଟାଇଟଲ ହାସଲ କରିଥିଲେ। କୋଲକାତାରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଡବଲ ବିଜୟ। ଏହାଦ୍ୱାରା ସେ ୨୦୧୯ ସଫଳତାକୁ ଦୋହରାଇଛନ୍ତି। ଫିଲିପିନୋ-ଆମେରିକାନ ଗ୍ରାଣ୍ଡମାଷ୍ଟର ଓ୍ୱେସ୍‌ଲି ସୋ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ୧୧.୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।


## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଶିବାଂଶି ମହାରଣା (ବବଲି)**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ ସର୍ବଦା କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ ଏହି ପ୍ରାର୍ଥନା କରୁଛୁ।

ଶୁଭେଚ୍ଛା ସହ- ଜେଜେ, ଜେଜେମା, ଅଜା, ଆଈ, ବଡ଼ବାବା, ବଡ଼ମା, ଦାଦା, ଖୁଡ଼ୀମାନେ, ଦିପୁ, ଚିକୁଲ, ପୁତୁଲଦାଦାମାନେ, ଢୁଗୁଲ ଭାଇ, ଗୁଗଲ, ବନ୍ଧୁ ଓ ପରିବାରବର୍ଗ।

ଧ-୧୯୮୩


# ଓଡ଼ିଶା ମହିଳା, ପୁରୁଷ ଦଳକୁ ସ୍ୱର୍ଣ୍ଣ ପଦକ

## ସର୍ବଭାରତୀୟ ଗେଟ୍‌ବଲ

**ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସର୍ବଭାରତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଏହାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ପୁରୁଷ ବିଭାଗରେ ବିହାର ରୌପ୍ୟ ଓ ଝାଡ଼ଖଣ୍ଡ ବ୍ରୋଞ୍ଜ ପଦକ ହାସଲ କରିଛି। ସେହିପରି ମହିଳା ବର୍ଗରେ ଓଡିଏମ୍ ସ୍କୁଲ ରୌପ୍ୟ ଓ ମହାରାଷ୍ଟ୍ର ବ୍ରୋଞ୍ଜ ପଦକ ଜିତିଛି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ଓଡିଏମ୍ ଗ୍ରୁପ୍ ଚେୟାରମ୍ୟାନ ଏସ. ମୀନକେତନ, କ୍ରୀଡ଼ା ସଙ୍ଗଠକ ନବ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସଭାପତି ରଞ୍ଜନ କୁମାର ନନ୍ଦ, ଉପସଭାପତି ବିଶ୍ୱଜିତ ସ୍ୱାଇଁ, ବସନ୍ତ କୁମାର ବଡୁ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା ଓ ରାଜେନ୍ଦ୍ର କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଓଡ଼ିଶା ମହିଳା ଦଳ।

# ଭୁବନେଶ୍ୱର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ଭୁବନେଶ୍ୱର,୧୭।୧୧(ସରୋଜ ଜେନା)**

ପୁରୁଣା ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ଭୁବନେଶ୍ୱର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ବଡି ବିଲ୍ଡିଂ ଓ ଫିଜିକ୍ ସ୍ପୋର୍ଟ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା। ୬୦ କିଗ୍ରା ଓଜନ ବର୍ଗରେ ଦାଶରଥି ପ୍ରଧାନ, ୬୫ କିଗ୍ରା ଓଜନ ବର୍ଗରେ ଶେଖ ଜାଇଜୁଲ, ୭୦ କିଗ୍ରା ଓଜନ ବର୍ଗରେ ସୁବଳ ନାୟକ, ୭୫ କିଗ୍ରା ଓଜନ ବର୍ଗରେ ରୋହନ ଡିଗଲ, ୮୦ କିଗ୍ରା ଓଜନ ବର୍ଗରେ କ୍ଷୀରୋଦ ମହାନ୍ତି, ୮୫ କିଗ୍ରା ଓଜନ ବର୍ଗରେ ଅମୀୟ ରଞ୍ଜନ ସେଠୀ, ୯୦ କିଗ୍ରା ଓଜନ ବର୍ଗରେ ସ୍ମୃତିରଞ୍ଜନ ସାମଲ ବିଜୟୀ ହୋଇଥିଲେ। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତର୍ଜାତୀୟ ବିଚାରକ ସୁମିତ୍ରା ତ୍ରିପାଠୀ ମୁଖ୍ୟ ଅତିଥି ଓ ରାଧାନାଥ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିକାଶ ମହାସୁଆର, ଜିତିଶ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

# କର୍ପୋରେଟ କ୍ରିକେଟ: ଇନୋଭାରେ କପ୍ ଆରମ୍ଭ

**ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)**

ଇନୋଭାରେ କପ୍ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଇଡ୍‌କୋ ଓ ସୋଆ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏଥିରେ ଡିସିବି ବ୍ୟାଙ୍କ୍, ଏସଏସି ଓ ଇନ୍‌ଫୋସିସ ଦଳ ବିଜୟୀ ହୋଇଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଡିସିବି ବ୍ୟାଙ୍କ୍ ୮ ଉଇକେଟରେ ରୟାଲ ରେଞ୍ଜର୍ସଙ୍କୁ ପରାସ୍ତ କରିଛି। ବିଜୟୀ ଦଳର ଦିବ୍ୟେଶ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି କଟକର ଏସଏସି ୪ ଉଇକେଟରେ କର୍ପୋରେଟ ଆମନ୍ତ୍ରଣୀୟ ଦଳକୁ ୪ ଉଇକେଟରେ ହରାଇ ଦେଇଛି। ଜୟରାମ ରଥ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଇନ୍‌ଫୋସିସ ୪୭ ରନରେ ଷ୍ଟାର୍ଟଅପ୍ ୧୧କୁ ପରାସ୍ତ କରିଛି। ଇନ୍‌ଫୋସିସର ଅଭିଷେକ ରାୟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।


# Classified Everyday

0674-2580101, 2549949



REAL ESTATE

SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1990

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769. D-1891

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରେ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76209

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578




Newly open health benefits SPA by expert therapist. Contact- 8280961126. D-76169

Newly open health benefits SPA special offer @ 799 Bapujinagar. 8018429809. D-76168

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

AFFIDAVIT

By before the Executive Magistrate, Cuttack, I Bhagabat Mohanty, S/o- Bhaskara Mohanty, At/P.O.-Khalagaon, P.S.- Balikuda, Dist.- Jagatsinghpur, PIN- 754119, Odisha declare by this affidavit No.- 4756, dated 19.10.2024 that now onwards I shall be Bhagaban Mohanty for all future purpose. D-1989

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ଡଃ ପ୍ରଦୀପ୍ତ କୁମାର ମିଶ୍ର

ପୂର୍ବତନ ଅଧ୍ୟକ୍ଷ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଣ୍ଡଗିରି, ଭୁବନେଶ୍ୱର

ଆବିର୍ଭାବ : ଜନ୍ମାଷ୍ଟମୀ ୧୯୫୫
ତିରୋଧାନ : ୦୭.୧୧.୨୦୨୪

ସାର୍ଥକ କରି ନାମକୁ ନିଜର
ଦୀପ ହୋଇ ଦୂର କଲ ଅନ୍ଧକାର
କେତେ ଯେ ଜୀବନେ ଫୁଟାଇଲ ହସ
ସର୍ବଦା ଦେଇ ଶକ୍ତି ଓ ସାହାସ
ଚାଲିଗଲ କରି ଆଶୀର୍ବାଦ ବାରବାର
ତୁମେ ଯେ ଗଢିଥିଲ ବିଶ୍ୱ ପରିବାର
ତୁମ ଜୀବନ ଯେ ଅଟେ ଆଦର୍ଶର
ପ୍ରଭୁ ଶ୍ରୀଚରଣେ ରୁହ ନିରନ୍ତର।
ଝୁରୁଛୁ ଝୁରୁଥିବୁ.......

ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ଆପଣଙ୍କର ଛାତ୍ରଛାତ୍ରୀମାନେ

ଧ-୭୫୭୯୮

# ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର



ଇଂ. ମାୟାଧର ସ୍ୱାଇଁ

"ଭାରତ ୨୦୨୫ ମସିହାରେ ଗଗନଯାନରେ ମହାକାଶକୁ ନିଜର ମହାକାଶଚାରୀ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଭାରତ ନିଜର ଗୋଟିଏ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛି। କେନ୍ଦ୍ର ସରକାର ଏହି ବର୍ଷ ସେପ୍ଟେମ୍ବରରେ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ନାମ ରଖାଯାଇଛି 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର'। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାକୁ ଗଗନଯାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିବେଚନା କରୁଛି। ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଏହାର ପ୍ରଥମ ମଡ୍ୟୁଲକୁ ୨୦୨୮ ସୁଦ୍ଧା ପଠାଯିବ।"





ପୃଥିବୀ କକ୍ଷରେ ରହି ଏହାକୁ ପରିକ୍ରମଣ କରୁଥିବା ଏକ କୃତ୍ରିମ ସଂରଚନା ହେଉଛି ଅନ୍ତରୀକ୍ଷ କେନ୍ଦ୍ର। ଏଥିରେ ଅନେକ ଦିନ ପର୍ଯ୍ୟନ୍ତ ରହି ମହାକାଶଚାରୀମାନେ ଗବେଷଣା କରବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହାକୁ ଚାପରେ ରଖାଯାଇଥାଏ ଏବଂ ମହାକାଶଚାରୀମାନଙ୍କର ଆବଶ୍ୟକ ଜଳ, ଖାଦ୍ୟ ଓ ଅମ୍ଳଜାନକୁ ପୃଥିବୀରୁ ନିୟମିତ ବ୍ୟବଧାନରେ ପଠାଯାଏ।

ମହାକାଶ ଯାନରେ ଅନ୍ତରୀକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ଅଳ୍ପ ଦିନ ପରେ ମହାକାଶଚାରୀମାନେ ପୃଥିବୀକୁ ଫେରି ଆସୁଥିଲେ। ମହାକାଶରେ ଏକ ପରୀକ୍ଷାଗାର ସ୍ଥାପନ କରି ସେଠାରେ ନିରନ୍ତର ପରୀକ୍ଷା ଓ ଗବେଷଣା କରିବା ପାଇଁ ଉଭୟ ସୋଭିଏତ ରୁଷ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଚେଷ୍ଟା କଲେ। କିନ୍ତୁ ରୁଷ୍ ୧୮୭୧ ଏପ୍ରିଲ ୧୯ ତାରିଖରେ ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର 'ସାଲ୍ୟୁଟ-୧'କୁ ଉତ୍କ୍ଷେପଣ କରିଥିଲା। ଏଥିରେ ଗୋଟିଏ ପର୍ଯ୍ୟବେକ୍ଷଣାଗାର ଥିଲା। ସାଲ୍ୟୁଟ-୧ର ଓଜନ ୧୮୪୨୫ କିଗ୍ରା ଏବଂ ଦୈର୍ଘ୍ୟ ଓ ବ୍ୟାସ ଯଥାକ୍ରମେ ୧୫.୮ ମିଟର ଏବଂ ୪.୫ ମିଟର ଥିଲା। ଏହା ପାଖକୁ ମାତ୍ର ଦୁଇଥର ମହାକାଶଚାରୀ ଯାଇଥିଲେ। ପ୍ରଥମ ଥର ତିନି ଜଣ ଯାଇଥିଲେ ମାତ୍ର ଡିଜାଇନ୍‌ରେ ତ୍ରୁଟି ଥିବାରୁ ସେମାନଙ୍କର ଯାନ କେନ୍ଦ୍ର ସହିତ ସଂଯୋଗ ହୋଇପାରିଲା ନାହିଁ। ଏଥିପାଇଁ ସେମାନେ ଫେରି ଆସିଲେ। ତ୍ରୁଟି ସୁଧାରିବା ପରେ ଅନ୍ୟ ତିନି ଜଣ ମହାକାଶଚାରୀ ସେଠାରେ ୨୩ ଦିନ ରହି ଫେରିଥିଲେ। ମାତ୍ର ଦୁଃଖର ବିଷୟ ଯେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳେ ଗୋଟିଏ ଭାଲ୍‌ବ ଠିକ୍ ଭାବେ କାମ ନ କରିବାରୁ ତିନି ଜଣ ମହାକାଶଚାରୀ ତା' ଭିତରେ ମୃତ୍ୟୁବରଣ କରିଥିଲେ। ଏହାପରେ ରୁଷ୍ ୧୯୭୪ ଏବଂ ୧୯୮୨ ମସିହା ମଧ୍ୟରେ ଆଉ ଛଅଟି ଅନ୍ତରୀକ୍ଷ କେନ୍ଦ୍ର ପଠାଇଥିଲା। ସାଲ୍ୟୁଟ-୬ ଏବଂ ସାଲ୍ୟୁଟ-୭ରେ ମହାକାଶଚାରୀମାନେ ତିନି ମାସରୁ ଅଧିକ ସମୟ ଥିଲେ।

ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର ଥିଲା ସ୍କାଏଲାବ। ଏହାକୁ ୧୯୭୩ରେ ଉତ୍କ୍ଷେପଣ କରାଯାଇଥିଲା। ଏହାର ଓଜନ ୯୧ ଟନ୍ ଥିଲା ଏବଂ ଆପୋଲୋ ଯାନ ସାହାଯ୍ୟରେ ଖାଦ୍ୟ ଓ ମହାକାଶଚାରୀମାନେ ଏଠାକୁ ଆସୁଥିଲେ। ଏଠାକୁ ତିନି ଥର ମହାକାଶଚାରୀମାନେ ଯାଇଥିଲେ ଏବଂ ପ୍ରତ୍ୟେକ ଥରରେ ତିନି ଜଣ ମହାକାଶଚାରୀ ଥିଲେ। ଏହା ୧୯୭୯ ମସିହାରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ଧ୍ୱଂସ ହୋଇଯାଇଥିଲା।

ସୋଭିଏତ ରୁଷ୍ ୧୯୮୬ ମସିହାରେ ମିର୍ ଅନ୍ତରୀକ୍ଷ କେନ୍ଦ୍ରକୁ ଉତକ୍ଷେପଣ କରିଥିଲା। ଏଠାରେ ମହାକାଶଚାରୀମାନେ ଏକ ବର୍ଷରୁ ଅଧିକ ସମୟ ରହିଥିଲେ। ୧୯୯୧ ମସିହାରେ ସୋଭିଏତ୍ ରୁଷ ଭାଗ ହୋଇଯିବା ପରେ ଏହା ରୁଷିଆ ନିୟନ୍ତ୍ରଣକୁ ଆସିଲା। ମାତ୍ର ଏଥିପାଇଁ ଆବଶ୍ୟକ ଅର୍ଥାଭାବ ଦେଖାଦେବାରୁ ଏହାକୁ ଆମେରିକା ବ୍ୟବହାର କରିବା ପାଇଁ ଅନୁମତି ଦିଆଗଲା। ଉଭୟ ଦେଶର ମିଳିତ ଅଭିଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ନିର୍ମାଣ ପାଇଁ ପ୍ରେରଣା ଦେଲା। ଏଥିରେ କିଛି ତ୍ରୁଟି ଦେଖାଯିବା ପରେ ଏହାକୁ ୨୦୦୧ ମସିହାରେ ପୃଥିବୀର ବାୟୁମଣ୍ଡଳକୁ ଖସାଇ ଧ୍ୱଂସ କରିଦିଆଗଲା।

ଏବେ ୨୫ ଦେଶର ମିଳିତ ଉଦ୍ୟୋଗରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର କାର୍ଯ୍ୟ କରୁଛି। ଅବଶ୍ୟ ଏଥିମଧ୍ୟରେ ଭାରତ ନାହିଁ। ଏଥିପାଇଁ ୧୫୦୦୦ କୋଟି ଡଲାର ଖର୍ଚ୍ଚ ହୋଇଛି। ୧୯୯୮ ମସିହାରେ ଏହାର ପ୍ରଥମ ମଡ୍ୟୁଲକୁ ଉତ୍କ୍ଷେପଣ କରାଯାଇଥିଲା ଏବଂ ୨୦୦୦ ମସିହାରୁ ଏଠାରେ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରୁ ୨୮୬ ଜଣ ବ୍ୟକ୍ତି ଏଠାକୁ ଯାଇଛନ୍ତି। ଏହା ୨୦୩୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି।

ଚାଇନା ୨୦୨୧ ମସିହାରେ ନିଜର ମହାକାଶ କେନ୍ଦ୍ର 'ତିଆଙ୍ଗୋଙ୍ଗ'କୁ ମହାକାଶକୁ ଉତ୍କ୍ଷେପଣ କରିଛି ଏବଂ ୨୦୨୨ ମସିହା ଅକ୍ଟୋବରରେ ଏହାକୁ ପ୍ରଥମ ମହାକାଶଚାରୀ ଯାଇ ରହିଛନ୍ତି। ଏହିପରି ବର୍ତ୍ତମାନ କେବଳ ଦୁଇଟି ଅନ୍ତରୀକ୍ଷ କେନ୍ଦ୍ର-ଅନ୍ତରୀକ୍ଷ ମହାକାଶ କେନ୍ଦ୍ର ଏବଂ ତିଆଙ୍ଗୋଙ୍ଗ କାର୍ଯ୍ୟରତ ଅଛି।

ଆମ ଦେଶ ଭାରତ ମହାକାଶ ଅଭିଯାନରେ ଅନେକ କୃତିତ୍ୱ ହାସଲ କରିଛି। ଚନ୍ଦ୍ରପୃଷ୍ଠରେ ଯାନ ଅବତରଣ, ମଙ୍ଗଳ କକ୍ଷରେ ମହାକାଶ ଯାନ ଏବଂ ସୂର୍ଯ୍ୟ ସନ୍ଧାନରେ ମହାକାଶ ଯାନ ପ୍ରେରଣ ହେଉଛି ଏହାର କେତେଗୁଡିଏ କୃତୀ। ଭାରତ ୨୦୨୫ ମସିହାରେ ଗଗନଯାନରେ ମହାକାଶକୁ ନିଜର ମହାକାଶଚାରୀ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଭାରତ ନିଜର ଗୋଟିଏ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛି। କେନ୍ଦ୍ର ସରକାର ଏହି ବର୍ଷ ସେପ୍ଟେମ୍ବରରେ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ନାମ ରଖାଯାଇଛି 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର'। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାକୁ ଗଗନଯାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିବେଚନା କରୁଛି। ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଏହାର ପ୍ରଥମ ମଡ୍ୟୁଲକୁ ୨୦୨୮ ସୁଦ୍ଧା ପଠାଯିବ। ଏହାର ଓଜନ ୫୨ ଟନ୍ ହେବ ଏବଂ ଏହାକୁ ଭୂପୃଷ୍ଠରୁ ୪୦୦ରୁ ୪୫୦ କିମି ଉଚ୍ଚତା ମଧ୍ୟରେ ଅବସ୍ଥାପିତ କରାଯିବ। ପାଞ୍ଚଟି ମଡ୍ୟୁଲରେ ଏହି କେନ୍ଦ୍ର ନିର୍ମିତ ହେବ ଏବଂ ଏହାର ମୋଟ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୭ ମିଟର ଏବଂ ୨୦ ମିଟର ରହିବ। ଏହା ମଧ୍ୟରେ ଚାରି ଜଣ ମହାକାଶଚାରୀ ଏକାଦିକ୍ରମେ ୩-୪ ମାସ ପର୍ଯ୍ୟନ୍ତ ରହି ଗବେଷଣା କରିପାରିବା ଭଳି ଏହାକୁ ଡିଜାଇନ୍ କରାଯାଇଛି। ସୌର ଫଳକ ସାହାଯ୍ୟରେ ଏହା ଆବଶ୍ୟକ ଶକ୍ତି ପାଇବ।

ଆଶାକରାଯାଉଛି, ଉଲ୍ଲେଖନୀୟ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସହାୟତା କରିବ। ଅତିକମ ମାଧ୍ୟାକର୍ଷଣରେ ଗବେଷଣା କରି ଭାରତୀୟ ମହାକାଶଚାରୀମାନେ ସଫଳତା ଲାଭ କରିବାର ଅନେକ ସମ୍ଭାବନା ରହିଛି। ଏହି କେନ୍ଦ୍ର ଇସ୍ରୋ ଖ୍ୟାତିକୁ ଆହୁରି ବୃଦ୍ଧି କରିବ।

-ଲକ୍ଷ୍ମୀବିହାର ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ଆଲର୍ଜିରୁ ରକ୍ଷା ପାଇବାର ସହଜ ଉପାୟ



ଆପଣ ଆଲର୍ଜିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବା ପାଇଁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରେ। ଭିଟାମିନ୍ 'ଇ'ରେ ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏଭଳି ଖାଦ୍ୟ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଏରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ୍ୟ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ଶୀତଦିନିଆ ଖାଦ୍ୟ



ସାଧାରଣତଃ ଶୀତଦିନେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଅଧିକ ପରିମାଣରେ ମିଳିଥାଏ। ଏଥିରେ ଭିଟାମିନ୍-ଏ, ଭିଟାମିନ୍ 'ସି', ଭିଟାମିନ୍ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନ ଭରି ରହିଛି। ଗାଜରରେ ବିଟା କାରୋଟିନ୍, ଭିଟାମିନ୍ 'ସି', ବିଟ୍‌ରେ ଭିଟାମିନ୍-ଏ, ବି,ସି,କେ ଭରି ରହିଛି। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। ଶାଗରୁ ମଧ୍ୟ ଅତି ଉପକାରୀ ଓମେଗା-୩ ନାମକ ସ୍ନେହସାର ମିଳିଥାଏ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଆଶଙ୍କା କେତେକାଂଶରେ ହ୍ରାସ ପାଏ। ଶୀତଦିନେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ମୂଳାରେ ଭିଟାମିନ୍, ଖଣିଜ ଲବଣ ଆଦି ରହିଛି। ତେଣୁ ଡାଇବେଟିସ୍ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ।

## ଡାଇବେଟିସ୍ : କେତୋଟି କଥା




- ଯଦି ଆପଣ ଡାଇବେଟିସ୍‌ରେ ଆକ୍ରାନ୍ତ ତେବେ ପ୍ରଥମ କଥା ହେଲା ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ। ଏହାବ୍ୟତୀତ ପରିସ୍ରାରେ ସୁଗାର କେତେ ରହୁଛି ତାହା ମଧ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିବର୍ଷ ଆଉ କେତେକ ଆନୁଷଙ୍ଗିକ ପରୀକ୍ଷା କରାଇ ନେବା ଦରକାର। କିଡ୍‌ନୀ, ହାର୍ଟ ଏବଂ ଦୃଷ୍ଟିଶକ୍ତି କିପରି ରହୁଛି ତାହା ପରୀକ୍ଷା କରାଇ ନିଅନ୍ତୁ। ଏହାବ୍ୟତୀତ ରକ୍ତରେ କୋଲେଷ୍ଟରଲ ପରିମାଣ ମାପିବାକୁ ଭୁଲନ୍ତୁ ନାହିଁ।
- ଏଭଳି ସମସ୍ୟା ରହିଲେ ନିୟମିତ ଔଷଧ ଖାଇବାକୁ ପଡ଼ିଥାଏ। ତେଣୁ ଡାକ୍ତର ପ୍ରେସକ୍ରିପ୍‌ସନରେ ଯେଭଳି ଔଷଧ ଖାଇବାକୁ ଉଲ୍ଲେଖ କରିଛନ୍ତି ତାହାକୁ ଅନୁସରଣ କରନ୍ତୁ। ମନକୁ ମନ ଏହି ଔଷଧ ବନ୍ଦ କରନ୍ତୁ ନାହିଁ।
- ଜଣେ ଡାଇବେଟିସ୍ ରୋଗୀ ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ ସାମିଲ କରିବା ନିହାତି ଦରକାର। ସକାଳୁ ଯେମିତି ହେଲେ ଅଧ ଘଣ୍ଟାଏ ଚାଲନ୍ତୁ।
- ଉପରୋକ୍ତ ବିଷୟ ବ୍ୟତୀତ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ।

## ମୁଣ୍ଡବ୍ୟଥାର ଘରୋଇ ଉପଚାର

ଆଜିକାଲି ପ୍ରାୟ ସମସ୍ତଙ୍କର ମୁଣ୍ଡବ୍ୟଥା ହେଉଛି। ସେ ଘର ପାଇଁ ହେଉ ଅବା ଅଫିସ୍ କାରଣ ପାଇଁ; ସମସ୍ତେ ଏହାର ଶିକାର ହେଉଛନ୍ତି। ତେବେ ଘରୋଇ ଭାବେ ଏହାର ଉପଚାର ଆମେ କିପରି କରିପାରିବା, ଜାଣନ୍ତୁ କିଛି। ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି



ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବ୍ୟଥା ହୁଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ପ୍ରତିଦିନ ଯୋଗ କରିବା ଦ୍ୱାରା ଏଥିରୁ ଆମକୁ ରକ୍ଷା ମିଳିଥାଏ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। ମୁଣ୍ଡ ବିନ୍ଧିବାର ଆଉ ଏକ କାରଣ ହେଲା ଶୋଇବାରେ ଅନିୟମିତତା। ତେଣୁ ସବୁବେଳେ ଶୋଇବାର ଏକ ସମୟ ନିର୍ଦ୍ଧାରଣ କରନ୍ତୁ। ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ମୁଣ୍ଡବିନ୍ଧାରୁ ରକ୍ଷା ପାଇବା ପାଇଁ ସେଭଳି ଅଭ୍ୟାସ ବର୍ଜନ କରନ୍ତୁ। ମୁଣ୍ଡବ୍ୟଥାରୁ ଉପଶମ ପାଇବା ଲାଗି ପ୍ରଚୁର ପାଣି ପିଅନ୍ତୁ। କାରଣ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଲେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା କମ୍ ଥାଏ।

## ଜାଣି ରଖନ୍ତୁ

- ►ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ଏକଥା ମନେ ରଖିବା ନିହାତି ଦରକାର। ଏଭଳି ଅଭ୍ୟାସ ଭବିଷ୍ୟତରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେବଳ ସେତିକି ନୁହେଁ ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ଏହାକୁ ମଧ୍ୟ ଅସନ୍ତୁଳିତ ରଖେ।
- ►ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହା କୋଲେଷ୍ଟରଲ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ►ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା।
- ►ବ୍ରେକ୍‌ଫାଷ୍ଟ ତାଲିକାରେ ଗାଜର ସାମିଲ କରନ୍ତୁ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ମଜଭୁତ ହେବାରେ ସାହାଯ୍ୟ କରେ।
- ►କେତେକ ରୋଗରେ ପୀଡ଼ିତ ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାକୁ ପଡିଥାଏ। ସେଥିପ୍ରତି ସଚେତନ ରୁହନ୍ତୁ।

## ସୁସ୍ଥ ରହିବାର ସରଳ ଉପାୟ



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍ ଓ ଖଣିଜ ଲବଣ ଗ୍ରହଣ କରିବା ନିହାତି ଆବଶ୍ୟକ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଭିଟାମିନ୍ସ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚେ ଏବଂ ଶରୀରରେ ବିଶୁଦ୍ଧ ବାୟୁ ଚଳାଚଳ କରିବାରେ ସାହାଯ୍ୟ କରେ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖି ଶରୀରର ବିକାଶରେ ସାହାଯ୍ୟ କରେ। ହାଡ଼, ଅସ୍ଥି ଓ ମଜାଗୁଡ଼ିକୁ ମଜଭୁତ ରଖିବା ପାଇଁ ଅତି କମ୍‌ରେ ୩୦ ପ୍ରକାରର ଭିଟାମିନ୍, ଖଣିଜ ଲବଣ ଏବଂ ଡାଏଟାରୀ କମ୍ପୋନେଟ୍ ଦରକାର, ଯାହା ହାଡ଼ ଗଠନ କରିବା ସହିତ କ୍ଷତ ସ୍ଥାନ ପୂରଣ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏତଦ୍‌ବ୍ୟତୀତ ଉପଯୁକ୍ତ ଉତ୍ତମ ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ➤ଯଦି ଟେନସନର ବଶବର୍ତ୍ତୀ ହୋଇଛନ୍ତି ତେବେ ସେହି ସମୟରେ କାମରୁ କିଛି ସମୟ କ୍ଷାନ୍ତ ହୋଇ ବିଶ୍ରାମ ନିଅନ୍ତୁ। ନିଜର ମାନସିକ ସ୍ଥିତି ଠିକ୍ ଅବସ୍ଥାକୁ ଆସିଲେ ପୁଣି ଥରେ କାମ କରିବା ଆରମ୍ଭ କରନ୍ତୁ।
- ➤ଅଧିକାଂଶ ସମୟ ଖାଲି ପେଟରେ ରହନ୍ତୁ ନାହିଁ। ଏଭଳି ଅଭ୍ୟାସ ଦୀର୍ଘ ଦିନ ଧର ଲାଗି ରହିଲେ ତାହା ଗ୍ୟାଷ୍ଟ୍ରିକ ସମସ୍ୟାର କାରଣ ହୋଇଥାଏ।
- ➤ନିୟମିତ ମହୁ ଖାଇଲେ ତାହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ତା' ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ।
- ➤ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରନ୍ତୁ।
- ➤ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ➤ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।
- ➤ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରନ୍ତୁ। ଏହାଦ୍ୱାରା ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।



## ଦୂର ସାଗରର ଝଡ଼

(ଶେଷ ଭାଗ)

**ଜଳର ବଳ:** ବାୟୁରେ ଅସଂଖ୍ୟ ଜଳୀୟବାଷ୍ପ କଣିକା ଅଦୃଶ୍ୟ ରୂପେ ଥାଏ। ଶୀତଳବାୟୁର ଜଳୀୟବାଷ୍ପ ଧାରଣ କ୍ଷମତା ସୀମିତ ଥିଲାବେଳେ ଖରାଦିନର ଗରମ ବାୟୁ ଯଥେଷ୍ଟ ଜଳୀୟବାଷ୍ପ ଧାରଣ କରିପାରେ। ପୃଥିବୀର ପାଣିପାଗ ଅନେକାଂଶରେ ବାୟୁରେ ଥିବା ଏହି ଅଦୃଶ୍ୟ ଜଳୀୟବାଷ୍ପର ପରିମାଣ ଉପରେ ନିର୍ଭର କରେ। ଜଳ ହିଁ ପ୍ରକୃତିର ଏକମାତ୍ର ପଦାର୍ଥ ଯାହା ବାୟୁମଣ୍ଡଳୀୟ ସାଧାରଣ ତାପମାତ୍ରା ତାରତମ୍ୟତାରେ ପଦାର୍ଥର ସମସ୍ତ ତିନୋଟି ରୂପ ଯଥା କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ରହିପାରେ। ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣକଥା ହେଉଛି ଯେ, ଜଳର ଅବସ୍ଥା ପରିବର୍ତ୍ତନ ସମୟରେ ବିପୁଳ ତାପର ବିନିମୟ ଘଟେ। ବିଜ୍ଞାନରେ ଏହାକୁ ଗୁପ୍ତ ତାପ କହନ୍ତି। ଜଳର ଗୁପ୍ତ ତାପ ହେଉଛି ୨.୫ x ୧୦ ୬ J kg-୧ ଯାହା ଅସ୍ୱାଭାବିକ ଭାବେ ବହୁତ ବେଶି। (ତୁଳନା କରି ଦେଖନ୍ତୁ: ତରଳ ଆମୋନିଆର ଗୁପ୍ତ ତାପ: ୧.୨ x ୧୦ ୬ J kg-୧, ପ୍ରୋପେନ: ୪.୨ x ୧୦ ୫ J kg-୧, ଇଥର: ୩.୯ x ୧୦ ୩ J kg-୧, କାର୍ବନ ଟେଟ୍ରାକ୍ଲୋରାଇଡ: ୨.୨ x ୧୦ ୫ J kg-୧। ଏଣୁ ଜଳ ସ୍ୱତଃ ବାଷ୍ପ ହେଲେ ପ୍ରଚୁର ତାପ ଗ୍ରହଣ କରୁଥିଲାବେଳେ ଜଳୀୟବାଷ୍ପ ଅବସ୍ଥାରୁ ଘନୀଭୂତ ହୋଇ ଜଳଟୋପାରେ ପରିଣତ ହେଲେ ବିପୁଳ ତାପ ନିର୍ଗତ କରେ। ଏହି ତାପ ହିଁ ସାମୁଦ୍ରିକ ଝଡ଼କୁ ସକ୍ରିୟ ଓ ଶକ୍ତିଶାଳୀ କରିଥାଏ।

ସମୁଦ୍ର ବକ୍ଷରେ ସଷ୍ଟ ଖଣ୍ଡିଆଭୂତରେ ଚତୁଃପାର୍ଶ୍ୱର ଉଷ୍ମ ଆର୍ଦ୍ର ପବନ ପହଞ୍ଚି ଅଚାନକ ପ୍ରସାରିତ ହୁଏ ଓ ଭଉଁରି ଉପରିସ୍ଥ ଶୀତଳ ବାଦଲଖଣ୍ଡକୁ ଉଠି ଆହୁରି ପ୍ରସାରିତ ହୁଏ। ଏହି ଅଚାନକ ପ୍ରସାରଣ



ଦ୍ୱାରା ବାୟୁରେ ଥିବା ଜଳୀୟବାଷ୍ପ ଶୀତଳ ଓ ଘନୀଭୂତ ହୋଇ ଜଳଟୋପାରେ ପରିଣତ ହୁଏ। ଏହି ପ୍ରକ୍ରିୟା ଚତୁଃପାର୍ଶ୍ୱକୁ ବିପୁଳ ତାପ ନିର୍ଗତ କରେ। ଏହି ତାପରେ ସମୁଦ୍ର ପୃଷ୍ଠରୁ ଅଧିକରୁ ଅଧିକ ଜଳ ବାଷ୍ପ ହୋଇ ଉଷ୍ମ ଆର୍ଦ୍ର ପବନ ଆକାରରେ ଖଣ୍ଡିଆଭୂତର କେନ୍ଦ୍ର ଆଡ଼କୁ ଛୁଟି ଆସେ। ଏହି ଉଷ୍ମ ଆର୍ଦ୍ର ପବନ ହିଁ ଝଡ଼ର ଇନ୍ଧନ ଅଟେ। ଏହି ପବନ ପୂର୍ବ ପରି ଭଉଁରିରେ ଘୂରି ଘୂରି ଉପରକୁ ଉଠେ, ଶୀତଳ ହୋଇ ଜଳଟୋପାରେ ପରିଣତ ହୁଏ ଓ ପୁଣି ବିପୁଳ ତାପ ନିର୍ଗତ କରେ। ଏହି ତାପରେ ସମୁଦ୍ର ପୃଷ୍ଠରୁ ପୁଣି ଅଧିକରୁ ଅଧିକ ଉଷ୍ମ ଆର୍ଦ୍ର ପବନ ସୃଷ୍ଟି ହୁଏ ଏବଂ ପୂର୍ବ ପ୍ରକ୍ରିୟା ଅବ୍ୟାହତ ରହି ଝଡ଼କୁ ନିରନ୍ତର ତ୍ୱରାନ୍ୱିତ କରେ। ଫଳରେ ସାମୁଦ୍ରିକ ଝଡ଼ସବୁ ଦୀର୍ଘସ୍ଥାୟୀ ହୋଇ ସପ୍ତାହ ସପ୍ତାହ ଧରି ଚାଲୁ ରହୁଥିଲାବେଳେ ପବନ ଘଣ୍ଟାକୁ ୩୦୦ କିମି ଭଳି ଦୁରନ୍ତ ବେଗରେ ପ୍ରବାହିତ ହୋଇଥାଏ।

ଏଭଳି ଝଡ଼କୁ ସାଧାରଣତଃ 'ହରିକେନ' କୁହାଯାଉଥିଲାବେଳେ ପ୍ରଶାନ୍ତ ମହସାଗରରେ 'ଟାଇଫୁନ', ଅଷ୍ଟ୍ରେଲିଆ ଉପକୂଳରେ 'ୱିଲେ' ଓ ଫିଲିପାଇନ୍‌ସ ଦ୍ୱୀପପୁଞ୍ଜରେ 'ବାଗୁଓସ' କହନ୍ତି। ଆମ ଦେଶରେ ଏହା ସାଧାରଣତଃ 'ସାଇକ୍ଲୋନ' ବା 'ଘୂର୍ଣ୍ଣିବାତ୍ୟା' ନାମରେ ପରିଚିତ। ସାଇକ୍ଲୋନ ପ୍ରକୃତରେ ଏକ ଗ୍ରୀକ୍ ଶବ୍ଦ, ଯାହାର ଅର୍ଥ ସାପର କୁଣ୍ଡଳୀ। ଜଣେ ବ୍ରିଟିଶ୍ ପାଣିପାଗ ବିଜ୍ଞାନୀ ପିଡିଙ୍ଗଟନ ବଙ୍ଗୋପସାଗର ଓ ଆରବ ସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଉଦ୍‌ବେଳନକୁ ବୁଝେଇବା ପାଇଁ ଏଭଳି ବିଚିତ୍ର ନାମକରଣ ବ୍ୟବହର କରିଥିଲେ।

ଏବେ କିନ୍ତୁ ବିଜ୍ଞାନର ଅଗ୍ରଗତି ବଳରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଆକାଶରେ ଅବସ୍ଥାପିତ ଉପଗ୍ରହର ଫଟୋଚିତ୍ର ତଥା ଦକ୍ଷ କମ୍ପ୍ୟୁଟର ମଡେଲ ଜରିଆରେ ଦୂର ସମୁଦ୍ର ବକ୍ଷରେ ଝଡ଼ର ଉତ୍ପତ୍ତିଠାରୁ ଆରମ୍ଭ କରି, ଏହାର ଅଭ୍ୟୁଦୟ, ପରିଣତି, ଗତିପଥ, ପବନର ବେଗ, ସ୍ଥଳଭାଗ ସ୍ପର୍ଶର ସ୍ଥାନ ଓ କାଳ ନିରୂପଣ ଆଦି ଘଟଣାକୁ ଅତି ନିର୍ଭୁଲ ଭାବେ ପୂର୍ବାନୁମାନ କରାଯାଇ ଆଗୁଆ ସତର୍କ ସୂଚନା ଜାରି କରାଯାଇ ପାରୁଛି। ଫଳରେ ବିପନ୍ନଙ୍କ ପାଇଁ ରିଲିଫ ଯୋଗାଣ ଓ ଉଦ୍ଧାରକାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରାଯାଇ କ୍ଷୟକ୍ଷତିର ପରିମାଣକୁ ହ୍ରାସ କରାଯାଇ ପାରୁଛି।

-ନିକୁଞ୍ଜ ବିହାରୀ ସାହୁ, ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଭାରତ ସେମିରେ ଜାପାନକୁ ଭେଟିବ

ରାଜଗିର, ୧୭।୧୧

ବିହାରର ରାଜଗିରଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଆଗାମୀ ୧୯ ତାରିଖରେ ହେବାକୁଥିବା ସେମିରେ ପ୍ରଥମ ସ୍ଥାନ ହାସଲ କରିଥିବା

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଭାରତ ୪ର୍ଥ ସ୍ଥାନରେ ରହିଥିବା ଜାପାନକୁ ଭେଟିବ। ଅନ୍ୟ ସେମିଫାଇନାଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଚାଇନା ଓ ମାଲେସିଆ ପରସ୍ପରକୁ ଭେଟିବେ। ସେହିଦିନ ଟେବୁଲର ନିମ୍ନରେ ରହିଥିବା ଦୁଇ ଦଳ ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ ମଧ୍ୟରେ ୫ମ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଜାପାନକୁ ୩-୦ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ଦୀପିକା ଶେରାଓ୍ୱତ ୪୭ ଓ ୪୮ତମ ମିନିଟରେ ୨ଟି ଏବଂ ନଭନୀତ କୌର ୩୭ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏକମାତ୍ର ଦଳଭାବେ ଭାରତ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଛି। ଏହି ଦଳ ୫ ମ୍ୟାଚରୁ ୫ ବିଜୟ ସହ ୧୫ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଚାଇନା ୧୨ ପଏଣ୍ଟ ପାଇ ଦ୍ୱିତୀୟ ଏବଂ ମାଲେସିଆ ଓ ଜାପାନ ୬ ଓ ୫ ପଏଣ୍ଟ ସହିତ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଛି। ଦକ୍ଷିଣ କୋରିଆ ୪ ଓ ଥାଇଲାଣ୍ଡ ୧ ପଏଣ୍ଟ ପାଇ ଶେଷ ଦୁଇସ୍ଥାନରେ ରହିଛନ୍ତି।



ଗୋଲ ସ୍କୋରପରେ ଉଲ୍ଲସିତ ଭାରତୀୟ ଦଳର ଖେଳାଳି।

### ଚାଇନା, ମାଲେସିଆ ବିଜୟୀ

ଅନ୍ୟ ୨ଟି ମ୍ୟାଚରେ ଚାଇନା ଓ ମାଲେସିଆ ବିଜୟ ହାସଲ କରିଛନ୍ତି। ଦକ୍ଷିଣ କୋରିଆକୁ ଚାଇନା ୨-୦ ଓ ଥାଇଲାଣ୍ଡକୁ ମାଲେସିଆ ୨-୦ ଗୋଲରେ ପରାସ୍ତ କରିଛି। ଚାଇନାଠାରୁ ପରାଜୟ ସହ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଦକ୍ଷିଣ କୋରିଆର ଅଭିଯାନ ଏଥର ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ପ୍ରତିଯୋଗିତା ଇତିହାସରେ ଏହି ଦଳ ଏପର୍ଯ୍ୟନ୍ତ ସର୍ବାଧିକ ୩ ଥର ୨୦୧୦, ୨୦୧୧ ଓ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଭାରତ (୨୦୧୬, ୨୦୨୩), ଚାଇନା (୨୦୧୧, ୨୦୧୬) ଓ ଜାପାନ (୨୦୧୩, ୨୦୨୧) ୨ ଥର ଲେଖାଏ ଟାଇଟଲ ହାସଲ କରିଛନ୍ତି।

### ଦୀପିକା ଟପ୍ ସ୍କୋରର

ଚମତ୍କାର ଫର୍ମରେ ଥିବା ଭାରତର ଦୀପିକା ସେରାଓ୍ୱତ ଲିଗ୍ ପର୍ଯ୍ୟାୟ ଶେଷରେ ଟପ୍ ସ୍କୋରର ରହିଛନ୍ତି। ସେ ୫ ମ୍ୟାଚରେ ୧୦ଟି ଗୋଲ ଦେଇଛନ୍ତି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୧୫ ମ୍ୟାଚରେ ୭୧ ଗୋଲ ହୋଇଛି। ମ୍ୟାଚପିଛା ଗୋଲ ଆଭରେଜ ୪.୭୩ ରହିଛି।

## ଷ୍ଟିଲର୍ସ ବିଜୟୀ

ନୂଆଦିଲ୍ଲୀ,୧୭।୧୧: ପ୍ରୋ କବାଡି ଲିଗ୍‌ରେ ରବିବାର ତାମିଲ ଥାଲାଇଭାସ୍ ବିପକ୍ଷ ମ୍ୟାଚକୁ ୩୬-୨୯ରେ ବିଜୟୀ ହୋଇଛି ହରିୟାଣା ଷ୍ଟିଲର୍ସ।

# ‘ସୁସ୍ଥ ସମାଜ ଗଠନର ବଳିଷ୍ଠ ମାଧ୍ୟମ’

**ଡ୍ରଗ୍ସମୁକ୍ତ ଭୁବନେଶ୍ୱର ପାଇଁ ନାଇଟ୍ ମାରାଥନ୍**

ଭୁବନେଶ୍ୱର,୧୭।୧୧(ସରୋଜ ଜେନା)

ଡ୍ରଗ୍ସ ମୁକ୍ତ ଭୁବନେଶ୍ୱର ପାଇଁ ୟଙ୍ଗ ଇଣ୍ଡିଆନ୍ସ ଓ ସିଆଇଆଇ ପକ୍ଷରୁ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ସହଯୋଗରେ ଏକ ନାଇଟ୍ ମାରାଥନ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଯାଇଛି। ‘ଭୁବନେଶ୍ୱର ବାଇ ନାଇଟ୍’ ନାମରେ ନାମିତ ଏହି ମାରାଥନକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବଲିଉଡ୍ ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଭାପତି ରାହୁଲ ବୋଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହକି ଇଣ୍ଡିଆ ସଭାପତି ଦୀଲିପ ତିର୍କୀ, ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଅଭିନେତା ବାବୁଶାନ ମହାନ୍ତି, ୟଙ୍ଗ ଇଣ୍ଡିଆନ୍ସ ସଭାପତି ସୋନାଲ ମୋର ଓ ପୂର୍ବତନ ସଭାପତି ସୁଜିତ୍ କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡ୍ରଗ୍ସ ବ୍ୟବହାର ସମ୍ପର୍କରେ ଯୁବପିଢ଼ିକୁ ସଚେତନ କରାଇ ଏକ ସୁସ୍ଥ ସମାଜ ଗଢ଼ିବାର ଏହା ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ ରାହୁଲ ବୋଷ। ସେହିପରି ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହକି କିମ୍ବଦନ୍ତୀ ଦୀଲିପ ତିର୍କୀ ବେଶ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ଓଡ଼ିଶା ନୁହେଁ ଦେଶର ଅନ୍ୟ ସ୍ଥାନରେ ମଧ୍ୟ ହେବା ଉଚିତ। ପଞ୍ଜାବ ଭଳି ରାଜ୍ୟ ଗୁଡିକରେ ଯୁବ ସମାଜ ଡ୍ରଗ୍ସ କବଳରେ ରହିଥିବା ବେଳେ ଏଭଳି କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣି ହେବ ବୋଲି ତିର୍କୀ କହିଥିଲେ।

୨.୫ କି.ମି., ୫ କି.ମି. ଓ ୧୦ କି.ମି. ପରି ୩ ବର୍ଗରେ ଆୟୋଜିତ ରେସ୍ କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇ ୧୨୦ ବାଟାଲିୟନ ଯାଏ ଚାଲିଥିଲା। ମାରାଥନରେ ୬୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ୍ରଗ୍ସର ଭୟାବହତା ସମ୍ପର୍କରେ ସଚେତନ କରାଇବା ପାଇଁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କଳିଙ୍ଗ ଷ୍ଟାଡିୟମରେ ରବିବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପତାକା ଦେଖାଇ ଭୁବନେଶ୍ୱର ନାଇଟ ମାରାଥନର ଶୁଭାରମ୍ଭ କରୁଛନ୍ତି।

## ଖେଳି ନ ପାରନ୍ତି ନାଡାଲ

ମାଡ୍ରିଡ୍, ୧୭।୧୧ (ଏପି): ସ୍ପାନିଶ ଟେନିସ ଷ୍ଟାର ରାଫାଲ ନାଡାଲ ଯଦି ସମ୍ପୂର୍ଣ୍ଣରୂପେ ନିଜକୁ ଫିଟ୍ ଅନୁଭବ ନ କରନ୍ତି ତେବେ ମାଲାଗାଠାରେ ଖେଳାଯିବାକୁ ଥିବା ଡେଭିସ୍ କପ୍ ଫାଇନାଲ୍ସରେ ନିଜ ଦେଶରୁ ପ୍ରତିନିଧିତ୍ୱ କରିବେ ନାହିଁ। ସ୍ପେନ ଦଳର ଅଧିନାୟକ ଡେଭିଡ୍ ଫେରରଙ୍କୁ ଏବିଷୟରେ ସେ ଅବଗତ କରାଇଛନ୍ତି। ୨୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୩୮ବର୍ଷୀୟ ନାଡାଲ ତାଙ୍କ ଦୀର୍ଘ ୨୦ ବର୍ଷର କ୍ୟାରିୟରରେ ଅନେକ ଥର ଇଞ୍ଜୁରୀ ହୋଇଛନ୍ତି। ଡେଭିସ କପ୍ ପରେ ଟେନିସରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି। ୨୦୨୪ରେ ନାଡାଲଙ୍କ ସିଙ୍ଗଲ୍ସ ରେକର୍ଡ ୧୨-୭ ରହିଛି। ଗତ ଅଗଷ୍ଟରେ ପ୍ୟାରିସ ଅଲିମ୍ପିକ୍ସରେ ସେ ତାଙ୍କ ଶେଷ ଅଫିସିଆଲ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ଦ୍ୱିତୀୟ ରାଉଣ୍ଡରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ହାରିଯାଇଥିଲେ।







# ତୃତୀୟ ପେସର୍ ପାଇଁ ହର୍ଷିତ, ପ୍ରସିଦ୍ଧ ଲଢ଼େଇ

- ଅଷ୍ଟ୍ରେଲିଆରେ ରହିଲେ ପଡିକଲ
- ସୟଦ ମୁସ୍ତାକ ଅଲୀ ଖେଳିବେ ଶାମି

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ନଭେମ୍ବର ୨୨ ତାରିଖରେ ପର୍ଥରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳ ଆପାତତଃ ନିର୍ଦ୍ଧାରିତ ହୋଇ ସାରିଛି। ତେବେ ତୃତୀୟ ପେସ୍ ବୋଲର ଭାବରେ କିଏ ଖେଳିବେ ତାହା ଏଯାଏ ନିଶ୍ଚିତ ହୋଇ ପାରି ନାହିଁ। ଏହି ମ୍ୟାଚ୍ ପାଇଁ ଦିଲ୍ଲୀର ପେସ୍ ବୋଲର ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ। ହର୍ଷିତ ଏହି ମ୍ୟାଚ୍‌ରେ ପଦାର୍ପଣ କରିବାର ସମ୍ଭାବନା ଅଧିକ ରହିଛି। ତେବେ ନିକଟରେ ଭାରତ ଏ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ସୁଯୋଗ ମିଳିବାର ସମ୍ଭାବନା ରହିଛି। ହର୍ଷିତଙ୍କ ନିକଟରେ ମାତ୍ର ୧୦ ପ୍ରଥମ ଶ୍ରେଣୀ ମ୍ୟାଚ୍‌ର ଅନୁଭବ ରହିଛି। ତେବେ ନିୟମିତ ୧୪୦+ ଗତିରେ ବୋଲିଂ କରିବାରେ ସେ ସମର୍ଥ। ଏହା ସହିତ ପର୍ଥର ବାଉନ୍ସି ଉଇକେଟରେ ସେ ପ୍ରତିପକ୍ଷ ବ୍ୟାଟରଙ୍କୁ ଅସୁବିଧାରେ ପକାଇ ପାରିବେ। ଭାରତୀୟ ଦଳର ନେଟ୍ସରେ ହର୍ଷିତ ବ୍ୟାଟରଙ୍କୁ ଏକାଧିକ ଥର ବିଟ୍ କରିବାରେ ସମର୍ଥ ହୋଇଥିଲେ। ସେହିପରି କର୍ନାଟକର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ଭାରତୀୟ ଦଳର ବୋଲିଂ କୋଚ୍ ମର୍ନେ ମର୍କେଲ ନେଟ୍ସରେ ପ୍ରସିଦ୍ଧଙ୍କ ସହ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ଏ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ପରାଜିତ ହୋଇଥିଲେ ମଧ୍ୟ ପ୍ରସିଦ୍ଧ ଚମତ୍କାର ବୋଲିଂ କରିଥିଲେ। ପ୍ରସିଦ୍ଧ ଭାରତ ପକ୍ଷରୁ ୨ଟି ଟେଷ୍ଟ ମ୍ୟାଚ୍ ମଧ୍ୟ ଖେଳି ସାରିଛନ୍ତି।

### ଖେଳିବେନି ରୋହିତ

ନିକଟରେ ପିତୃତ୍ୱ ଲାଭ କରିଥିବା ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟ ଖେଳିବେନି ବୋଲି ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଶୁବମାନ ଗିଲ୍‌ଙ୍କ ଆଙ୍ଗୁଠି ଭାଙ୍ଗି ଯାଇଥିବା ବେଳେ ଓପନର ଦେବଦତ୍ତ ପଡିକଲଙ୍କୁ ଅଷ୍ଟ୍ରେଲିଆରେ ରୋକିବା ପାଇଁ ବିସିସିଆଇ ପକ୍ଷରୁ କୁହାଯାଇଛି। ପଡିକଲ ଅଷ୍ଟ୍ରେଲିଆ ଏ ବିପକ୍ଷ ଅନଅଫିସିଆଲ ଟେଷ୍ଟରେ ୩୬, ୮୮, ୨୬ ଓ ୧ ରନ୍ ସଂଗ୍ରହ କରିଥିଲେ।

### ଘରୋଇ କ୍ରିକେଟ ଖେଳିବେ ଶାମି

ଭାରତୀୟ ପେସ୍ ବୋଲର ମହମ୍ମଦ ଶାମି ରଣଜୀ ଟ୍ରଫି ଖେଳି ନିଜର ମ୍ୟାଚ୍ ଫିଟନେସ ପ୍ରମାଣ ଦେଇ ସାରିଛନ୍ତି। ତେବେ ଶାମିଙ୍କୁ ନେଇ ଭାରତୀୟ ଚୟନକର୍ତ୍ତା ବ୍ୟସ୍ତ ନ ଥିବା ଜଣାପଡିଛି। ଫଳରେ ଶାମି ବର୍ଡର-ଗାଭାସ୍କର ଟିମ୍‌ରେ ସ୍ଥାନ ନ ପାଇଲେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିବେ ବୋଲି ସୂଚନା ଦେଇଛନ୍ତି ବେଙ୍ଗଲ ଦଳର କୋଚ୍ ଲକ୍ଷ୍ମୀରତନ ଶୁକ୍ଲା।




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA,CUTTACK:7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805, DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889, NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126. dentsu/dha bhu/10/24

3-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ